୬ ବ୍ୟାଡ଼ମିଣ୍ଟନ ବିଶ୍ୱ ଚାମ୍ପିୟନସିପ୍ : ଭାରତ ପାଇଁ ପଦକ ପକ୍କା କଲେ ତ୍ରିସା-ଗାୟତ୍ରୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS

# ସମ୍ବାଦ କଳିକା
The Sambad Kalika TM

e-paper www.sambadkalika.in
E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୦୩ ● ୨୩ ଅଗଷ୍ଟ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-203 ● 23rd August 2026, Sunday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରାଯିବ

# ସ୍ୱଚ୍ଛତା ରକ୍ଷା କରୁଥିବା ହାତର ଗରିମା ରକ୍ଷା କରିବା ଆମର ଦାୟିତ୍ୱ

ଭୁବନେଶ୍ୱର, ୨୨।୮
ନ୍ୟୁଜ୍ ବ୍ୟୁରୋ

ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର, ସୁରକ୍ଷିତ ପରିବେଶ ଏବଂ ଯେଉଁ ଲୋକମାନେ ଏହି ସ୍ୱଚ୍ଛତାକୁ ନିଶ୍ଚିତ କରୁଛନ୍ତି, ସେମାନଙ୍କ ସୁରକ୍ଷିତ ଜୀବନ ଏକାନ୍ତ ଅପରିହାର୍ଯ୍ୟ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗରିମା ଦିବସ ୨୦୨୬ ଅବସରରେ କହିଛନ୍ତି ।

ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଗରିମା ଦିବସ ଅବସରରେ ଶନିବାର ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଥିଲା । ଏହି କର୍ମଶାଳାର ବିଷୟବସ୍ତୁ ଥିଲା ମିଶନ୍ ଜିରୋ ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ । ଏହି କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଥିଲେ । ଏହି ଦିବସଟି ସଫେଇ କର୍ମୀଙ୍କ ଜୀବନକୁ ସୁରକ୍ଷିତ କରିବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ସମାଜରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।




ଉପସ୍ଥିତ ବିଶେଷଜ୍ଞ, ଅଧିକାରୀ ଓ ପରିମଳ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୧୪ ଅଗଷ୍ଟ ୧୫ରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସ୍ୱଚ୍ଛତା ଭାରତର ଜାତୀୟ ବିକାଶର ପରିସୀମାଭୁକ୍ତ ହୋଇଥିଲା । ମୋଦୀଙ୍କ ନେତୃତ୍ୱରେ ସ୍ୱଚ୍ଛତା ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ଦେଶର ଅର୍ଥନୀତି, ପ୍ରତିରକ୍ଷା *(ପୃଷ୍ଠା ୭ରେ)*

## ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ

# ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସହାୟତା ଓ ଉଦ୍ଧାର କାର୍ଯ୍ୟ ଜାରି

ଭୁବନେଶ୍ୱର, ୨୨।୮
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ବର୍ତ୍ତମାନ ବନ୍ୟା ଓ ବର୍ଷା ପରିସ୍ଥିତି ସମ୍ପର୍କରେ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ଜାରି ସ୍ଥିତି ରିପୋର୍ଟ ଅନୁଯାୟୀ ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ଜିଲ୍ଲା ପ୍ରଶାସନଗୁଡ଼ିକୁ ସମସ୍ତ ପ୍ରକାର ଆକସ୍ମିକ ପରିସ୍ଥିତି ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ଏଥିସହ କେତେକ ଜିଲ୍ଲାରେ ବଜ୍ରପାତ ସହ ଘଡ଼ଘଡ଼ି ଓ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି ।



ଶନିବାର ସକାଳ ୧୧ଟି ସୁଦ୍ଧା ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା ଆଦି ସମସ୍ତ ନଦୀର ଜଳପତ୍ତନ ସ୍ତର ଉଭୟ ବିପଦ ସଙ୍କେତ ଏବଂ ସତର୍କ ସଂକେତ ଠାରୁ କମ୍ ସ୍ତରରେ ପ୍ରବାହିତ ହେଉଛି, ଯାହା ଆଶ୍ୱସ୍ତିକର ବିଷୟ ।

୨୨ ଅଗଷ୍ଟ ସକାଳ ସୁଦ୍ଧା ପୂର୍ବ ୨୪ ଘଣ୍ଟାରେ ରାଜ୍ୟର ହାରାହାରି ବର୍ଷା ପରିମାଣ ୬.୮ ମି.ମି. ରେକର୍ଡ କରାଯାଇଛି । ଏହି ସମୟରେ ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକରେ ସର୍ବାଧିକ ୯୩ ମି.ମି. ବର୍ଷା ରେକର୍ଡ ହୋଇଥିଲା ବେଳେ ୧୧ଟି ବ୍ଲକରେ ୫୦ ମି.ମି.ରୁ ଅଧିକ ଏବଂ ୨୧ଟି ବ୍ଲକରେ ୨୫ରୁ ୫୦ ମି.ମି. ବର୍ଷା ହୋଇଛି ।

ଅଗଷ୍ଟ ୧ରୁ ୨୨ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୨୭୨.୨ ମି.ମି. ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ପରିମାଣ ୨୫୨.୬ ମି.ମି. ତୁଳନାରେ ଏହା ୭.୮ ପ୍ରତିଶତ ଅଧିକ । ସେହିପରି *(ପୃଷ୍ଠା ୭ରେ)*

## ପାରାଦୀପରୁ ବାହାରିଥିବା ମାଲବାହୀ ଜାହାଜ ନିଖୋଜ

ଜଗତସିଂହପୁର, ୨୨।୮
ନ୍ୟୁଜ୍ ବ୍ୟୁରୋ

ପାରାଦୀପରେ ବଡ଼ ଅଘଟଣ ଘଟିଛି । ମଝି ସମୁଦ୍ରରେ ମାଲବାହୀ ଜାହାଜ ବୁଡ଼ିଯାଇଛି । ଏହି ଜାହାଜଟି ପାନାମାର ବୋଲି ଜଣାପଡ଼ିଛି । ଏଥିରେ ୨୪ ଜଣ କ୍ରୁ ସଦସ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଚୀନର ନାଗରିକ ବୋଲି ଜଣାପଡ଼ିଛି ।

ସୂଚନା ଅନୁସାରେ ଜାହଜର ନାଁ ଓ୍ୱେସେନ-ଓ୍ୱିନର ପାରାଦୀପରୁ ୨୦ ତାରିଖ ରାତି ସାଢେ ୧୦ଟାରେ ଲୁହାପଥର ନେଇ ଚାଇନା ଯାଉଥିଲା । *(ପୃଷ୍ଠା ୭ରେ)*

## ଏମ୍‌ଏମ୍‌ଡିଆର ଆଇନ୍ ପ୍ରସଙ୍ଗରେ

# ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ରାଜ୍ୟପାଳ, ବାଚସ୍ପତିଙ୍କୁ ଭେଟିଲା କଂଗ୍ରେସ ବିଧାୟକ ଦଳ

ଭୁବନେଶ୍ୱର, ୨୨।୮
ନ୍ୟୁଜ୍ ବ୍ୟୁରୋ

ଖଣି ଓ ଖଣିଜଜାତ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ(ଏମ୍‌ଏମଡିଆର ଆକ୍ଟ)-୨୦୨୬ ପ୍ରସଙ୍ଗରେ ବିଧାନସଭାରା ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ରାଜ୍ୟ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଏହି ପରିପ୍ରେକ୍ଷୀରେ ଶନିବାର କଂଗ୍ରେସ ବିଧାୟକ ଦଳର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ବାଚସ୍ପତି ସୁରମା ପାଢ଼ୀଙ୍କୁ ପୃଥକ ଭାବେ ଭେଟି ଏହି ଦାବି ଉପସ୍ଥାପନ କରିଛନ୍ତି । ଏହି ପ୍ରସଙ୍ଗରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ଓଡ଼ିଶା ହେଉଛି ରତ୍ନଗର୍ଭା । କେନ୍ଦ୍ର ସରକାର ଏକଚାଟିଆ ଭାବେ




ଏମ୍‌ଏମଡିଆର ଆଇନରେ ସଂଶୋଧନ କରିବା ଫଳରେ ଓଡ଼ିଶା ୧ଲକ୍ଷ କୋଟି ଟଙ୍କା ରାଜସ୍ୱ ହରାଇବ । ଏହାସହ ପ୍ରତିବର୍ଷ ରାଜ୍ୟ ୨୦ ହଜାର କୋଟି ଟଙ୍କାର କ୍ଷତି ସହିବ । ଏହି କଳା ଆଇନକୁ କଂଗ୍ରେସ ବିରୋଧ କରୁଛି । ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ବିକାଶ କରିବେ ବୋଲି କହି କ୍ଷମତାକୁ ଆସିଥିଲେ । ଏମ୍‌ଏମଡିଆର ସଂଶୋଧନ ଆଇନ ସେମାନଙ୍କ ଅସଲ ଚେହେରା ସାମ୍ନାକୁ ଆଣିଛି । ଓଡ଼ିଶା ଜଙ୍ଗଲ, *(ପୃଷ୍ଠା ୭ରେ)*

# 'ବନ୍ଦେ ମାତରମ୍'କୁ ସମ୍ମାନ ଜଣାଇବା ସଂକଳ୍ପ ପାରିତ କଲା ବିଜେପି

ନୂଆଦିଲ୍ଲୀ, ୨୨।୮

ଭାରତୀୟ ଜନତା ପାର୍ଟି ଶନିବାର ଦିନ ଜାତୀୟ ଗୀତ 'ବନ୍ଦେ ମାତରମ୍' ର ସମ୍ମାନ, ମର୍ଯ୍ୟାଦା ଏବଂ ଐତିହାସିକ ପରମ୍ପରାର ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ପାରିତ କରିଛି ଏବଂ ସଂକଳ୍ପ ନେଇଛି ଯେ ଏହା 'ବନ୍ଦେ ମାତରମ୍' ର ପୂର୍ଣ୍ଣ ରୂପର ମର୍ଯ୍ୟାଦା ଏବଂ ଜାତୀୟ ଗୁରୁତ୍ୱର ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ ଏବଂ ଏହାର ଗୌରବମୟ ଇତିହାସକୁ ସାରା ଦେଶର ଲୋକଙ୍କ ନିକଟରେ ପହଞ୍ଚାଇବ ।

୧୯ ଅଗଷ୍ଟ ୨୦୨୬ ରେ କଂଗ୍ରେସ ଓ୍ୱାର୍କିଂ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ଦଳ ତୀବ୍ର ନିନ୍ଦା କରିଥିଲା, କଂଗ୍ରେସ କାର୍ଯ୍ୟକ୍ରମରେ କେବଳ ବନ୍ଦେ ମାତରମ୍‌ର ପ୍ରଥମ ଦୁଇ ପାରାଗ୍ରାଫ୍ ବା ଷ୍ଟାଞ୍ଜା ଗାଇବା ପାଇଁ ୧୯୩୭ ର ସଂକଳ୍ପକୁ ପୁନର୍ବାର ନିଶ୍ଚିତ କରିଥିଲା ।

ବିଜେପି ଏହାର ସଂକଳ୍ପରେ କହିଛି ଯେ ବନ୍ଦେ ମାତରମ୍ କେବଳ ଏକ ଗୀତ ନୁହେଁ ବରଂ ଭାରତର ଜାତୀୟ ଗୀତ, ଭାରତ ମାତାଙ୍କ ପ୍ରତି ଶ୍ରଦ୍ଧାର ଅଭିବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମର ପ୍ରେରଣାଦାୟୀ ମନ୍ତ୍ର ଏବଂ ଭାରତର ଜାତୀୟ ଚେତନାର ଏକ ଅମର ପ୍ରତୀକ । ଏହି ପ୍ରସ୍ତାବରେ କୁହାଯାଇଛି ଯେ ବନ୍ଦେ ମାତରମ୍ ସ୍ୱାଧୀନତା ଆନ୍ଦୋଳନ ସମୟରେ କୋଟି ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମ, ସାହସ ଏବଂ ସ୍ୱାଧୀନତାର ଭାବନା ଜାଗ୍ରତ କରିଥିଲା ।

ଏହି ପ୍ରସ୍ତାବରେ, ଭାରତୀୟ ଜନତା ପାର୍ଟି ୧୯ ଅଗଷ୍ଟ ୨୦୨୬ ରେ କଂଗ୍ରେସ ଓ୍ୱାର୍କିଂ କମିଟିର ନିଷ୍ପତ୍ତିକୁ ସ୍ପଷ୍ଟ ଭାବରେ ବିରୋଧ କରି କହିଥିଲା ଯେ ୧୯୩୭ ର ସଂକଳ୍ପକୁ ପୁନଃ ଗ୍ରହଣ କରିବା ଏବଂ ବନ୍ଦେ ମାତରମ୍‌କୁ କଂଗ୍ରେସ କାର୍ଯ୍ୟକ୍ରମରେ କେବଳ ଦୁଇଟି ପାରାଗ୍ରାଫ୍ ମଧ୍ୟରେ ସୀମିତ ରଖିବା ଜାତୀୟ ଭାବନାର ବିପରୀତ । ବିଜେପି କହିଛି ଯେ ଏହି ନିଷ୍ପତ୍ତି ବନ୍ଦେ ମାତରମ୍ ଏବଂ ଏହାର ଐତିହାସିକ ପରିଚୟର ସାମଗ୍ରିକ ମର୍ଯ୍ୟାଦାକୁ ସୀମିତ କରିବାର ଏକ ପ୍ରୟାସ ।

ଏହି ପ୍ରସ୍ତାବ ଅନୁଯାୟୀ, ବନ୍ଦେ ମାତରମ୍‌ର ମର୍ଯ୍ୟାଦା, ସମ୍ମାନ, ଐତିହାସିକ ପରମ୍ପରା ଏବଂ ଜାତୀୟ ମାନ୍ୟତା ବଜାୟ ରଖିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ । ଦଳ କହିଛି ଯେ କୌଣସି ରାଜନୈତିକ ଚା, ତୁଷ୍ଟିକରଣ କିମ୍ବା ସଂକୀର୍ଣ୍ଣ ଭୋଟ ବ୍ୟାଙ୍କ ରାଜନୀତି କାରଣରୁ ଜାତୀୟ ଗୀତର ମର୍ଯ୍ୟାଦାକୁ ହ୍ରାସ କରାଯାଇପାରିବ ନାହିଁ ।

ଏହାକୁ ଭାରତର ଜାତୀୟ ପରିଚୟ ସହିତ ଜଡିତ ଏକ ଅମର ପ୍ରତୀକ ବୋଲି କହି ଦଳ କହିଛି ଯେ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- କାନାଡା ଉପରେ ୫୦% ଶୁଳ୍କ ଲଗାଇଲେ ଟ୍ରମ୍ପ, ବାଣିଜ୍ୟ ଆଲୋଚନା ବାତିଲ ।
- ଢେଙ୍କାନାଳ ଓ କେନ୍ଦୁଝରରେ ଖୋଲିବ ଚାଉଳ ଏଟିଏମ୍ ।
- ବିହାରର ପଶ୍ଚିମ ଚମ୍ପାରଣରେ ଦ୍ରୁତଗାମୀ ବସ୍ ଅର୍କେଷ୍ଟ୍ରା ଦେଖୁଥିବା ଲୋକଙ୍କ ଉପରେ ମାଡିଗଲା, ୫ ମୃତ ।
- ବିସିଆଇ ଚେୟାରମ୍ୟାନ ମନନ ମିଶ୍ରଙ୍କ ଅସୀମିତ କାର୍ଯ୍ୟକାଳକୁ ଚ୍ୟାଲେଞ୍ଜ, ସୁପ୍ରିମକୋର୍ଟରେ ଯାଚିକା ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୩୦୯ (+୧୫୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୯୫୦ (+୧୪୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୨୩୨ (+୧୧୪)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୦)

# ପଦରାଜ ଉମାକାନ୍ତ ନାୟକ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ

ଭୁବନେଶ୍ୱର, ୨୨।୮
ନ୍ୟୁଜ୍ ବ୍ୟୁରୋ

ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, ଶିକ୍ଷାଦାନ ଶୈଳୀ ଏବଂ ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ଆଳିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦରାଜ ଉମାକାନ୍ତ ନାୟକ ୨୦୨୬ ମସିହାର ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଶ୍ରୀ ନାୟକ ୨୦୦୪ ମସିହା ଫେବୃଆରୀ ୨୦ ତାରିଖରେ ବରିମୁଣ୍ଡଳୀସ୍ଥିତ ମରୀଚପୁର ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ନିଜର ଶିକ୍ଷାଦାନ ଜୀବନ ଆରମ୍ଭ କରିଥିଲେ । ଅଭିଜ୍ଞତା ଭିତ୍ତିକ ଓ ସୃଜନଶୀଳ ଶିକ୍ଷାଦାନ ମାଧ୍ୟମରେ ଶ୍ରେଣୀଗୃହ ଶିକ୍ଷାଦାନର ମାନ ବୃଦ୍ଧି କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ସେ ୨ ଟି ଅନ୍ତର୍ଜାତୀୟ ଓ ୪ ଟି ଜାତୀୟ ସମ୍ମିଳନୀରେ ଶିକ୍ଷାଦାନ ପଦ୍ଧତି ସମ୍ପର୍କିତ ଗବେଷଣା ପତ୍ର ଉପସ୍ଥାପନ କରିଛନ୍ତି ।

ରାଜ୍ୟ ବୋର୍ଡ ବିଜ୍ଞାନ ପାଠ୍ୟପୁସ୍ତକକୁ ଆଧାର କରି ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବିଜ୍ଞାନାଗାରରେ ପରୀକ୍ଷା' ପ୍ରକାଶିତ ହୋଇଛି । ଏହି ପୁସ୍ତକରେ ସ୍କୁଲ ଲାବ୍ରୋଟୋରୀ ଏବଂ ଘରେ ମିଳୁଥିବା ସହଜଲଭ୍ୟ ସାମଗ୍ରୀକୁ ବ୍ୟବହାର କରି ବିଜ୍ଞାନ ପରୀକ୍ଷଣ କରିବାର ସରଳ ଉପାୟ ରହିଛି, ଯାହା ଶିକ୍ଷାର୍ଥୀଙ୍କ ପାଇଁ ବିଜ୍ଞାନ ପାଠକୁ ଅଧିକ କାର୍ଯ୍ୟଭିତ୍ତିକ ଓ *(ପୃଷ୍ଠା ୭ରେ)*

## ଗୁଜରାଟରେ ବିସ୍ଫୋରଣ : ୪ ମୃତ

ଅହମ୍ମଦାବାଦ, ୨୨।୮

ଗୁଜରାଟର କଚ୍ଛର ନଖତ୍ରାଣା ଅଞ୍ଚଳରେ ଶନିବାର ଏକ ଛୋଟ ହାତୀ ବାହାନରେ ହଠାତ୍ ହୋଇଥିବା ଜୋରଦାର ବିସ୍ଫୋରଣରେ ୪ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଦୁଇ ସହୋଦର ଭାଇ ଏବଂ ପ୍ରାୟ ତିନି ବର୍ଷ ବୟସର ଦୁଇ ନିରୀହ ଶିଶୁ ଅଛନ୍ତି । ଦୁର୍ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

କୋଟଡା ଜଡୋଦରା ନିକଟ ଭାଗଣୱାଡା ଅଞ୍ଚଳରେ ଏକ ଛୋଟ ହାତୀ ଯାନ ଯାଉଥିଲା । ଏହି ସମୟରେ ସେହି ଯାନରେ ହଠାତ୍ ଜୋରଦାର ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ଆଖପାଖର ଦୂରଦୂରାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ଶୁଣାଯାଇଥିଲା । ବିସ୍ଫୋରଣର ତୀବ୍ରତାର ଅନୁମାନ କରାଯାଇପାରେ ଯେ ଯାନର ପଛ ଭାଗର *(ପୃଷ୍ଠା ୭ରେ)*

## କଟକ ଓ ଭୁବନେଶ୍ୱରରେ ମାଲ ମାଲ ନକଲି ଛେନା ଓ ପନିର ବିକ୍ରି




## ଏକାଳ ପଖାଳ



ବିଜୟ ଯାହା କଲେଣି ଭାଇନା
ଛାନିଆ ଦେଶର ନେତା
ଯୋଜନା ବରଷା ଏମିତି କରନ୍ତି
କଣା ହେଲାଣି ଯେ ଛତା
ନବଜାତ ସୁନା ମୁଦି କଥା
ଏଇକଥା ଜାଣି ଜନତା ଆନନ୍ଦେ
ରାଜନୀତିଆଙ୍କୁ ଚିନ୍ତା ।

# କ୍ଲୋରଫେନିରାମିନ୍-ଫିନାଇଲେଫ୍ରିନ୍ ମିଶ୍ରଣ ଔଷଧ ଉପରେ ପ୍ରତିବନ୍ଧକ ଲଗାଇଲେ କେନ୍ଦ୍ର ସରକାର



ନୂଆଦିଲ୍ଲୀ, ୨୨।୮

କେନ୍ଦ୍ର ସରକାର ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କ୍ଲୋରଫେନିରାମିନ୍ ମାଲେଟ୍ ଏବଂ ଫିନାଇଲେଫ୍ରିନ୍ ହାଇଡ୍ରୋକ୍ଲୋରାଇଡ୍ ଯୁକ୍ତ ସମସ୍ତ ସ୍ଥିର-ଡୋଜ୍ ମିଶ୍ରଣ (ଏଫଡିସି) କାଶ ଏବଂ ଥଣ୍ଡା ଔଷଧର ଉତ୍ପାଦନ, ବିକ୍ରୟ ଏବଂ ବଣ୍ଟନ ଉପରେ ନୂତନ କଟକଣା ଲାଗୁ କରିଛନ୍ତି । ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ଔଷଧଗୁଡ଼ିକ ଚାରି ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଦିଆଯିବ ନାହିଁ ।

ଶନିବାର ଜାରି ହୋଇଥିବା ଏକ ବିଜ୍ଞପ୍ତି ଅନୁଯାୟୀ, ଏହି ଔଷଧଗୁଡ଼ିକର ଲେବଲ୍, ପ୍ୟାକେଜ୍ ଇନସର୍ଟ ଏବଂ ପ୍ରଚାରମୂଳକ ସାମଗ୍ରୀରେ ଏକ ଚେତାବନୀ ଦେବାକୁ ପଡ଼ିବ । ପୂର୍ବରୁ, ଏହି ନିର୍ଣ୍ଣୟ ଏପ୍ରିଲ୍ ୧୫, ୨୦୨୫ ପର୍ଯ୍ୟନ୍ତ କିଛି ଏଫଡିସି ଔଷଧ ଉପରେ ଲାଗୁ କରାଯାଇଥିଲା । ବର୍ତ୍ତମାନ, ସରକାର ଏହି ନିୟମ ଅଧୀନରେ କ୍ଲୋରଫେନିରାମିନ୍ ମାଲେଟ୍ ଏବଂ ଫିନାଇଲେଫ୍ରିନ୍ ହାଇଡ୍ରୋକ୍ଲୋରାଇଡ୍ ଯୁକ୍ତ ସମସ୍ତ ଏଫଡିସି ଔଷଧକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହାର ପରିସରକୁ ବିସ୍ତାର କରିଛନ୍ତି । ବିଶେଷଜ୍ଞ କମିଟି ଏବଂ ଡ୍ରଗ୍ସ ଟେକ୍ନିକାଲ୍ ଆଡଭାଇଜରୀ ବୋର୍ଡର ସୁପାରିଶ ଆଧାରରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ସରକାର କହିଛନ୍ତି ଯେ ସୁରକ୍ଷିତ ବିକଳ୍ପ ଉପଲବ୍ଧତାକୁ ଦୃଷ୍ଟିରେ ରଖି ଚାରି ବର୍ଷରୁ କମ୍ ବୟସର *(ପୃଷ୍ଠା ୭ରେ)*

# ୨୪ ଘଣ୍ଟାରେ ପୁଣି ଲଘୁଚାପ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୨।୮
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨୪ ଘଣ୍ଟାରେ ପୁଣି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ତତ୍-ସଂଲଗ୍ନ ବାଂଲାଦେଶ ଉପକୂଳସ୍ଥ ସମୁଦ୍ର ଅଞ୍ଚଳରେ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ । ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ।

ଆସନ୍ତା ୨୪ ଘଣ୍ଟା ପାଇଁ ସମଗ୍ର ରାଜ୍ୟରେ ବିଜୁଳି ଘଡଘଡି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡା, ଗଜପତି ଜିଲ୍ଲା ପାଇଁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ଏହି ଜିଲ୍ଲା ଗୁଡିକରେ ୧୨ ସେମିରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିପରି ୧୬ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ । ସମୁଦ୍ର ଅଶାନ୍ତ ରହିବା କାରଣରୁ ୨୪ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି ।





# ଫେଲ ମାରିଛି ଉମରକୋଟ ପୌରାଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**



ନବରଙ୍ଗପୁର ଜିଲ୍ଲା ଉମରକୋଟ ପୂର୍ବରୁ ନଗରନିଗମ ରେ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ପୌରାଞ୍ଚଳରେ ପରିଣତ ହୋଇ ମଧ୍ୟ ଏହାର କୌଣସି ସଫଳ ରୂପାୟନ ଦେଖିବାକୁ ମିଳି ପାରି ନାହିଁ। ପୌରାଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନର ଆଶାନୁରୂପ ଫଳାଫଳ ନମିଳିବା ଏବଂ କାର୍ଯ୍ୟକାରିତାରେ ଅବହେଳା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସରକାରୀ ସ୍ତରରେ ବିପୁଳ ଅର୍ଥ ବ୍ୟୟ ବରାଦ ସତ୍ତ୍ୱେ କେତେକ ମୁଖ୍ୟ କାରଣ ଯୋଗୁଁ ଏହି ଅଭିଯାନ ବାଟବଣା ହେଉଥିବା ନଜର ଆସୁଛି। ସବୁଜ ସୁନ୍ଦର ଉମରକୋଟ ଆମର ଏହା ଖାଲି କାଗଜପତ୍ର ରେ ସୀମିତ। ପ୍ରାୟ ଏକ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ରେ ନିର୍ମାଣ ହୋଇ ଥିବା ଡ଼ମ୍ପିଙ୍ଗୟାର୍ଡ ଓ ପ୍ରୋସେସିଂ ପ୍ଲାଣ୍ଟ ର ସଠିକ ରୂପେ ସଫଳ ରୂପାୟନ ହେଉ ନ ଥିବା ଦେଖିବାକୁ ମିଳିଛି। ସହରର ପ୍ରତ୍ୟେକ ୱାର୍ଡରୁ ନିୟମିତ ଶୃଙ୍ଖଳା ଓ ଓଦା ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ତାହାର ସଠିକ୍ ସେଗ୍ରିଗେସନ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ ସକ୍ରିୟ ହୋଇପାରି ନାହିଁ। ସଂଗୃହିତ କଚଡ଼ା ପକାଇବା ପାଇଁ ସଠିକ୍ ଓ ସ୍ଥାୟୀ ବ୍ୟବସ୍ଥା ନଥିବାରୁ ରାସ୍ତାକଡ଼, ଖୋଲା ସ୍ଥାନ କିମ୍ବା ନଦୀନାଳ ଆଖପାଖରେ ଆବର୍ଜନା ଜମା ହୋଇ ଦୁର୍ଗନ୍ଧ ଓ ପ୍ରଦୂଷଣ ସୃଷ୍ଟି କରୁଛି। ମୁଖ୍ୟ ବଜାର, ସାହି ଏବଂ ଜନବସତି ଅଞ୍ଚଳରେ ନାଳଗୁଡ଼ିକ ନିୟମିତ ସଫା ନହୋଇ ବର୍ଷା ଦିନେ ଦୂଷିତ ଜଳ ରାସ୍ତା ଉପରକୁ ମାଡ଼ିଆସୁଛି। ଅନେକ ସ୍ଥାନରେ ନିର୍ମିତ ସାର୍ବଜନୀନ ଓ ସାମୁଦାୟିକ ଶୌଚାଳୟଗୁଡ଼ିକରେ ଜଳ ଯୋଗାଣ, ଆଲୋକ ଓ ସଫେଇର ଅଭାବ ଯୋଗୁଁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ମୁନିସିପାଲିଟି ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଓ ନିୟମିତ ତଦାରଖର ଅଭାବ ରହିବା ସହ ସାଧାରଣ ନାଗରିକଙ୍କ ମଧ୍ୟରେ ମଧ୍ୟ ସଚେତନତାର ଅଭାବ ଦେଖାଯାଉଛି। ସମସ୍ତ ୱାର୍ଡରେ ଗାଡ଼ି ମାଧ୍ୟମରେ ନିୟମିତ ବର୍ଜ୍ୟବସ୍ତୁ ସଂଗ୍ରହ ଓ ପୃଥକୀକରଣ। ସଞ୍ଜୀବନୀ ଓ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ସକ୍ରିୟ କରିବା ସହ ଜୈବିକ ଓ ଅଜୈବିକ କଚଡ଼ାର ସଠିକ୍ ପୁନରୁଦ୍ଧାର। ଜନସଚେତନତା ଅଭିଯାନ ବଜାର, ସ୍କୁଲ୍-କଲେଜ ଏବଂ ସାହିଗୁଡ଼ିକରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଇବା, ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଏବଂ ଏକକ ବ୍ୟବହାର ଉପଯୋଗୀ ପ୍ଲାଷ୍ଟିକ୍ ଉପରେ କଡ଼ା ନିୟମ ଓ ଜରିମାନା ଆଦାୟ କରାଗଲେ ଆଗାମୀ ଦିନରେ ଉମରକୋଟରେ ସବୁଜିମା ପରିବେଶ ସୃଷ୍ଟି ହେବା ସମ୍ଭବ ପର ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଉଠିଛି।

# ଦେଶର ସାମଗ୍ରିକ ବିକାଶରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ଜିଲ୍ଲାପାଳ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ସ୍ଥାନୀୟ ଷ୍ଟାଡିୟମ୍ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା ଜିଲ୍ଲାପାଳଙ୍କ ସହିତ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ନାୟକ ନିଜ ଅଭିଭାଷଣରେ ସ୍ୱାଧୀନତା ଦିବସର ମହତ୍ତ୍ୱ, ସ୍ୱାଧୀନତା ସଂଗ୍ରାମୀଙ୍କ ଅମର ତ୍ୟାଗ ଓ ବଳିଦାନ, ସମ୍ବିଧାନର ମୂଲ୍ୟବୋଧ ଏବଂ ଦେଶର ସାମଗ୍ରିକ ବିକାଶରେ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ପ୍ରଶାସନ, ଜନସାଧାରଣ, ଯୁବପିଢ଼ି ଓ ବିଭିନ୍ନ ବର୍ଗଙ୍କ ମଧ୍ୟରେ ସମନ୍ୱୟ ଓ ସହଭାଗିତାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ବୌଦ୍ଧ ତହସିଲଦାର ଅନୀତା କୁମାରୀ ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ୟାରେଡରେ ୩୨ ଟି ଦଳ ଅଂଶଗ୍ରହଣ କରି ପ୍ରଦର୍ଶନ କରିଥିଲେ । ଏହାପରେ ଶାରୀରିକ କ୍ରୀଡା ଓ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ୟାରେଡ ତଥା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରତିଭାବାନ ବ୍ୟକ୍ତିବିଶେଷ ଓ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ ଅତିଥିମାନେ ଷ୍ଟାଡିୟମ୍ ପରିସରରେ ବୃକ୍ଷରୋପଣ କରିଥିଲେ। ଜିଲ୍ଲା ରକ୍ତଭଣ୍ଡାରଠାରେ ସ୍ୱେଚ୍ଛାକୃତ ରକ୍ତଦାନ , ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କୁଷ୍ଠ କଲୋନୀ ଓ ଜିଲ୍ଲା କାରାଗାରରେ ଫଳ ବନ କରାଯାଇଥିଲା। ଅପରାହ୍ନରେ ଜିଲ୍ଲା ଷ୍ଟାଡିୟମ୍‌ରେ ଜିଲ୍ଲାପ୍ରଶାସନ ଓ ଜିଲ୍ଲା ଆଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଜିଲ୍ଲାପାଳ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଟାଉନହଲ୍‌ରେ କବିତା ପାଠୋତ୍ସବ, ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଏବଂ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସ୍ୱାଧୀନତା ଦିବସ ଅବସରରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପରିଚାଳନା କରିଥିଲେ । ପ୍ରାତଃକାଳୀନ କାର୍ଯ୍ୟକ୍ରମ ରାମଧୁନ୍‌ରୁ ଆରମ୍ଭ ହୋଇଥିଲା। ପରେ ସକାଳ ୬ଟାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରୀ ଓ ୭ଟାରେ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

# ଏମକେସିଜିରେ ୬ବର୍ଷ ଶିଶୁ ମୁଣ୍ଡରେ ସଫଳ ଟ୍ୟୁମର ଅସ୍ତ୍ରୋପଚାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ ର ନ୍ୟୁରୋସର୍ଜରୀ ବିଭାଗର ଡ଼ାକ୍ତରମାନେ ଜଣେ ୬ ବର୍ଷ ବୟସର ଶିଶୁର ମୁଣ୍ଡରେ ସଫଳତାର ସହ ବ୍ରେନ୍ ଟ୍ୟୁମର ଅସ୍ତ୍ରୋପଚାର କରିଛନ୍ତି । ଏହି ଅସ୍ତ୍ରୋପଚାର ପାଇଁ ଡ଼ାକ୍ତରୀ ଦଳକୁ ୯ ଘଣ୍ଟା ପରିଶ୍ରମ କରିବାକୁ ପଡ଼ିଛି । ଶିଶୁଟି ବର୍ତ୍ତମାନ ସୁସ୍ଥ ଥିବା ଡ଼ାକ୍ତରମାନେ କହିଛନ୍ତି । ସୂଚନାପ୍ରକାରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ଲେଡ୍ରିଗୁଡ଼ା ଗ୍ରାମର ବନଦାମିଙ୍କ ପୁଅ ପ୍ରଭାସ ଦାମି (୬)ଙ୍କ ଅଚାନକ ମୁଣ୍ଡବିନ୍ଧା ଓ ବାନ୍ତି ହୋଇଥିଲା । ପରିବାର ଲୋକେ ତାଙ୍କୁ ନେଇ ସେଠାକାର ମେଡ଼ିକାଲ୍ କଲେଜରେ ଚିକିତ୍ସା କରାଇଥିଲେ। ପରୀକ୍ଷା ରିପୋର୍ଟ ଆସିବା ପରେ ଶିଶୁର ମୁଣ୍ଡରେ ଟ୍ୟୁମର ଥିବା ଜଣାପଡ଼ିଥିଲା। ଶିଶୁକୁ ସେଠାରୁ ଏମ୍‌କେସିଜି ମେଡ଼ିକାଲ୍‌କୁ ରେଫର କରାଯାଇଥିଲା। ଏମ୍‌କେସିଜିର ନ୍ୟୁରୋସର୍ଜରୀ ବିଭାଗର ଡ଼ାକ୍ତରମାନେ ଶିଶୁର ଚିକିତ୍ସା ଆରମ୍ଭ କରିଥିଲେ । ଜୁନ୍ ୨୦ ତାରିଖରେ ଶିଶୁର ମୁଣ୍ଡରେ ପ୍ରଥମ ଥର ଅସ୍ତ୍ରୋପଚାର ହୋଇ ଷ୍ଟେଣ୍ଟ ପଡ଼ିଥିଲା। ପରେ ଜୁଲାଇ ୩୧ ରେ ଦ୍ୱିତୀୟ ଥର ଅସ୍ତ୍ରୋପଚାର କରି ମୁଣ୍ଡରୁ ଟ୍ୟୁମରକୁ ସାନ ସାନ ଖଣ୍ଡ କରି ବାହାର କରାଯାଇଥିଲା ।

# ଗୁରୁ ଭିକାରୀ ଚରଣ ନାଏକଙ୍କ ନାଟ୍ୟ ସାଧନା ଉପରେ ଆଲୋକପାତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ମାଟିର ନାଟ୍ୟ ଓ ସାଂସ୍କୃତିକ ପରମ୍ପରାକୁ ସମୃଦ୍ଧ କରିବା ସହ ରାମଲୀଳା ନାଟ୍ୟକଳାର ପ୍ରସାର ଓ ସଂରକ୍ଷଣରେ ଜୀବନକୁ ସମର୍ପିତ କରିଥିବା ବିଶିଷ୍ଟ ନାଟ୍ୟ ସାଧକ ତଥା ଶ୍ରୀରାମଲୀଳା ନାଟ୍ୟ ସଂସଦର ଗୁରୁ ସ୍ୱର୍ଗତ ଭିକାରୀ ଚରଣ ନାଏକଙ୍କ ସ୍ମୃତିରେ ସ୍ଥାନୀୟ ଟାଉନହଲ୍‌ଠାରେ ଏକ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି ସଭାରେ ଗୁରୁ ଭିକାରୀ ଚରଣ ନାଏକଙ୍କ ନାଟ୍ୟ ସାଧନା, କଳା ପ୍ରତି ଅବିଚଳ ନିଷ୍ଠା ଏବଂ ବୌଦ୍ଧର ସାଂସ୍କୃତିକ ଜଗତ ପ୍ରତି ତାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ଶ୍ରୀ ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗୁରୁ ଭୀକାରି ଚରଣ ନାଏକଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶ୍ରଦ୍ଧାଳି ଅର୍ପଣ ସହ ତାଙ୍କ ସ୍ମୃତିକୁ ଅମର କରିବା ଉଦ୍ଦେଶ୍ୟରେ ସ୍ମରଣିକା ମର୍ଯ୍ୟାଦା ଶୁଭ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା, ସମ୍ପାଦନା ମଣ୍ଡଳୀର ସଦସ୍ୟ ଡ. ଜ୍ୟୋତିରଞ୍ଜନ ବହିଦାର, ପ୍ରାଧ୍ୟାପକ ବାସୁଦେବ ପାତ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ବସ ସାହୁ, ଶ୍ରୀ ରାମଲୀଳା ନାଟ୍ୟ ସଂସଦର ନାଟ୍ୟ ରଚୟିତା ଗୁରୁ ହୃଦାନନ୍ଦ ମେହେର ଓ ସମ୍ପାଦକ ମାନସ ମିଶ୍ର ଉପସ୍ଥିତ ଥିଲେ। ସଭାରେ ବକ୍ତାମାନେ ଗୁରୁ ଭୀକାରି ଚରଣ ନାଏକଙ୍କ ଜୀବନ, ନାଟ୍ୟ ସାଧନା ଓ କଳା ପ୍ରତି ତାଙ୍କର ନିଷ୍ଠା ଉପରେ ଆଲୋକପାତ କରିଥିଲେ। ଶିଷ୍ୟମାନଙ୍କୁ ନାଟ୍ୟକଳାର ଶିକ୍ଷା ପ୍ରଦାନ ସହ ରାମଲୀଳା ପରମ୍ପରାକୁ ଜୀବ ରଖିବା ଦିଗରେ ତାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ତାଙ୍କ ପରି ଜଣେ ନାଟ୍ୟ ସାଧକଙ୍କ ସ୍ମୃତି ଓ କଳା ସାଧନାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ସମସ୍ତଙ୍କ ଦାୟିତ୍ୱ ବୋଲି ବକ୍ତାମାନେ ମତ ଦେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ସାହୁ ନିଜ ଅଭିଭାଷଣରେ ବୌଦ୍ଧର ରାମଲୀଳା ପରମ୍ପରାର ପ୍ରଶଂସା କରି କହିଥିଲେ, ରାମଲୀଳାର ଇତିହାସ କଥା କହିଲେ ବୌଦ୍ଧର ନାମ ସର୍ବପ୍ରଥମେ ଆସେ। ସମଗ୍ର ଏସିଆ ମହାଦେଶରେ ବୌଦ୍ଧରେ ଯେଭଳି ଭାବରେ ରାମଲୀଳା ପରମ୍ପରା ପାଳିତ ହୋଇଆସୁଛି, ତାହା ଅନନ୍ୟ। ସ୍ମରଣିକା ମର୍ଯ୍ୟାଦା ଶ୍ରୀ ସମ୍ପର୍କରେ ସେ କହିଥିଲେ ଯେ,ଗୁରୁ ଭୀକାରି ଚରଣ ନାଏକଙ୍କ ସ୍ମୃତିରେ ଏଭଳି ସ୍ମରଣିକା ପ୍ରକାଶନ ମାଧ୍ୟମରେ ବୌଦ୍ଧର ନାଟ୍ୟ ଓ ସାଂସ୍କୃତିକ ଐତିହ୍ୟକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିବାର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ ହୋଇଛି ବୋଲି ମତ ଦେଇଥିଲେ। ମର୍ଯ୍ୟାଦା ଶ୍ରୀ ସ୍ମରଣିକାର ଉନ୍ମୋଚନ ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା। ସଭାରେ ବୌଦ୍ଧ ସହରର ବୁଦ୍ଧିଜୀବୀ,ସାହିତ୍ୟ ଓ ସଂସ୍କୃତିପ୍ରେମୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏବଂ ସଂସଦର ସଦସ୍ୟମାନେ ଯୋଗଦେଇ ଗୁରୁଙ୍କ ଅମ୍ଳାନ ଅବଦାନ ପ୍ରତି ଶ୍ରଦ୍ଧା ଜ୍ଞାପନ କରିଥିଲେ। ବୌଦ୍ଧର ନାଟ୍ୟ ଓ ସାଂସ୍କୃତିକ ଜଗତରେ ତାଙ୍କ ସାଧନା ସଦା ସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା।

# ମାନବାଧିକାର ଶିକ୍ଷା ଓ ଗବେଷଣାକୁ ଆନୁଷ୍ଠାନିକ ରୂପଦେବା ନେଇ ଗୁରୁତ୍ୱାରୋପ

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ଫକୀରମୋହନ ବିଶ୍ୱବିଦ୍ୟାଳୟରେ "ସମସାମୟିକ ଭାରତରେ ମାନବାଧିକାର: ପ୍ରସଙ୍ଗ ଓ ଆହ୍ୱାନ" ଶୀର୍ଷକ ଏକ ସପ୍ତାହବ୍ୟାପୀ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ଏକ ସପ୍ତାହ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାରତରେ ମାନବାଧିକାର ସମ୍ପର୍କିତ ଉଦୀୟମାନ ପ୍ରସଙ୍ଗ, ଆନୁଷ୍ଠାନିକ ବ୍ୟବସ୍ଥା ଓ ସମସାମୟିକ ଆହ୍ୱାନ ଉପରେ ଅଧ୍ୟାପକ ଓ ଗବେଷକମାନଙ୍କ ମଧ୍ୟରେ ବହୁବିଷୟଭିତ୍ତିକ ଆଲୋଚନା ଓ ଚିନ୍ତନର ସୁଯୋଗ ସୃଷ୍ଟି କରାଯାଇଛି। ଉଦଘାଟନୀ ଅଧିବେଶନରେ ସ୍ନାତକୋତ୍ତର ସାମାଜିକ ବିଜ୍ଞାନ ବିଭାଗର ଅଧ୍ୟାପିକା ତଥା କାର୍ଯ୍ୟକ୍ରମ ସଂଯୋଜିକା ଡ଼କ୍ଟର ରାଜଶ୍ରୀ ଦତ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପରିପ୍ରେକ୍ଷୀତ ସମ୍ପର୍କରେ ଅବଗତ କରାଇଥିଲେ। ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ଏବଂ ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ଡ଼କ୍ଟର ଗୀତାଞ୍ଜଳି ପଣ୍ଡା ଉଦ୍‌ବୋଧନ ଦେଇ ମାନବାଧିକାରକୁ କେନ୍ଦ୍ର କରି ଶିକ୍ଷା, ଗବେଷଣା ଓ ଏକାଡେମିକ ଆଲୋଚନାକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିସହ ଅଧିବେଶନକୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ବିଶିଷ୍ଟ ବୌଦ୍ଧିକ ଉଦ୍‌ବୋଧନ ଆହୁରି ସମୃଦ୍ଧ କରିଥିଲା। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ମଧ୍ୟ ଉପସ୍ଥିତ ଅଧ୍ୟାପକ ଓ ଗବେଷକମାନଙ୍କୁ ସମ୍ବୋଧିତ କରିଥିଲେ। ଅଧ୍ୟକ୍ଷୀୟ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟରେ ମାନବାଧିକାର ଶିକ୍ଷା ଓ ଗବେଷଣାକୁ ଆନୁଷ୍ଠାନିକ ରୂପ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଖୁବଶୀଘ୍ର ବିଶ୍ୱବିଦ୍ୟାଳୟରେ - ମାନବାଧିକାର ବିଷୟ ଉପରେ ସାର୍ଟିଫିକେଟ୍ ପାଠ୍ୟକ୍ରମ ଓ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ କରାଯିବା ସହ ଏକ ମହିଳା ଅଧ୍ୟୟନ କେନ୍ଦ୍ର ଓ ମାନବାଧିକାର କେନ୍ଦ୍ର ପ୍ରତିଷ୍ଠା ପାଇଁ ବିଶ୍ୱବିଦ୍ୟାଳୟର ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଏହି ପଦକ୍ଷେପଗୁଡ଼ିକ ସମସାମୟିକ ସାମାଜିକ ପ୍ରସଙ୍ଗ ସହ ବିଶ୍ୱବିଦ୍ୟାଳୟର ଏକାଡେମିକ ସମ୍ପର୍କକୁ ଆହୁରି ଦୃଢ଼ କରିବା ସହ ସଚେତନ, ସମ୍ବେଦନଶୀଳ ଓ ସାମାଜିକ ଦାୟିତ୍ୱସମ୍ପନ୍ନ ପେସାଦାର ଓ ଗବେଷକ ଗଢ଼ି ତୋଳିବାରେ ସହାୟକ ହେବ ବୋଲି କୁଳପତି ପ୍ରକାଶ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ସଂଯୋଜକ ଡ଼କ୍ଟର ସଚ୍ଚିଦାନନ୍ଦ ସା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅରୁଣ କୁମାର ନାୟକ ଅଧିବେଶନ ପରିଚାଳନା କରିଥିଲେ। ଏହି ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ମହାବିଦ୍ୟାଳୟର ପ୍ରାୟ ୪୦ ଜଣ ଅଧ୍ୟାପକ ଓ ଗବେଷକ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ମୋଟ ୧୯ଟି ଏକାଡେମିକ ଅଧିବେଶନ ଆୟୋଜିତ ହେବ। ଏହି ଅଧିବେଶନଗୁଡ଼ିକରେ ମାନବାଧିକାର ଗବେଷଣା ପଦ୍ଧତି, ଲିଙ୍ଗ ଓ ମାନବାଧିକାର, ମାନବାଧିକାର ସଂସ୍ଥା ଓ ଶାସନ ବ୍ୟବସ୍ଥା, ଅନୁସୂଚିତ ଜାତି-ଜନଜାତି ଓ ସଂଖ୍ୟାଲଘୁଙ୍କ ଅଧିକାର, ଡିଜିଟାଲ ଯୁଗରେ ମାନବାଧିକାର—ଗୋପନୀୟତା, କୃତ୍ରିମ ବୁଦ୍ଧିମତ୍ତା ଓ ସାଇବର ଅଧିକାର, ଭାରତରେ ମାନବାଧିକାର ଓ ଆର୍ଥିକ ଅନ୍ତର୍ଭୁକ୍ତି, ଲିଙ୍ଗ ଓ ସାମାଜିକ ନ୍ୟାୟ, ଭାରତୀୟ ପରିପ୍ରେକ୍ଷୀରେ ଶିକ୍ଷା ନୀତି ଓ କାର୍ଯ୍ୟକ୍ରମ, ବଞ୍ଚିତ ବର୍ଗଙ୍କ ମାନବାଧିକାର, ପରିବର୍ତ୍ତନଶୀଳ ସମାଜରେ ମାନବାଧିକାର, ଅର୍ଥନୈତିକ ଅଧିକାର ଓ ଏହାର କାର୍ଯ୍ୟକାରୀକରଣର ଆହ୍ୱାନ ଏବଂ ଭାରତରେ ବିପରୀତଲିଙ୍ଗୀ ଓ ଟ୍ରାନ୍ସଜେଣ୍ଡର ବ୍ୟକ୍ତିଙ୍କ ଅଧିକାର ଭଳି ବିଭିନ୍ନ ସମସାମୟିକ ବିଷୟ ଉପରେ ବିଶେଷଜ୍ଞମାନେ ଆଲୋଚନା କରିବେ। କାର୍ଯ୍ୟକ୍ରମର ଶେଷ ଦିନରେ ଅଂଶଗ୍ରହଣକାରୀମାନଙ୍କ ଗୋଷ୍ଠୀଗତ କ୍ଷୁଦ୍ର ପ୍ରକଳ୍ପ ଉପସ୍ଥାପନା ଓ ମୂଲ୍ୟାଙ୍କନ ପରେ ସମାପନୀ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣକାରୀଙ୍କ ମତାମତ, ପ୍ରମାଣପତ୍ର ବଣ୍ଟନ ଓ ସମାପନୀ ଅଭିଭାଷଣ ରହିବ। ସମସାମୟିକ ଭାରତୀୟ ସାମାଜିକ, ରାଜନୈତିକ ଓ ଆନୁଷ୍ଠାନିକ ପରିପ୍ରେକ୍ଷୀରେ ମାନବାଧିକାର ସମ୍ପର୍କିତ ଗଭୀର ବୁଝାମଣା ବିକଶିତ କରିବା, ଗବେଷଣା ଦକ୍ଷତା ବୃଦ୍ଧି କରିବା ଏବଂ ଏକାଡେମିକ ଆଦାନପ୍ରଦାନକୁ ସୁଦୃଢ଼ କରିବାରେ ଏହି କାର୍ଯ୍ୟକ୍ରମ ଉଲ୍ଲେଖନୀୟ ଭୂମିକା ନେବ। ଉଦୀୟମାନ ସାମାଜିକ ଆବଶ୍ୟକତା ଅନୁରୂପ ଶିକ୍ଷା ଓ ଗବେଷଣାକୁ ଆହୁରି ଲୋକାଭିମୁଖୀ ଓ ବହୁବିଷୟଭିତ୍ତିକ କରିବା ଦିଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# 'କୁଇନ୍ସ ଶ୍ରାବଣ ମିଳନ'ରେ ନୃତ୍ୟ ଗୀତର ଆସର

**ବ୍ରହ୍ମପୁର ନ୍ୟୁଜ୍ ବ୍ୟୁରୋ**

ଗିରି ରୋଡ ସ୍ଥିତ ସରକାରୀ ମାଧ୍ୟମିକ ଓ ପ୍ରଶିକ୍ଷଣ ଉଚ୍ଚ ବିଦ୍ୟାଳୟ ର ଚତୁର୍ଥ ବନ୍ଧୁ ମିଳନ କାର୍ଯ୍ୟକ୍ରମ କୁଇନ୍ସ ଶ୍ରାବଣ ମିଳନ ଭୁବନେଶ୍ୱର ଠାରେ ଥିବା ହୋଟେଲ ବେଲ ଫୋର୍ଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୯୮୬ ଦଶମ ବ୍ୟାଚ୍ ର ପ୍ରାୟ ୪୦ ଜଣ ଛାତ୍ରୀ ଯୋଗଦାନ କରିଥିଲେ । ପ୍ରଥମେ ପ୍ରଭୁ ଜଗନ୍ନାଥ ଙ୍କ ପାଖରେ ପ୍ରଦ୍ୱୀପ ପ୍ରଜ୍ୱଳନ କରି ସ୍କୁଲ ର ପ୍ରାର୍ଥନା ଆହେ ଦୟାମୟ ବିଶ୍ୱ ବିହାରୀ ଗାନ କରାଯାଇଥିଲା । ପରେ ପରେ ରଶ୍ମିତା ପାଣିଗ୍ରାହୀ ଅନୁଷ୍ଠାନିକ ଭାବେ ସମସ୍ତଙ୍କୁ ସ୍ୱାଗତ କରିଥିଲେ. ମୌସୁମୀ ସେଠି ପୁରୁଣା ଦିନର ସ୍ମୃତି କୁ ମନେପକାଇ ସମସ୍ତଙ୍କୁ ଅତୀତ କୁ ଫେରାଇନେଇଥିଲେ. ପରେ ପରେ କବୟତ୍ରୀ ବିନୋଦିନୀ ଗଉଡ ଙ୍କ ହସ୍ତଲେଖା କବିତା ପାଠ ସହ ନୃତ୍ୟ ଗୀତ ର ଆସର ଜମି ଥିଲା । ରଶ୍ମିତା ଓ ସ୍ୱର୍ଣ୍ଣ ର ରଙ୍ଗବତୀ ନୃତ୍ୟ ସ୍ୱର୍ଣ୍ଣ ସହ ମମତା ପଟ୍ଟନାୟକ, ଶୋଭନା ଏବଂ ଅନ୍ୟ ନୃତ୍ୟରେ ମଧୁଲିତା, ମମତା ମହାନ୍ତି, ଚେତନା, ଜୟଶ୍ରୀ , ମୌସୁମୀ ଙ୍କ ସହ ସମସ୍ତ ସଙ୍ଗିନୀ ଶ୍ରାବଣ ନୃତ୍ୟର ମଜା ନେଇଥିଲେ । ସାଗରିକା ମହାନ୍ତି, ଅପର୍ଣ୍ଣା, ସୁଚେତା, ଇନ୍ଦିରା ଓ ଅଂଶୁମାଳୀ ର ଭଜନ ସମସ୍ତଙ୍କ ମନକୁ ଛୁଇଁ ଥିଲା । ଆୟୋଜକ ମଣ୍ଡଳୀ ତଥା ମମତା, ଜୟଶ୍ରୀ, ଚେତନା, ମୌସୁମି,ମଧୁଲିତା ଙ୍କ ଦ୍ୱାରା ଖେଳ ଆୟୋଜନ ହୋଇଥିଲା । ନାରୀ ସଶକ୍ତିକରଣ ସ୍ୱରୂପ ରଶ୍ମିତା, ମମତା , ସ୍ୱର୍ଣ୍ଣ ଓ ମଧୁଲିତା ଙ୍କ ଦ୍ୱାରା ବେଶ ମଜାଦାର ଗୀତିନାଟ୍ୟ ପେଟେଣ୍ଟ ମେଡ଼ିସିନ ପରିବେଷଣ କରାଯାଇଥିଲା । ସୁଦୂର ମୁମ୍ବାଇ ରୁ ଗାୟିକା ସାଗରୀକା ଓ ହାଇଦ୍ରାବାଦ ରୁ ସୀତାରାଙ୍କ ଉପସ୍ଥିତି ସମସ୍ତଙ୍କୁ ବହୁତ ଖୁସି କରାଇଦେଇଥିଲା । ଶେଷରେ ଛେନାପୋଡ଼ କାଟି ସ୍ୱର୍ଣ୍ଣ ଦ୍ୱାରା ଶ୍ରାବଣ ମିଳନ କୁ ସମାପ୍ତ କରାଯାଇଥିଲା । ଚାରି ଦଶନ୍ଧିର ବନ୍ଧୁତ୍ୟ ର ଦ୍ୱାହି ଦେଇ ସମସ୍ତ ସଙ୍ଗିନୀ ପୁଣି ମିଶିବାର ସୁଯୋଗ ପାଇଥିବାରୁ ଖୁସିବ୍ୟକ୍ତ କରିଥିଲେ ।




# ୧୧ ଦଫା ଦାବିନେଇ ରାଜରାସ୍ତାରେ ଗର୍ଜିଲା ଭାରତୀୟ ମଜଦୁର ସଂଘ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**




ଭାରତୀୟ ମଜଦୁର ସଂଘର ରାଞ୍ଚି ଠାରେ ହୋଇଥିବା ୧୬୧ତମ କେନ୍ଦ୍ରୀୟ କାର୍ଯ୍ୟ ସମିତି ନିଷ୍ପତି ଅନୁଯାୟୀ ସାରା ଭାରତର ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ଶ୍ରମିକ ହିତରେ ପ୍ରତିବାଦ ଦିବସ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ଭାରତୀୟ ମଜଦୁର ସଂଘ ସଂଲଗ୍ନ ସମସ୍ତ ସଂଗଠନ ଯଥା ଅଲ ଓଡିଶା ଅଙ୍ଗନବାଡି ଲେଡ଼ିଜ ୱାର୍କର ଆସୋସିଏସନ, ଓଡିଶା ରାଜ୍ୟ ଆଶା କର୍ମୀ ସଂଘ, ଅଲ ଓଡିଶା ହସ୍ପିଟାଲ କର୍ମଚାରୀ ସଂଘ, ମଙ୍ଗଳ ଟିମର ଶ୍ରମିକ ସଂଘ, ଓଡିଶା କୃଷି ଓ ଗ୍ରାମୀଣ ମଜଦୁର ସଂଘ, ବିଶ୍ୱକର୍ମା ମଜଦୁର ସଂଘ ତରଫରୁ ନବରଙ୍ଗପୁର ପୋଲିସ ପଡିଆ ଠାରୁ ଏକ ବିରାଟ ସଭାଯାତ୍ରାରେ ବାହାରି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ପହଞ୍ଚି ବୀକ୍ଷଭ ପ୍ରଦର୍ଶନ କରାଯାଇଥିଲା ମାନ୍ୟବର ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀ, ମାନ୍ୟବର ଶ୍ରମ ମନ୍ତ୍ରୀ ନୂଆଦିଲ୍ଲୀ ମାନନୀୟା ଅର୍ଥ ମନ୍ତ୍ରୀ ନୂଆଦିଲ୍ଲୀ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ଭୁବନେଶ୍ୱର ଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଙ୍କ ଜରିଆରେ ୧୧ ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତିବାଦର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୀର୍ଘଦିନ ଧରି ଅପେକ୍ଷାରତ ଶ୍ରମିକ ସମସ୍ୟାଗୁଡିକର ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଶ୍ରମିକ ମାନଙ୍କ ଲମ୍ବିତ ଦାବୀ ଗୁଡିକ ଉପରେ ତତ୍କାଳ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି ।

# ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଡିଟୋରିୟମରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜଗତସିଂହପୁର ଶାଖା ତରଫରୁ ୧୦ କୋଟି ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସୁଜାତା ଓଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସ୍ଥାନୀୟ ସଞ୍ଚାଳିକା ବ୍ରହ୍ମା କୁମାରୀ ସାଗରିକା ତଥା ବରିଷ୍ଠ ଭ୍ରାତା ବ୍ରହ୍ମା କୁମାର ମିହିର ଅଲୌକିକ ଢଙ୍ଗରେ ନିଶାମୁକ୍ତ ଭାରତ ବିକଶିତ ଭାରତ ଗଠନ ନିମନ୍ତେ ସଭିଙ୍କୁ ସଚେତନ କରାଇଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅଧ୍ୟକ୍ଷାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ ସମସ୍ତ କର୍ମଚାରୀଙ୍କୁ ନେଇ ମୋଟ ୧୧୨୮ ଜଣ ନିଶାମୁକ୍ତି ପ୍ରତିଜ୍ଞା କରିଥିଲେ। ମହାବିଦ୍ୟାଳୟ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ଏହି କଲ୍ୟାଣମୟ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ। ଅଧ୍ୟକ୍ଷା ମହୋଦୟା ନିଜର ଅତ୍ୟନ୍ତ ଖୁସି ପ୍ରକଟ କରିବା ସହ ଉପସ୍ଥିତ ସମସ୍ତଙ୍କୁ ଅନ୍ତରର ଧନ୍ୟବାଦ ଅର୍ପଣ କରିଥିଲେ।

# ଟିପିସିଓଡିଏଲ୍‌ର ସୋଲାର ରଥକୁ ଶୁଭାରମ୍ଭ କଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍), ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜିଳି ଯୋଜନା ଅଧୀନରେ ରୁଫଟପ୍ ସୋଲାର ସମ୍ପର୍କରେ ସେଚତନତା ସୃଷ୍ଟି ଏବଂ ଏହାକୁ ଆପଣାଇବା ପାଇଁ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସୋଲାର ରଥର ଶୁଭାରମ୍ଭ କରିଛି। ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍, ଆଇଏଏସ୍ ଏହି ସୋଲାର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାର ମେଡଲ୍ ସୋଲାର ଭିଲେଜ୍ ଏବଂ ଅନ୍ୟାନ୍ୟ ଗ୍ରାମଗୁଡ଼ିକ ପରିକ୍ରମା କରି ଉପଭୋକ୍ତାମାନଙ୍କୁ ରୁଫଟପ୍ ସୋଲାର, ସରକାରୀ ସବସିଡି, ଯୋଗ୍ୟତା ତଥା ସଂଯୋଗ ପ୍ରକ୍ରିୟା ବିଷୟରେ ସେଚତନ କରିବ। ଏଥିସହ ସୋଲାର ସାଙ୍ଗ ଟିମ୍ ଉପଭୋକ୍ତା ମାନଙ୍କ ସହିତ ଅଲୋଚନା କରି ସେମାନଙ୍କ ପ୍ରଶ୍ନର ସମାଧାନ ମଧ୍ୟ କରିବେ। ପୂର୍ବରୁ, ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଜିଲ୍ଲା ସ୍ତରୀୟ କମିଟି ବୈଠକେର ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀନରେ 'ମେଡଲ୍ ସୋଲାର ଭିଲେଜ୍ ପ୍ରତିଯୋଗିତା' ପାଇଁ ୧୦ଟି ଗ୍ରାମକୁ ଚୟନ କରାଯାଇଥିଲା। ଏହି ଗ୍ରାମଗୁଡ଼ିକ ୯୦ ଦିନ ମଧ୍ୟରେ ସର୍ବାଧିକ ସଂଖ୍ୟକ ରୁଫଟପ୍ ସୋଲାର ସଂଯୋଗ ସ୍ଥାପନ କରିବାକୁ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ବିଜୟୀ ଗ୍ରାମ ଅକ୍ଷୟ ଶକ୍ତି ବିକାଶ ଅନୁଦାନ ଭାବେର ୧ କୋଟି ଟଙ୍କାର କେନ୍ଦ୍ରୀୟ ଆର୍ଥିକ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବ। ଏହି ଅବସରେର କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍, ଆଇଏଏସ୍ କହିଥିଲେ ଯେ, "ଏହି ସୋଲାର ରଥ ରୁଫଟପ୍ ସୋଲାର ବିଷୟରେ ସେଚତନତାକୁ ସିଧାସଳଖ ଲୋକଙ୍କ ନିକଟେର ପହଞ୍ଚାଇବ ଏବଂ ଅଧିକରୁ ଅଧିକ ପରିବାରକୁ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାର ଲାଭ ଉଠାଇବାେର ସାହାଯ୍ୟ କରିବ। ଏଭଳି ପଦେକ୍ଷପ ଜିଲ୍ଲାେର ଅକ୍ଷୟ ଶକ୍ତି ଏବଂ ଦୀଘର୍ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବ ।ଗ୍ରାମସଭା ଏବଂ ସୋଲାର ରଥ ଭଳି ପଦେକ୍ଷପ ମାଧ୍ୟମରେ ଟିପିସିଓଡିଏଲ୍ ସେଚତନତାକୁ ନିରନ୍ତର ସୁଦୃଢ଼ କରୁଛି ଏବଂ ସ୍ୱଚ୍ଛ ତଥା ସୁଲଭ ସୌର ଶକ୍ତିକୁ ଉପେଭାକ୍ତା ମାନଙ୍କ ପାଇଁ ଅଧିକ ସହଜଲଭ୍ୟ କରୁଛି।



ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ନେତାନ୍ୟାହୁଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି

ଗାଜା ଅଭିମୁଖେ ଯାଉଥିବା ଏକ ଆକ୍ଟିଭିଷ୍ଟ ଫ୍ଲୋଟିଲାକୁ ଅଟକାଇବା ଘଟଣାରେ ତୁର୍କୀ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୁଦ୍ଧରେ ଏକ ଅନ୍ତର୍ଜାତୀୟ ଗିରଫ ପରୱାନା ଜାରି କରିବାର ପ୍ରକ୍ରିୟା ଆରମ୍ଭ କରିଛି। ତୁର୍କୀର ଆଇନ୍ ମନ୍ତ୍ରୀ ଆକିନ ଗୁରଲେକ କହିଛନ୍ତି ଯେ, ସରକାର ଇଣ୍ଟରପୋଲ ମାଧ୍ୟମରେ ନେତାନ୍ୟାହୁ ଏବଂ ଅନ୍ୟ ଜଣେ ଇସ୍ରାଏଲୀ ଅଧିକାରୀଙ୍କ ବିରୁଦ୍ଧରେ ରେଡ୍ ନୋଟିସ ଜାରି କରିବାକୁ ଅନୁରୋଧ କରିଛନ୍ତି। ତୁର୍କୀ ଅଭିଯୋଗ କରିଛି ଯେ, ଇସ୍ରାଏଲ ମେ ୨୦୨୬ ରେ ଅନ୍ତର୍ଜାତୀୟ ଜଳସୀମାରେ ଗାଜା ଅବରୋଧ ଭାଙ୍ଗିବାକୁ ଚେଷ୍ଟା କରୁଥିବା ଏକ ଅନ୍ତର୍ଜାତୀୟ ଫ୍ଲୋଟିଲାକୁ ଅଟକାଇଥିଲା। ଏହି ମାମଲାରେ ଇସ୍ତାନବୁଲର ଏକ କୋର୍ଟ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଏବଂ ଅନେକ ଇସ୍ରାଏଲୀ ଅଧିକାରୀଙ୍କ ବିରୁଦ୍ଧରେ ଅନୁପସ୍ଥିତିରେ ଏକ ମାମଲା ପରିଚାଳନା କରୁଛି। ଅଭିଯୋଗରେ ଗଣହତ୍ୟା, ନିର୍ଯାତନା, ମାନବତା ବିରୁଦ୍ଧରେ ଅପରାଧ, ଅବୈଧ ଅଟକ ଏବଂ ଜାହାଜ ଅପହରଣ ଭଳି ଗମ୍ଭୀର ଅପରାଧ ଅନ୍ତର୍ଭୁକ୍ତ ରହିଛି। ତଥାପି, ଇସ୍ରାଏଲ ଏହି ଅଭିଯୋଗ ଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଛି। ନେତାନ୍ୟାହୁ ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନଙ୍କୁ ମଧ୍ୟ କଡ଼ା ସମାଲୋଚନା କରି କହିଛନ୍ତି ଯେ ଏହି ପଦକ୍ଷେପ ରାଜନୈତିକ ଭାବରେ ପ୍ରେରିତ ଏବଂ ଏହାର କୌଣସି ଆଇନଗତ ଆଧାର ନାହିଁ। ଏହା ଉଲ୍ଲେଖନୀୟ ଯେ, ଇସ୍ରାଏଲ ଏବଂ ତୁର୍କୀ ମଧ୍ୟରେ ଉତ୍ତେଜନା ବହୁ ଦିନ ଧରି ରହିଛି। ୨୦୧୦ ମସିହାରେ, ଇସ୍ରାଏଲୀ କମାଣ୍ଡୋ ମାନେ ଗାଜା ଅଭିମୁଖେ ଯାଉଥିବା ପାଲେଷ୍ଟାଇନ ସମର୍ଥକ ଫ୍ଲୋଟିଲା ଉପରେ ଆକ୍ରମଣ କରି ୧୦ ଜଣ ତୁର୍କୀ ନାଗରିକଙ୍କୁ ହତ୍ୟା କରିଥିଲେ, ଯାହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଗୁରୁତର ଭାବରେ ବିଗାଡ଼ି ଦେଇଥିଲା। ସାମ୍ପ୍ରତିକ ବର୍ଷ ଗୁଡ଼ିକରେ, ତୁର୍କୀ ଗାଜା ଯୁଦ୍ଧ ଏବଂ ପାଲେଷ୍ଟାଇନ ପ୍ରସଙ୍ଗ ଉପରେ ଇସ୍ରାଏଲକୁ ନିରନ୍ତର ସମାଲୋଚନା କରିଆସିଛି, ଯେତେବେଳେ ଇସ୍ରାଏଲ ଏହି ଅଭିଯୋଗ ଗୁଡ଼ିକୁ ଭିତ୍ତିହୀନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହି ଖାରଜ କରିଦେଇଛି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଅନ୍ଧ

**ଶ୍ରଦ୍ଧେୟ ଭକ୍ତବୃନ୍ଦ ଭକ୍ତର ଚକ୍ଷୁ ସଦା ସର୍ବଦା ଉନ୍ମୁକ୍ତ କର୍ଣ୍ଣ, ନାଶା ପାଟି ସବୁ ଉନ୍ମୁକ୍ତ କାରଣ ଶାସ୍ତ୍ର କହେ**
**"ମନୁଷ୍ୟ ଦେହେ ଦିବ୍ୟଜ୍ଞାନ**
**ଦେଖି ସନ୍ତୋଷ ଭଗବାନ ।"**

ଭକ୍ତ ଭଗବାନ ଭିତରେ ଗୁରୁ ଶିଷ୍ୟ ଭିତରେ ପ୍ରଭେଦ ନଥାଏ। ଆଉ ଯେ ପ୍ରଭେଦର ପ୍ରାଚୀର ଠିଆ କରାଏ ସେହି ଅନ୍ଧ । ଆଖି ଥାଇ ନଥିଲା ପରି ତାର ପାଟି ପୁରେ କିନ୍ତୁ ପେଟ ପୁରେ ନାହିଁ। ସଦାସର୍ବଦା ସେ ତା ହୁତାସରେ କାଳାତିପାତ କରୁଥାଏ। ହନ୍ତସନ୍ତ ହେଉଥାଏ। ଏଥିରୁ ଜାଣିବ ସେହିଁ ଅଜ୍ଞାନ, ନାମ ନେଇ ଧୃତ ହୋଇଯାଇଛି। ଗୁରୁଙ୍କ ସହିତ ଭଗବାନଙ୍କ ସହିତ ଛଳନା କରୁଛି । ତେଣୁ ସେ ଭଳି ଭକ୍ତ ପାଖରୁ ସଦା ସର୍ବଦା ଦୂରେଇ ଯେତେ ରହିବ ତୁମର ସେତେ ମଙ୍ଗଳ, କାରଣ- କୁହାଳିଆ କେଭେ ଦୁହାଁଳିଆ ନୁହେଁ। ତାର ନିଷ୍ଠା ନଥାଏ, ଚରିତ୍ର ନଥାଏ, ଉପର ଦେଖାଣିଆ ଭକ୍ତ ସାଜିଥାଏ । ତାର ବ୍ୟବହାର, ଚାଲିଚଳନ ଉପରେ ସଦାସର୍ବଦା ଦୃଷ୍ଟି ନଥାଏ । ସେ କେବଳ ଅନ୍ୟକୁ ସମାଲୋଚନା କରି ଚାଲିଥାଏ। ତେଣୁ ସେ ହିଁ ଅନ୍ଧ, ତେଣୁ ଅନ୍ଧ ସହିତ ସମ୍ପର୍କ ରଖିଲେ ଯାହା ହୁଏ ତୁମର ବି ଦିନେ ନା ଦିନେ ସେଇଆ ଭୋଗିବାକୁ ପଡିଥାଏ। ତେଣୁ ତୁମେ ଶିଷ୍ୟ ହୁଅ ବା ଭକ୍ତ ହୁଅ ନିଷ୍ଠା ରଖ ପ୍ରଭୁଙ୍କ ବାକ୍ୟ ଉପରେ ପ୍ରଭୁଙ୍କୁ ପ୍ରେମକର କିନ୍ତୁ ପ୍ରତିଦାନ ଚାହଁନାହିଁ। ପ୍ରଭୁଙ୍କ ଆଶ୍ରାକର କିନ୍ତୁ ଆଶାବାଦୀ ହୁଅନାହିଁ। ଦେଖିବ ତୁମର ଅନ୍ଧତ୍ୱ ନିଶ୍ଚୟ ଦୂରିଭୂତ ହେବ ଏବଂ ଶ୍ରୀ ଗୁରୁଙ୍କ କୃପା ଲାଭ ପାଇ ଜଗତରେ ଶ୍ରେଷ୍ଠ ମାନବ ରୂପେ ଭକ୍ତ ରୂପେ ଶିଷ୍ୟ ରୂପେ ପରିଗଣିତ ହୋଇପାରିବ ।

◆◆

# ତିନି କନ୍ୟାଙ୍କ ଉଜ୍ଜ୍ୱଳ ପୃଥିବୀ



**ଅଶୋକ ବିଶ୍ୱାଳ**
(ପୂର୍ବତନ ପିସିସିଏଫ,
ଅରୁଣାଚଳ ପ୍ରଦେଶ, ମିଜୋରାମ,
ଆଣ୍ଡାମାନ ଏବଂ ନିକୋବର
ଦ୍ୱୀପପୁଞ୍ଜ)

ସେତେବେଳକୁ ମୁଁ ଆଖପାଖ ଦ୍ୱୀପରେ ହେଉଥିବା ପ୍ଲାଷ୍ଟିକ ତଥା ମାନବକୃତ ଅନ୍ୟ ପ୍ରଦୂଷଣ ବିଷୟରେ ସ୍କୁଲ ପିଲାମାନଙ୍କୁ କହିସାରିଥିଲି । ସମୁଦ୍ର କୂଳରେ ଦୌଡୁଥିବା ସ୍ୟାଣ୍ଡ ବବଲର କ୍ରାବମାନଙ୍କର ସୁନ୍ଦର ଝୋଟି ପରି ବାଲିରେ ଗୁଳା କରି ଟାଣିଥିବା ଅଦ୍ଭୁତ ରେଖାଚିତ୍ର ସେମାନଙ୍କୁ ରୂପରାଇଜକୁ ନେଇଥିଲା । ବହୁ ବିଷୟ କୋଷ୍ଟାଲ ଡାଇନାମିକ୍ସ ଉପରେ ଥିଲା । ପ୍ରସଙ୍ଗ ଥିଲା, "ସମୁଦ୍ର କୂଳ ଏକ ଜ୍ଞାନର ଗନ୍ତାଘର"। ସମୁଦ୍ରକୂଳକୁ ଆମେ ଭଲରେ ନିରୀକ୍ଷଣ କରିବାର କଥା, ସବୁ ଆକାରକୁ ପ୍ରକୃତିର ନିୟମ ହିସାବରେ ବୁଝିବାର କଥା । କୂଳରେ ଶକ୍ତିର ସମୀକରଣମାନ କ୍ଷଣିକରେ ତିଆରିହୋଇ ପର କ୍ଷଣରେ ଭାଙ୍ଗିଯାଇ ପୁଣି ନୂଆ ସମୀକରଣମାନ ତିଆରି ହେଉଛି । ତେଣୁ, ଜ୍ଞାନ ଆହାରଣ କରିବାକୁ ହେଲେ ସମୁଦ୍ରକୂଳକୁ କେବେବି ପ୍ରଦୂଷିତ କରିବା କଥା ନୁହେଁ। ମଣିଷର ପାଦ ପଡିନଥିବା ଅରଣ୍ୟ ବା ଦ୍ୱୀପ ମନ୍ଦିର ଠାରୁ ଅଧିକ ଶୁଚୀମନ୍ତ, ପବିତ୍ର। ସବୁ କେମିତି ଆଶ୍ଚର୍ଯ୍ୟଭାବେ ସୁଚାରୁ ରୂପେ ଚାଲୁଛି । ସବୁକିଛି ସୁରଭିତ, ମହକିତ । ସବୁଠାରେ ସମୁଜ୍ଜ୍ୱଳ ଆଭା। ଏକ ଦୈବ ଅନୁଭୂତି ଆସିଯାଏ ଆଉ ମନ ଆପେ ପ୍ରଫୁଲ୍ଲିତ ହୋଇଯାଏ। ଆଉ ଉତ୍ତର ଆଣ୍ଡାମାନ ଦ୍ୱୀପର ଡିଗିଲିପୁର ସହରରେ ସକାଳର ଆଲୋକ ଏକ ସ୍କୁଲ ଉପରେ ପରିଷ୍କାରରେ ବିଞ୍ଚିହୋଇ ପଡିଥିଲା । ଦ୍ୱୀପ ଉପରେ ପବନ ମଧ୍ୟ ତାଜା ଥିଲା।

ଅଷ୍ଟମ ଶ୍ରେଣୀରେ ପଢୁଥିବା ଝିଅଟିଏ ଷ୍ଟେଜ ଉପରେ ଆସି ମୋତେ ଧିରେ କହିଲା, "ଆପଣ ମୋ କହିବା କଥାକୁ ସମସ୍ତଙ୍କୁ ବୁଝାଇ କହନ୍ତୁ। ବଡ ପିଲାମାନଙ୍କ ଆଗରେ କହିବାକୁ ସାହସ କରିପାରୁନି ।" । ଝିଅଟିର ମୁହଁ ହସହସ ଥିଲା ଆଉ ଆଦ୍ୟ କୈଶୋରର ସ୍ପର୍ଶରେ ବେଶ ଉଜ୍ଜ୍ୱଳ ଦେଖାଯାଉଥିଲା। ତା' ଆଖି ଦ୍ୱୀପପୁଞ୍ଜର ନିର୍ମଳ ଆକାଶର ତାରାପରି ଚକଚକ କରୁଥିଲା । ସବୁ ଉଜ୍ଜ୍ୱଳ ଦିଶୁଥିବା ସତ୍ତ୍ୱେ ପରିବେଶ ସଂରକ୍ଷଣ ଉପରେ ନିଜ ଭାବନା ବ୍ୟକ୍ତ କରିବା ପାଇଁ ତା'ର ସାହସ ଆସିନଥିଲା। ତେଣୁ ମୋତେ ତା' କଥା କହିବା ପାଇଁ ଅନୁରୋଧ କରିଥିଲା । ଆଜିକାଲି ଆଣ୍ଡାମାନର ସବୁ ଦ୍ୱୀପ ଆଉ ଅରଣ୍ୟମାନ ପରିଷ୍କାର ତଥା ସୁବାସରେ ଭରା ଲାଗୁନି । ମନୁଷ୍ୟକୃତ ଅଳିଆ ଗଦାମାନ କେମିତି ଗଢି ହୋଇଯାଉଛି। ସମୁଦ୍ରକୂଳିଆ ଡିଗିଲିପୁର ସହରରୁ ଆମେ ପୂର୍ବ ଆଡକୁ ଥିବା କିଛି ପାଖ ଦ୍ୱୀପକୁ ବୁଲିଯାଇଥିଲୁ । ଏମିତି ଏକ ଛୋଟ ଜନହୀନ ଦ୍ୱୀପରେ ଓହ୍ଲାଇ ପଡିଲୁ। ଲୋକ ନାହାନ୍ତି, କିଛି ଅପରିଷ୍କାର ହେବା କଥା ନୁହେଁ । କୂଳରେ ହର୍ମିଟ କ୍ରାବମାନେ ବହୁ ପରିମାଣରେ ମିଳିବା କଥା । ହର୍ମିଟ କ୍ରାବମାନେ କୂଳରେ ପଡୁଥିବା ଜୈବିକ ଖାଦ୍ୟ ଖାଇ କୂଳକୁ ପରିଷ୍କାର କରିଥାନ୍ତି। ପାଣି ଛୁଉଁଥିବା ବାଲିଆ କୂଳରୁ କେଇ ଖୋଜ ଦୂରରେ ଜଙ୍ଗଲ । ଆମ ଭାବନାର ବିପରୀତରେ ଅଳିଆଗଦା ଦେଖିଲୁ। କିଛି ଲୋକ ଅରାଏ ଜାଗାକୁ ସଫା କରି ବେଶ ଭୋଜିଭାତ କରିଛନ୍ତି। ବଳିପଡିଥିବା ଖାଦ୍ୟ ଯଥା ମାଛ, ମାଂସ, ଭାତ, ତରକାରୀ ତଥା ଅନ୍ୟ ଅଳିଆ ମାଟିରେ ପଡିଛି ଆଉ ସ୍ଥାନଟା ଗନ୍ଧାଉଛି। ସବୁ ସଢିପଚି ଯାଇଛି। ଉଚ୍ଛିଷ୍ଟ ଖାଇବା ପାଇଁ କୁକୁର ବା କାଉ ପରି ପଶୁ, ପକ୍ଷୀ ନାହାନ୍ତି। ଛୋଟ ଦ୍ୱୀପରେ ନହେବା ସ୍ୱାଭାବିକ । ତେଣୁ ଦୁର୍ଗନ୍ଧ ଆସିଛି । କେବେକେବେ ଏକୁଟିଆ ଦ୍ୱୀପରେ ମଧ୍ୟ ମନୁଷ୍ୟକୃତ ପରିବେଶ ପ୍ରଦୂଷଣ ଘଟିଯାଉଛି । ମୁହଁରେ ସମସ୍ତେ ପରିବେଶକୁ କଳୁଷିତ ନକରିବାକୁ କହୁଛନ୍ତି, କିନ୍ତୁ ନିଜେ ବେଶି ଗୁଣରେ ପ୍ରଦୂଷିତ କରୁଛନ୍ତି । ସମୁଦ୍ର ଭିତରେ ଭାରତର ଶେଷ ସହରର ଏକ ସ୍କୁଲର ଛୋଟ ପିଲାମାନେ କିନ୍ତୁ ଏଭଳିଆ ପ୍ରଦୂଷଣକୁ ସହଜରେ ଗ୍ରହଣ ନେଲେନି। ସମସ୍ତଙ୍କ ମୁହଁରେ କୁଞ୍ଚ□ ଆସିଯାଇଥିଲା, ସତେ ଯେମିତି ଦଶ, କୋଡିଏ କିଲୋମିଟର ଦୂରରୁ ସେମାନେ ସେହି ପଚା ଗନ୍ଧକୁ ଅନୁଭବ କରୁଛନ୍ତି । ସେମାନେ କେବଳ ସୁନ୍ଦର ଦୁନିଆର ସ୍ୱପ୍ନ ଦେଖୁଛନ୍ତି । ସବୁ ସୁନ୍ଦର, ସୁବାସିତ, ସୁର୍ଯ୍ୟସ୍ନାତ ଆଉ ଉଜ୍ଜ୍ୱଳ ବର୍ଣ୍ଣର ସମାହାର ସବୁଠାରେ । ସେମାନେ ଉଜ୍ଜ୍ୱଳ ଦୁନିଆର ସ୍ୱପ୍ନ ଦେଖିବା ଉଚିତ ମଧ୍ୟ । ତେଣୁ ସେ ଛୋଟ ଝିଅଟିର ମତ ଥିଲା, ସମସ୍ତେ ନିଜ ହାତରେ ଅଳିଆ ଆଣିବା ପାଇଁ ବ୍ୟାଗ ବା ଆଉ କିଛି ଉପାଦାନ ନେଇ ବାହାରକୁ ଯାଆନ୍ତୁ । ନିଜ ବ୍ୟବହୃତ ବୋତଲ, ର୍ୟାପର ତଥା ଅନ୍ୟ ବର୍ଜ୍ୟ ବସ୍ତୁକୁ ସଂଗ୍ରହ କରି ନର୍ଦ୍ଧାରିତ ସ୍ଥାନରେ ଫୋପାଡନ୍ତୁ। ପିଲାମାନେ ଏକ ସ୍ୱରରେ କହିଲେ- "ଆମେ ଆମ ବ୍ୟବହୃତ ବସ୍ତୁକୁ ଏଣେତେଣେ ଫୋପାଡିବୁ ନାହିଁ ପ୍ଲାଷ୍ଟିକକୁ ସଂଗ୍ରହ କରି ନିର୍ଦ୍ଧାରିତ ସ୍ଥାନର ଫୋପାଡିବୁ । ସମସ୍ତଙ୍କୁ ପରିବେଶ ପ୍ରଦୂଷଣ ବିଷୟରେ ସଚେତନ କରାଇବୁ ।" ଏମିତି ଏକସ୍ୱରରେ କୁହାଯାଉଥିବା ସେହି କେତୋଟି ବାକ୍ୟ ଚାରିଆଡୁ ପ୍ରତଧ୍ୱନିତ ହେଲା। ସମସ୍ତଙ୍କ ମୁହଁରେ ହସ ଫେରିଆସିଲା ଆଉ ବାତାବରଣରେ କେବଳ ଅରଣ୍ୟ ପୁଷ୍ପର ସୁଗନ୍ଧ ଭରିଗଲା । ସ୍କୁଲର ପ୍ରଧାନଶିକ୍ଷକ ନିଜର ସମୟସୂଚୀ ଭିତରେ ପରିବେଶ ସନ୍ତୁଳନ ଆଉ ସଚେତନତା ରଖିବେ । ଆରମ୍ଭ ଶିଶୁ, କିଶୋର ମନରୁ ହେଲେ ବାହାରର ଦୁନିଆ ଆପେ ସୁନ୍ଦର ହୋଇଆସିବ । ସେ ଝିଅର ମନକଥା କି ବଡ କି ସାନ ସମସ୍ତେ ଏକ ସ୍ୱରରେ କହିବା ଉଚିତ। ଆଉ ସେ କିଛି ଭୂଲ କହୁନି, କେବଳ ଦୁନିଆକୁ ସୁନ୍ଦର କରିବା ପାଇଁ କହୁଛି। ଆଉଥରେ ଓଡିଶାର ଭଦ୍ରକ ସହରର ଏକ ସଭାରେ +୩ ପ୍ରଥମ ବର୍ଷ ପଢୁଥିବା ଝିଅଟିଏ ସମୁଦ୍ର କଚ୍ଛପମାନଙ୍କ ସୁରକ୍ଷା ଉପରେ ନିଜର ଉଦ୍‌ବେଗ ପ୍ରକାଶ କରିଥିଲା । ସମୁଦ୍ରରେ ମାଛଧରୁଥିବା ବୋଟ ତଥା ଟ୍ରଲର ଯୋଗୁ ଶହ ଶହ ସାମୁଦ୍ରିକ କଚ୍ଛପ ମରିଯାଉଛନ୍ତି। କଚ୍ଛପ ଆସୁଥିବା ରାସ୍ତାରେ ଅଧିକ ମାଛ ମିଳିଥାଏ । ମାଛୁଆମାନେ ଜାଲ ଟାଣିବାବେଳେ କଚ୍ଛପମାନେ ଛନ୍ଦି ହୋଇଯାଆନ୍ତି । ସମୁଦ୍ର କଚ୍ଛପକୁ ପ୍ରତି ଏକରୁ ଚାରି ଘଣ୍ଟା□ଭିତରେ ପାଣି ଉପରକୁ ଉଠି ନିଃଶ୍ୱାସ ନେବାକୁ ପଡେ । ଜାଲରେ ଛନ୍ଦି ହୋଇଗଲେ ସେମାନେ ସମୟରେ ପାଣି ଉପରକୁ ଉଠିପାରନ୍ତି ନାହିଁ, ଆଉ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରନ୍ତି । ଟ୍ରଲରର ପ୍ରପେଲର ଆଘାତରେ ମଧ୍ୟ ଅନେକ କଚ୍ଛପ ମରିଯାଆନ୍ତି । ଝିଅଟି ଅତି ଆଗ୍ରହରେ ନିଜର ବକ୍ତବ୍ୟ ରଖୁଥିଲା। ଏକ ଝିଅ ପାଖରେ କରୁଣା, ଦୟା, ସମବେଦନା ରହିବା ଉଚିତ । ତା' ସ୍ୱରରୁ ଲାଗୁଥିଲା ସେ ଯେମିତି ଶ୍ୱାସ ନେଇପାରୁନି, ଜାଲରେ ଛନ୍ଦିହୋଇଯାଇଛି । କେମିତି ଏହି ଲୋକମାନେ ଜାଣତ ବା ଅଜାଣତରେ ଏତେ ନିରୀହ ପ୍ରାଣୀଙ୍କର ହତ୍ୟା କରିପାରୁଛନ୍ତି ? ପ୍ରାୟ ହଜାରେଟା ଅଣ୍ଡାରୁ ଗୋଟିଏ ବା ଦୁଇଟା କଚ୍ଛପ ବଡ ହୋଇ ନିଜ ଜନ୍ମ ଉପକୂଳକୁ ଫେରିଆସିପାରନ୍ତି। ଓଡିଶା ଉପକୂଳରେ ହେଉଥିବା ମାସ ଟରଟଲ ନେଷ୍ଟିଙ୍ଗ ବା ଆରିବାଡା ଓଡିଶାର ନାମକୁ ସାରା ବିଶ୍ୱରେ ବିଖ୍ୟାତ କରିଛି। ପୃଥିବୀରେ ସମସ୍ତେ ଗହୀରମଥା ଉପକୂଳ କଥା ଜାଣିଛନ୍ତି । ତେଣୁ, ସମସ୍ତଙ୍କୁ କଚ୍ଛପ ସୁରକ୍ଷା ବିଷୟରେ ଜାଣିବା ଦରକାର। କଚ୍ଛପର ଅପୂର୍ବ ଦୁନିଆରେ ରଙ୍ଗ ଭରିହୋଇ ରହୁ । କିଛି ବୟସ୍କ ବ୍ୟକ୍ତିଙ୍କର ଦୃଷ୍ଟି ଛାତ୍ରୀଟିର ମୁହଁ ଉପରେ ଅତି ଓଜନିଆ ହୋଇ ଘୁରିଯାଇଥିଲା । ଝିଅଟି ନବୁଝି ନବିଚାରି ସାଧାରଣ ସଭାରେ ଯେମିତି ପ୍ରଳାପ କରୁଛି । ମତ୍ସଜୀବୀଙ୍କର ଜୀବନ ଜୀବିକା ବିଷୟରେ କହିବା ଦରକାର। କିଛିଙ୍କର ଦୃଷ୍ଟି ତା' ସହ ଆସିଥିବା ଅଧ୍ୟାପକଙ୍କ ଉପରେ କେନ୍ଦ୍ରିତ ହୋଇଥିଲା ଆଉ ଅଧ୍ୟାପକ ଗ୍ରୀଷ୍ମର ଗରମ ଅନୁଭବ କରିଥିଲେ । ସେ ଝିଅଟିକୁ ସଂଜତ ହେବାକୁ ଠାରିଥିଲେ । ଛାତ୍ରୀଟି ଶଙ୍କି ଯାଇଥିଲା। ତା' ମୁହଁରେ ସାମାନ୍ୟ ଭାଙ୍ଗ ଆସିନି, ତେଣୁ ନିଜ ଭାଷଣରେ ସମୁଦ୍ର କଚ୍ଛପମାନଙ୍କ ସୁରକ୍ଷା ଉପରେ ହୃଦୟସ୍ପର୍ଶୀ ବକ୍ତବ୍ୟ ରଖିବାକୁ ପଛାଉନାହିଁ ସେ ନିଜକୁ ସମ୍ଭାଳି ନିଜ ଭାଷଣକୁ ପୂରା କରିଥିଲା । ମୁଁ ତାକୁ ପ୍ରଶଂସାର ଦୃଷ୍ଟିରେ ଅନାଇଥିଲି। ଦିନେ ଏକ ଚାରିଚକିଆ ଗାଡି ଉଚ୍ଚ ପ୍ରଦେଶ ଲଦାଖର ଏକ ପାହାଡିଆ ରାସ୍ତାରେ ଯାଉଥିଲା । ସୁଉଚ୍ଚ ପର୍ବତରେ ଘେରା ସ୍ଥାନମାନଙ୍କରେ ବାତାବରଣ ଅତି ପରିଷ୍କାର। ଆକାଶ ଘନ ନୀଳ ଦିଶେ ଆଉ ପବନ ତାଜା ଥାଏ । ତଥାପି ଗାଡିର କାଚ ତଳୁଆ ହୋଇଗଲା ଆଉ ଏକ ହାତ ବାହାରକୁ ଖାଲି ପ୍ଲାଷ୍ଟିକ ପାଣି ବୋତଲକୁ ଫୋପାଡିବା ପାଇଁ ପ୍ରସ୍ତୁତ ହୋଇଗଲା। "ପାପା, କ'ଣ ହେଉଛି । ପ୍ଲାଷ୍ଟିକ ବୋତଲକୁ ଏମିତି ଫୋପାଡି ପରିବେଶକୁ କେମିତି ପ୍ରଦୂଷିତ କରାଯାଇପାରେ ?"- ହଠାତ୍ ଝିଅ କହିଉଠିଲା । ବଢୁଥିବା ହାତ ଗାଡି ଭିତରକୁ ସ୍ପ୍ରିଙ୍ଗରେ ଟଣାହେଲା ପରି ଟାଣି ହୋଇଗଲା ଆଉ କାଚ ବନ୍ଦ ହୋଇଗଲା। "ତୁମେମାନେ ଏତେ ପଢି, ଶିକ୍ଷିତ ହୋଇ, ଏକ ଦାୟିତ୍ୱବାନ ନାଗରିକ ହେବା ସତ୍ତ୍ୱେ, ଏମିତି ପ୍ରଦୂଷଣ କେମିତି କରିପାରୁଛ ?" ସମସ୍ତଙ୍କ ମୁହଁରେ ଅନୁତାପର କଳାଛାଇ ବୁଲିଗଲା । କିଛି କ୍ରୋଧିତ ଦୃଷ୍ଟି ମଧ୍ୟ ଝିଅ ଉପରକୁ ଚାଲିଗଲା । ଝିଅଟା ସାଧାରଣ ସଣ୍ଡଣା ଶିଖିନି । ବଡଙ୍କ କାମ ଉପରେ ମୁହଁ ଖୋଲି କହିଦେଉଛି। ଝିଅ ଶାଙ୍କୁଡି ଗଲା। ପାପା ଅଛନ୍ତି, ତେଣୁ ଏଲି ନିଜକୁ ସମ୍ଭାଳି କହିଲା, "ଯଦି ଆମେ ନିଜେ ପରିବେଶକୁ ପ୍ରଦୂଷିତ କରିବା ଆଉ ଆଶାକରିବା ଅନ୍ୟମାନେ ନିୟମ ମାନି ଚଳନ୍ତୁ, ତେବେ ପରିବେଶର ସନ୍ତୁଳନ କେବେ ଆସିବନାହିଁ ।" ସତରେ, ପରିବେଶ କେମିତି ସନ୍ତୁଳିତ ହେବ, ଯଦି ଆମେ ପରିବେଶକୁ ନିଜେ ଅପରିଷ୍କାର କରିଚାଲିବା ଆଉ ଭାବିବା ସବୁ କିଛି ପରିଷ୍କାର ହେଉ । ମୋର ଅଭିଜ୍ଞତା ଭିନ୍ନଭିନ୍ନ ସ୍ଥାନରେ ଏମିତି ତିନିଟି ଛାତ୍ରୀସହ ହୋଇଥିଲା । ସେମାନେ ଏକା କଥା କହିଛନ୍ତି- ପରିବେଶକୁ ଦୂଷିତ କରନ୍ତୁନାହିଁ । ଜୀବକୁ ଦୟା କରନ୍ତୁ । ଦୂରର ଏକ ଛୋଟ ଝିଅ ମୋ ମୁହଁରେ ତା' ମନ କଥା କୁହାଇଛି । ଏକ ଝିଅ ମୋ ପ୍ରଶଂସାକୁ ଲକ୍ଷ୍ୟ କରି ଜୀବେଦୟା କଥା କହିଛି । ଆଉ ଏକ ଝିଅ ମୋ ଭରସାରେ ନିଜ ମତ ରଖିଛି । ସେମାନଙ୍କ ଉନ୍ନତ ଶୀର ଅନ୍ୟର ଭ୍ରୂକୁଟୀ ଆଗରେ ନତ ହୋଇନି । ଭବିଷ୍ୟତ ସ୍ୱର୍ଣ୍ଣିମ ହେବା ଆବଶ୍ୟକ। ସେ ଝିଅମାନେ, ଅନ୍ୟ ପିଲାମାନେ ନିଜର ପରିବେଶର ସୁରକ୍ଷା, ଜୀବେଦୟା ଉପରେ ସଚେତନ ଥିଲେ । ତେଣୁ ପ୍ରତି ପିତା ତାର ସନ୍ତାନମାନଙ୍କ ଦୁନିଆକୁ ସ୍ୱପ୍ନିଳ କରିବା ପାଇଁ ପଣ କରିବା ଉଚିତ। ପିଲାମାନେ ପରିବେଶ ଉପରେ ସଚେତନ ହୁଅନ୍ତୁ, ପରିବେଶ ସୁରକ୍ଷା କଥା ନିଃଶଙ୍କରେ କୁହନ୍ତୁ । ଅତଏବ, ପ୍ରତି ସଚେତନ ନାଗରିକର କର୍ତ୍ତବ୍ୟ ହେଉଛି ପ୍ରଥମେ ନିଜ ଚତୁଃପାର୍ଶ୍ୱକୁ ପରିଷ୍କାର ରଖନ୍ତୁ, ଜୀବେଦୟା କରନ୍ତୁ ଆଉ ଉଦାହରଣମାନ ସୃଷ୍ଟିକରିଚାଲନ୍ତୁ । ସଂସାରର ପ୍ରତିଟି ସ୍ଥାନ ବାସ ଯୋଗ୍ୟ ହେବା ନିହାତି ଜରୁରୀ । ବର୍ତ୍ତମାନର ମାନବ ପାଖରେ ପରବର୍ତ୍ତୀ ପିଢିର ଭବିଷ୍ୟତ ନଷ୍ଟ କରିବାର କୌଣସି ଅଧିକାର ନାହିଁ। ବର୍ତ୍ତମାନର ପିଲାମାନେ ଭବିଷ୍ୟତର ସୁନ୍ଦର ପରିବେଶ ଅତୀତର ପିଢିଙ୍କ ଠାରୁ ଉତ୍ତରାଧିକାର ସତ୍ତ୍ୱରେ ପାଇଛନ୍ତି । ସେହି ତିନି କନ୍ୟା ଉଜ୍ଜ୍ୱଳ ପୃଥିବୀର କଳ୍ପନା କରିସାରିଛନ୍ତି

# ସାମାଜିକ ସଂସ୍କାର



**ଦାଶରଥୀ ଶତପଥୀ**
ଭା. ପ୍ର. ସେ. (ଅବସରପ୍ରାପ୍ତ)
ପ୍ରାକ୍ତନ ସଚିବ, ଓଡ଼ିଶା
ବିଧାନସଭା
ମୋ - ୯୩୩୭୪୪୯୩୭୩

ମଣିଷ ଏକ ସାମାଜିକ ପ୍ରାଣୀ। ସମାଜର ସଂସ୍କାର ବିନା ସମାଜ ଆଗକୁ ବଢ଼ିପାରିବ ନାହିଁ। ସମାଜର କଲ୍ୟାଣ ଏବଂ ନ୍ୟାୟପୂର୍ଣ୍ଣ ଓ ପ୍ରଗତିଶୀଳ ସମାଜର ଭିତ୍ତିଭୂମି ।

ଗୋଟିଏ ସମାଜ କେବେହେଲେ ସ୍ଥିର ନୁହେଁ। ଏହା ଚିନ୍ତାଧାରା, ସଂଗ୍ରାମ ଏବଂ ସଂସ୍କାର ମାଧ୍ୟମରେ ବିକଶିତ ହୋଇଥାଏ । ସାମାଜିକ ସଂସ୍କାର ହେଉଛି ସମାଜରୁ ପୁରୁଣା କୁସଂସ୍କାର, ଅନ୍ଧବିଶ୍ୱାସ, ଅସମାନତା ଏବଂ ଅନ୍ୟାୟକୁ ଦୂର କରି ସେଗୁଡ଼ିକ ସ୍ଥାନରେ ସମାନତା, ମର୍ଯ୍ୟାଦା ଏବଂ ମାନବାଧିକାରର ମୂଲ୍ୟବୋଧକୁ ପ୍ରତିଷ୍ଠା କରିବାର ଏକ ସଚେତନ ପ୍ରୟାସ ।

ପ୍ରତ୍ୟେକ ମହାନ ସଭ୍ୟତା କୌଣସି ନା କୌଣସି ସମୟରେ ସାମାଜିକ ସଂସ୍କାର ଦେଇ ଗତି କରିଛି । ଭାରତରେ, ୧୯ଶ ଏବଂ ୨୦ଶ ଶତାବ୍ଦୀରେ ଏକ ଶକ୍ତିଶାଳୀ ସଂସ୍କାର ଆନ୍ଦୋଳନର ଅଭ୍ୟୁଦୟ ଘଟିଥିଲା, ଯାହା ଆଧୁନିକ ଭାରତର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା । ଆଜି ମଧ୍ୟ ଲିଙ୍ଗଗତ ଅସମାନତା, ଜାତିଗତ ଭେଦଭାବ, ଦାରିଦ୍ର୍ୟ ଏବଂ ଶିକ୍ଷାର ଅଭାବ ଭଳି ସମସ୍ୟାର ସମାଧାନ ପାଇଁ ସାମାଜିକ ସଂସ୍କାରର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମାଜିକ ସଂସ୍କାରର ଅର୍ଥ ପରମ୍ପରାକୁ ବିନାଶ କରିବା ନୁହେଁ । ଏହାର ଅର୍ଥ ହେଉଛି ଯୁକ୍ତି, କରୁଣା ଏବଂ ସାମ୍ବିଧାନିକ ମୂଲ୍ୟବୋଧର ଆଲୋକରେ ପରମ୍ପରାର ସଂସ୍କାର କରିବା।

ସମାଜ ଶତାବ୍ଦୀ ଶତାବ୍ଦୀ ଧରି ବିଭିନ୍ନ ପ୍ରଥାକୁ ଆପଣାଇ ଆସିଛି । କେତେକ ପ୍ରଥାର ନିଜସ୍ୱ ଉଦ୍ଦେଶ୍ୟ ଥିଲା, କିନ୍ତୁ ଅନ୍ୟ କେତେକ ଶୋଷଣର ମାଧ୍ୟମ ପାଲଟିଗଲେ। ସାମାଜିକ ସଂସ୍କାରର ଆବଶ୍ୟକତା ସେତେବେଳେ ଦେଖାଦିଏ ଯେତେବେଳେ ମାନବୀୟ ମର୍ଯ୍ୟାଦା ଉଲ୍ଲଂଘନ ହୁଏ । ଅସ୍ପୃଶ୍ୟତା, ବାଲ୍ୟବିବାହ, ସତୀଦାହ ଏବଂ ଯୌତୁକ ଭଳି ପ୍ରଥା ମଣିଷକୁ ଦ୍ୱିତୀୟ ଶ୍ରେଣୀର ନାଗରିକରେ ପରିଣତ କରେ । ଜାତି, ଲିଙ୍ଗ ଏବଂ ଆର୍ଥିକ ବିଷମତା ବହୁ ସଂଖ୍ୟକ ଲୋକଙ୍କୁ ସମାନ ସୁଯୋଗରୁ ବଞ୍ଚିତ କରେ । ଅଜ୍ଞାନତା, ଅନ୍ଧବିଶ୍ୱାସ ଏବଂ ରକ୍ଷଣଶୀଳ ମାନସିକତା ବୈଜ୍ଞାନିକ ମନୋଭାବ ଏବଂ ବିକାଶରେ ବାଧା ସୃଷ୍ଟି କରେ ।

ସାମ୍ବିଧାନିକ ମୂଲ୍ୟବୋଧକୁ ଅବହେଳା କରାଯାଏ: ଆମ ସଂବିଧାନ ସମାନତା, ସ୍ୱାଧୀନତା ଏବଂ ନ୍ୟାୟର ଗ୍ୟାରେଣ୍ଟି ଦିଏ । ସାମାଜିକ ସଂସ୍କାର ଏହି ଆଦର୍ଶଗୁଡ଼ିକୁ ବାସ୍ତବତାରେ ପରିଣତ କରିବାରେ ସାହାଯ୍ୟ କରେ । ସଂସ୍କାର ବିନା ସମାଜ ଜଡ଼ ହୋଇଯାଏ ଏବଂ ନିଜର ଆଭ୍ୟନ୍ତରୀଣ ବିରୋଧାଭାସ ଯୋଗୁଁ ଭାଙ୍ଗିପଡ଼େ। ଭାରତର ସଂସ୍କାରକମାନେ ଭାରତୀୟ ମୂଲ୍ୟବୋଧ ସହିତ ଯୁକ୍ତି ଏବଂ ସମାନତାର ସାର୍ବଜନୀନ ନୀତିକୁ ସଂଯୋଗ କରିଥିଲେ ।

ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ଜ୍ୟୋତିବା ଫୁଲେ ଓ ସାବିତ୍ରୀବାଇ ଫୁଲେ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଡାକ୍ତର ବି. ଆର. ଆମ୍ବେଦକରଙ୍କ ଭୂମିକା ସମାଜକୁ ସମୃଦ୍ଧିର ପଥରେ ଆଗେଇନେବା ପାଇଁ ପଥ ପ୍ରଦର୍ଶନ କରିଛି ଓ ସମାନଙ୍କ ଚିନ୍ତା, ଚେତନାରେ ଆମେ ସମାଜରେ ବସବାସ କରୁଥିବା ସାମାଜିକ ପ୍ରାଣୀ ମାନେ ଗଭୀର ଭାବେ ଉଦବୃଦ୍ଧ ହୋଇଛୁ। ଏହି ସଂସ୍କାରକମାନେ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ, କିନ୍ତୁ ସେମାନେ ସଫଳ ହୋଇଥିଲେ କାରଣ ସେମାନେ ବିବେକ ଏବଂ ଯୁକ୍ତି ଉଭୟକୁ ଆହ୍ୱାନ କରିଥିଲେ ।

ଆଜିର ସମୟରେ ସାମାଜିକ ସଂସ୍କାରର ପ୍ରମୁଖ କ୍ଷେତ୍ର-୨୧ଶ ଶତାବ୍ଦୀର ଆହ୍ୱାନଗୁଡ଼ିକ ଭିନ୍ନ, କିନ୍ତୁ ସଂସ୍କାରର ଭାବନା ସମାନ ରହିଛି। ଭ୍ରୂଣହତ୍ୟା, ଯୌତୁକ ପ୍ରଥା, ଗାର୍ହସ୍ଥ୍ୟ ହିଂସାର ଅନ୍ତ କରିବା ଏବଂ ମହିଳାମାନଙ୍କ ପାଇଁ ସମାନ ମଜୁରୀ, ଶିକ୍ଷା ଓ ନେତୃତ୍ୱ ସୁନିଶ୍ଚିତ କରିବା। 'ବେଟି ବଚାଓ ବେଟି ପଢାଓ' ଏବଂ ମହିଳା ଆରକ୍ଷଣ ଏହି ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ଅସ୍ପୃଶ୍ୟତା ଦୂରୀକରଣ, ଆନ୍ତଃଜାତୀୟ ସଦ୍ଭାବନାକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ ମାଧ୍ୟମରେ SC/ST/OBC ସମ୍ପ୍ରଦାୟ ପାଇଁ ଶିକ୍ଷା ଓ ନିଯୁକ୍ତି ସୁନିଶ୍ଚିତ କରିବା ।

ଗୁଣାତ୍ମକ ଶିକ୍ଷାକୁ ସାର୍ବଜନୀନ କରିବା । ନୂତନ ଶିକ୍ଷାନୀତି (NEP ୨୦୨୦) ହେଉଛି ଶିକ୍ଷାକୁ ସମାନ, ସମାବେଶୀ ଏବଂ ଦକ୍ଷତା-ଭିତ୍ତିକ କରିବା ପାଇଁ ଏକ ପ୍ରମୁଖ ସଂସ୍କାର । ସ୍ୱଚ୍ଛ ଭାରତ, ସ୍ୱାସ୍ଥ୍ୟ ବୀମା ଏବଂ ପୋଷଣ କାର୍ଯ୍ୟକ୍ରମ ମୌଳିକ ମର୍ଯ୍ୟାଦା ଏବଂ ଜନସ୍ୱାସ୍ଥ୍ୟର ସମାଧାନ କରେ । ଧର୍ମ ନାମରେ ହେଉଥିବା ଅନ୍ଧବିଶ୍ୱାସ, ଚୋରା ଚାଲାଣ ଏବଂ ଶୋଷଣ ବିରୁଦ୍ଧରେ ଲଢ଼ିବା ପାଇଁ ବୈଜ୍ଞାନିକ ମନୋଭାବ ଏବଂ ଯୁକ୍ତିଯୁକ୍ତ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା। ଗରିବ, ଗ୍ରାମାଞ୍ଚଳ ଏବଂ ଅବହେଳିତ ବର୍ଗଙ୍କୁ ଡିଜିଟାଲ୍ ସାକ୍ଷରତା ଏବଂ ଆର୍ଥିକ ସମାବେଶର ଅଂଶବିଶେଷ କରିବା। ଆଇନ ପ୍ରଣୟନ କରିବା ସହ କଲ୍ୟାଣକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଉଚିତ। ଉଦାହରଣ: ବାଲ୍ୟବିବାହ ନିଷେଧ ଆଇନ, PCPNDT ଆଇନ, RTE ଆଇନ ।

ନାଗରିକ ସମାଜ ଏବଂ ଘଏଡ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ଏବଂ ପୀଡ଼ିତଙ୍କୁ ସାହାଯ୍ୟ କରିବା । ଶିକ୍ଷାନୁଷ୍ଠାନ ଗୁଡିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାନତା, ନୈତିକତା ଏବଂ ସେବା ମନୋଭାବ ଜାଗ୍ରତ କରିବା ଆବଶ୍ୟକ। ପ୍ରତ୍ୟେକ ନାଗରିକ ପରିବାର ଏବଂ ସମାଜରେ ଥିବା କୁସଂସ୍କାର ପ୍ରତି ପ୍ରଶ୍ନ ଉଠାଇବା ଉଚିତ୍। ନେତାମାନେ ନିଜେ ଉଦାହରଣ ସୃଷ୍ଟି କରି ନେତୃତ୍ୱ ନେବା ଆବଶ୍ୟକ। ଜଣେ ପ୍ରଶାସକ ଏବଂ ଶିକ୍ଷାବିତ୍ ଭାବରେ, ମୋର ବିଶ୍ୱାସ ଯେ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଶିକ୍ଷାଦାନର କେନ୍ଦ୍ର ନହୋଇ ସାମାଜିକ ପରିବର୍ତ୍ତନର କେନ୍ଦ୍ର ହେବା ଉଚିତ୍ ।

ସାମାଜିକ ସଂସ୍କାର କ୍ଷେତ୍ରରେ ଆହ୍ୱାନ ଓ ଏହାର ମୁକାବିଲା କରିବା ପାଇଁ ଆମମାନଙ୍କର ପ୍ରୟାସ ଜାରି ରହିବା ଉଚିତ । ଲୋକମାନେ ପ୍ରାୟତଃ ପରମ୍ପରା ନାମରେ ପୁରୁଣା ପ୍ରଥାଗୁଡ଼ିକର ସମର୍ଥନ କରନ୍ତି। ଭଲ ଆଇନ ରହିଛି, କିନ୍ତୁ ସେଗୁଡ଼ିକର କଠୋର ଅନୁପାଳନ ହୋଇପାରୁନାହିଁ । ଯୌତୁକ ଭଳି କେତେକ ସାମାଜିକ ବ୍ୟାଧି ଆଜିକାଲି ବ୍ୟବସାୟୀକରଣର ରୂପ ନେଇଛି। ସୋସିଆଲ୍ ମିଡିଆ ସଚେତନତା ସହିତ କୁସଂସ୍କାରପୂର୍ଣ୍ଣ ପ୍ରଚାର ମଧ ପ୍ରସାରିତ କରେ । ଏହି ସବୁକୁ ଅତିକ୍ରମ କରିବା ପାଇଁ ଧୈର୍ଯ୍ୟ, ଆଲୋଚନା, ଶିକ୍ଷା ଏବଂ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ସାମାଜିକ ସଂସ୍କାର ହେଉଛି ଏକ ପ୍ରଗତିଶୀଳ ରାଷ୍ଟ୍ରର ଆତ୍ମା। ଏହା ଏକ ନିରନ୍ତର ପ୍ରକ୍ରିୟା, କୌଣସି ଗୋଟିଏ ଘଟଣା ନୁହେଁ । ଅତୀତର ସଂସ୍କାରକମାନେ ଆମକୁ ଏକ ଅଧିକ ମାନବୀୟ ସମାଜ ଦେଇଛନ୍ତି। ଆମ ପିଢ଼ି ନୂତନ ରୂପର ଅସମାନତା – ଯେପରିକି ଡିଜିଟାଲ୍ ବିଭାଜନ, କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ପକ୍ଷପାତ ଏବଂ ସାମାଜିକ ବାସନ୍ଦ ବିରୁଦ୍ଧରେ ଲଢ଼ି ଏହାକୁ ଆଗକୁ ନେବାକୁ ହେବ।

ସାମାଜିକ ସଂସ୍କାରର ଚୂଡ଼ାନ୍ତ ଲକ୍ଷ୍ୟ ଅତ୍ୟନ୍ତ ସରଳ: 'ବସୁଧୈବ କୁଟୁମ୍ବକମ୍' – ସମଗ୍ର ବିଶ୍ୱ ଗୋଟିଏ ପରିବାର। ଏପରି ଏକ ସମାଜ ଯେଉଁଠାରେ ପ୍ରତ୍ୟେକ ଶିଶୁ, ଜାତି, ଲିଙ୍ଗ କିମ୍ବା ଧର୍ମ ନିର୍ବିଶେଷରେ ଆତ୍ମସମ୍ମାନର ସହ ଶିଖିବା, ବଢ଼ିବା ଏବଂ ଆଗେଇବାର ସମାନ ସୁଯୋଗ ପାଏ ।

ନାଗରିକ ଭାବରେ, ସଂସ୍କାରର ଏହି ମହାନ୍ ଯାତ୍ରାରେ କେବଳ ଦର୍ଶକ ନହୋଇ ସକ୍ରିୟ ଭାଗିଦାର ହେବା ଆମର କର୍ତ୍ତବ୍ୟ । ସମାଜକୁ ଏକ ସୁସ୍ଥ ବାତାବରଣ ମଧ୍ୟରେ, ଆମେ ନିଜ ନିଜର ଆଦର୍ଶ ହେବା ଏବଂ ଯାହା ଆମର ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ ।

# ବଞ୍ଚିଥିଲେ ବରଷେ, ମରିଗଲେ ପୁରୁଷେ



**ମିଲନ କୁମାର ମିଶ୍ର**
**(ଭରଦ୍ୱାଜ)**
ବିଶ୍ୱେଶ୍ୱପୁର୍ ଶାସନ, କେନ୍ଦୁଝର
ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

ରଥଯାତ୍ରା ଶେଷ ହୋଇଯାଏ । ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରି ବିଜେ ପରେ ଶ୍ରୀଜଗନ୍ନାଥ ପୁଣି ରତ୍ନସିଂହାସନରେ ଅଧିଷ୍ଠିତ ହୁଅନ୍ତି । ବଡ଼ଦାଣ୍ଡ ପୁଣି ନିସ୍ତବ୍ଧ ହୋଇଯାଏ । ରଥର ଚକ ଆଉ ଗଡ଼େ ନାହିଁ, ଘୋଷଧ୍ୱନି ଶାନ୍ତ ହୋଇଯାଏ, ଦଉଡ଼ିକୁ ଛୁଇଁବା ପାଇଁ ଲକ୍ଷ ଲକ୍ଷ ହାତର ଉନ୍ମାଦନା ସ୍ମୃତିରେ ପରିଣତ ହୁଏ । କିନ୍ତୁ ଭକ୍ତର ଅନ୍ତରରେ ସେତେବେଳେ ଆରମ୍ଭ ହୁଏ ଏକ ନୂଆ ଯାତ୍ରା—ନିଜ ଭିତରକୁ ଫେରିବାର ଯାତ୍ରା । ସେହି ଅନ୍ତର୍ମୁଖି କ୍ଷଣରେ ଓଠରେ ଅଜାଣତରେ ଝରିପଡ଼େ ଏକ ଚିରନ୍ତନ ଲୋକୋକ୍ତି—'ବଞ୍ଚିଥିଲେ ବରଷେ, ମରିଗଲେ ପୁରୁଷେ।'

ଏହି କଥାରେ ନିରାଶା ନାହିଁ ଅଛି ଜୀବନର ସବୁଠାରୁ ବଡ଼ ସତ୍ୟର ସରଳ ସ୍ୱୀକୃତି । ଏହା ମୃତ୍ୟୁର ଘୋଷଣା ନୁହେଁ, ବରଂ କାଳର ସର୍ବଶକ୍ତିମାନ ଶାସନକୁ ବିନମ୍ର ପ୍ରଣାମ । ଆଜି ଯିଏ ରଥ ଟାଣୁଛି, ସେ କାଲି ରହିବ କି ନାହିଁ କେହି ଜାଣେନାହିଁ। ଯିଏ ଆଜି 'ଜୟ ଜଗନ୍ନାଥ' ଧ୍ୱନିରେ ଆକାଶକୁ ମୁଖରିତ କରୁଛି, ଆସନ୍ତା ବର୍ଷ ସେହି କଣ୍ଠ ନିରବ ହୋଇପାରେ । ଏହି ଅନିଶ୍ଚିତତା ହିଁ ମଣିଷକୁ ବିନମ୍ର କରେ। ଜଗନ୍ନାଥ କେବଳ ଜଣେ ଦେବତା ନୁହଁନ୍ତି; ସେ କାଳପୁରୁଷ । ସେ ସମୟର ଭିତରେ ନାହାନ୍ତି; ସମୟ ତାଙ୍କ ଭିତରେ ପ୍ରବାହିତ । ତାଙ୍କର ରଥ ଚାଲେ, ପୁଣି ଥମେ; ନବକଳେବର ହୁଏ; ଦାରୁବ୍ରହ୍ମ ପରିବର୍ତ୍ତିତ ହୁଏ; କିନ୍ତୁ ସେ ଅନନ୍ତ। ଏହି ରହସ୍ୟ ଭକ୍ତକୁ ଶିଖାଏ— ଶରୀର ବଦଳେ, କାଳ ବଦଳେ, ଯୁଗ ବଦଳେ; କିନ୍ତୁ ପରମ ସତ୍ୟ ସଦା ଅପରିବର୍ତ୍ତନଶୀଳ। ରଥଯାତ୍ରାର ପ୍ରତ୍ୟେକ ପର୍ବରେ ଜୀବନର ଦର୍ଶନ ଲୁଚିଛି । ଶ୍ରୀମନ୍ଦିରରୁ ବାହାରିବା ଜନ୍ମର ପ୍ରତୀକ, ଗୁଣ୍ଡିଚା ଯାତ୍ରା ଜୀବନର ବିସ୍ତାର, ବାହୁଡ଼ା ପ୍ରତ୍ୟାବର୍ତ୍ତନର ସଙ୍କେତ ଏବଂ ନୀଳାଦ୍ରି ବିଜେ ପରମ ଆଶ୍ରୟକୁ ଫେରିଯିବାର ମହାମନ୍ତ୍ର। ମଣିଷର ଜୀବନ ମଧ୍ୟ ଏହିପରି । ସେ ଆସେ, କିଛିଦିନ ରହେ, ସମ୍ପର୍କ ଗଢ଼େ, ସୁଖ-ଦୁଃଖର ସ୍ୱାଦ ନିଏ, ଶେଷରେ ଚାଲିଯାଏ । ରହିଯାଏ କେବଳ କର୍ମ, ସ୍ମୃତି ଓ ଈଶ୍ୱରଙ୍କ ସହ ତାର ସମ୍ପର୍କ । ସେଥିପାଇଁ ରଥଯାତ୍ରା ପରେ ଭକ୍ତର ମନରେ ମୃତ୍ୟୁର ଭୟ ନୁହେଁ, ବରଂ ମୃତ୍ୟୁବୋଧ ଜାଗ୍ରତ ହୁଏ । ମୃତ୍ୟୁବୋଧ ମଣିଷକୁ ଦୁର୍ବଳ କରେନାହିଁ; ଏହା ଜୀବନକୁ ଅର୍ଥପୂର୍ଣ୍ଣ କରେ । ଯିଏ ମୃତ୍ୟୁକୁ ସ୍ମରଣ କରେ, ସେ ଅହଙ୍କାରକୁ ଭୁଲିଯାଏ । ସେ ବୁଝେ—ଧନ, ପଦ, ପ୍ରତିଷ୍ଠା, କ୍ଷମତା—ସବୁ କାଳର ସ୍ରୋତରେ ଦିନେ ନା ଦିନେ ଭାସିଯିବ । କେବଳ ଭକ୍ତି, ପ୍ରେମ ଓ ସତକର୍ମ ହିଁ ଅମର ।

'ବଞ୍ଚିଥିଲେ ବରଷେ'—ଏହି ବାକ୍ୟରେ ଅପେକ୍ଷା ଅଛି, କିନ୍ତୁ ସେହି ଅପେକ୍ଷାରେ ଅଧୈର୍ଯ୍ୟ ପଣ ନାହିଁ । ଏହା ହେଉଛି ଈଶ୍ୱରଙ୍କ ଇଚ୍ଛା ଉପରେ ନିର୍ଭର କରିବାର ସାଧନା । ଆଗାମୀ ବର୍ଷର ରଥଯାତ୍ରା ଦେଖିବାର ଇଚ୍ଛା ଥାଏ, କିନ୍ତୁ ସେହି ଇଚ୍ଛାକୁ ମଧ ଭକ୍ତ ପ୍ରଭୁଙ୍କ ଚରଣରେ ସମର୍ପଣ କରିଦିଏ। ସେ କହେ—'ହେ ପ୍ରଭୁ! ମୋର ଇଚ୍ଛାଠାରୁ ତୁମ ଇଚ୍ଛା ବଡ଼ ।'

'ମରିଗଲେ ପୁରୁଷେ'—ଏହି ଶବ୍ଦରେ ମଧ୍ୟ ଏକ ଅଦ୍ଭୁତ ଦାର୍ଶନିକ ଗଭୀରତା ରହିଛି । ଏଠାରେ 'ପୁରୁଷେ' କେବଳ ମଣିଷକୁ ବୁଝାଏ ନାହିଁ; ଏହା ସ୍ମରଣ କରାଏ ଯେ ଜନ୍ମ ନେଇଥିବା ପ୍ରତ୍ୟେକ ଜୀବ କାଳର ଅଧୀନ । ମୃତ୍ୟୁ କାହାକୁ ଅପମାନ କରେନାହିଁ, ସେ କେବଳ ନିଜ ନିୟମ ପାଳନ କରେ । କିନ୍ତୁ ଭକ୍ତଙ୍କ ପାଇଁ ମୃତ୍ୟୁ ଶେଷ ନୁହେଁ । ଜଗନ୍ନାଥ ତତ୍ତ୍ୱରେ ମୃତ୍ୟୁ ହେଉଛି ପରମ ସତ୍ତା ସହ ପୁନର୍ମିଳନର ଏକ ପବିତ୍ର ମୁହୂର୍ତ୍ତ। ଏହି କାରଣରୁ ରଥଯାତ୍ରା ପରେ ଜଣେ ଭକ୍ତର ଆଖିରେ ଲୁହ ଥାଏ, କିନ୍ତୁ ସେହି ଲୁହରେ ହତାଶା ନଥାଏ । ସେଥିରେ ଥାଏ କୃତଜ୍ଞତା— 'ହେ ପ୍ରଭୁ ! ଏ ବର୍ଷ ତୁମକୁ ଦେଖିବାର ସୌଭାଗ୍ୟ ଦେଲ । ଆଗାମୀ ବର୍ଷ ଯଦି ଏହି ଦେହ ରହିବ, ପୁଣି ଆସିବି; ନ ରହିଲେ ମଧ ତୁମ ଚରଣରେ ହିଁ ମୋର ଚିର ବିଶ୍ରାମ ।' ବାସ୍ତବରେ, 'ବଞ୍ଚିଥିଲେ ବରଷେ, ମରିଗଲେ ପୁରୁଷେ' ଲୋକକଥାଟି ହେଉଛି ଜଗନ୍ନାଥ ସଂସ୍କୃତିର ଏକ ମହାମନ୍ତ୍ର । ଏହା ମଣିଷକୁ ପ୍ରତିବର୍ଷ ମୃତ୍ୟୁକୁ ସ୍ମରଣ କରାଇ ଜୀବନକୁ ପବିତ୍ର କରିବାକୁ ଶିଖାଏ । ଏହା କହେ— ସମୟ କାହାକୁ ଅପେକ୍ଷା କରେନାହିଁ; ସେଥିପାଇଁ ପ୍ରତ୍ୟେକ ଦିନକୁ ଶେଷ ଦିନ ଭାବି ସତକର୍ମ କର, ପ୍ରେମ କର, ଭକ୍ତି କର । କାରଣ ରଥ ପ୍ରତିବର୍ଷ ଆସିବ, କିନ୍ତୁ ତାହାକୁ ଦେଖିବା ପାଇଁ ଏହି ଦେହ ପ୍ରତିବର୍ଷ ରହିବ ବୋଲି କୌଣସି ନିଶ୍ଚିତତା ନାହିଁ । ଏହି ଅନୁଭବ ହିଁ ଭକ୍ତିର ପରିପକ୍ୱତା । ଏହି ଅବବୋଧ ହିଁ ଜଗନ୍ନାଥଙ୍କ ମହାପ୍ରସାଦ ପରି ସମସ୍ତଙ୍କ ପାଇଁ ସମାନ, ସରଳ ଏବଂ ସାର୍ବଜନୀନ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଅଗଷ୍ଟ ୨୦୨୬ ରବିବାର





## ରାଷ୍ଟ୍ରପତିଙ୍କ ଠାରେ ସାନ୍ତାଳୀ ଜନତାଙ୍କ ଦାବି ଉପସ୍ଥାପନ




**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆସେକା କାଉନ୍‌ସିଲ୍ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆସେକା କାଉନ୍‌ସିଲର ମାଝି ମୁର୍ମୁ ନିକଟରେ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନ ଗସ୍ତ କରି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବା ସହ ସାନ୍ତାଳୀ ଭାଷାଭାଷୀ ଲୋକଙ୍କର ବିଭିନ୍ନ ପ୍ରମୁଖ ଦାବି ଉପସ୍ଥାପନ କରିଛନ୍ତି । ଦାବିଗୁଡ଼ିକ ମଧ୍ୟରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ କରିବା, ସାନ୍ତାଳୀ ସମ୍ପ୍ରଦାୟ ପାଇଁ ସ୍ୱତନ୍ତ୍ର ଧର୍ମ କୋଡ୍ ପ୍ରଦାନ କରିବା, NCERT ପାଠ୍ୟକ୍ରମରେ ଅଲଚିକି ଲିପିରେ ସାନ୍ତାଳୀ ପୁସ୍ତକ ପ୍ରକାଶ କରିବା, ଭାରତୀୟ ମୁଦ୍ରାରେ ଅଲଚିକି ଲିପିକୁ ସାମିଲ କରିବା ଏବଂ ଆସେକାର ସାର୍ବାଙ୍ଗୀନ ଉନ୍ନତି ପାଇଁ ବିଶେଷ ଅର୍ଥରାଶି ମଞ୍ଜୁର ଦାବି ରହିଥିବା କହିଛନ୍ତି । ଏହି ସମସ୍ତ ଦାବି ଉପରେ ସହୃଦୟତାର ସହ ବିଚାର କରି ରାଷ୍ଟ୍ରପତି ଉଚିତ୍ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବିଶେଷ କରି ଆସେକାର ଉନ୍ନତି ପାଇଁ ତୁରନ୍ତ ୧୫ କୋଟି ଟଙ୍କା ମଞ୍ଜୁର କରାଯିବ ବୋଲି ମହାମହିମ ପ୍ରକାଶ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି ଆସେକା କାଉନ୍‌ସିଲ୍ । ରାଷ୍ଟ୍ରପତିଙ୍କ ଏହି ଆଶ୍ୱାସନା ପାଇଁ ଆସେକା କାଉନ୍‌ସିଲ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତାଙ୍କୁ ଗଭୀର କୃତଜ୍ଞତା ଜଣାଯାଇଛି ।

# ବ୍ରହ୍ମପୁରକୁ ଟାୟର୍-୨ ସ୍ମାର୍ଟ ସିଟି ମାନ୍ୟତା ଦାବି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହର ତଳି ଅଞ୍ଚଳ ମିଳିତ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଇ-ମେଲ୍ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବ୍ରହ୍ମପୁର ସହରକୁ ତୁରନ୍ତ ଟାୟର-୨ ସ୍ମାର୍ଟ ସିଟି ଭାବେ ଘୋଷଣା କରିବାକୁ କମିଟି ପକ୍ଷରୁ ଦାବି କରାଯାଇଛି । ଏହା ସହ ବ୍ରହ୍ମପୁରରେ ଆନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ସହ ସ୍ୱତନ୍ତ୍ର ରେଳ ବିଭାଗ ସ୍ଥାପନର ମଞ୍ଜୁରୀ, ୫ ହଜାର କୋଟି ପ୍ୟାକେଜ୍ ପ୍ରଦାନ ସହ ଏଆଇଆଇଏମ୍ଏସ୍ ସ୍ତର ଡାକ୍ତରଖାନା, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଇଟି ପାର୍କ, ଶିଳ୍ପ କରିଡ଼ର, ପ୍ରତିରକ୍ଷା ଶିଳ୍ପ କ୍ଲଷ୍ଟର୍ କରିବାକୁ ଦାବି ହୋଇଛି । ସେହିପରି ବ୍ରହ୍ମପୁର-ଗୋପାଳପୁରକୁ ଉପକୂଳ ଅର୍ଥନୈତିକ କରିଡ଼ର ଭାବେ ବିକାଶ କରିବା, ବ୍ରହ୍ମପୁର ପୌରସଂସ୍ଥାକୁ ସମ୍ପୂର୍ଣ୍ଣ ମହାନଗର ନିଗମ ମାନ୍ୟତା ଏବଂ ଅଧିକ ଆର୍ଥିକ କ୍ଷମତା ପ୍ରଦାନ କରିବାକୁ ଦାବି ହୋଇଛି । ଏହାଦ୍ୱାରା ଓଡ଼ିଶାକୁ ୭ ହଜାରରୁ ଅଧିକ କୋଟିର ପୁଞ୍ଜି ନିବେଶ ଓ ବିକାଶ କାର୍ଯ୍ୟ ଉପଲବ୍ଧ ହୋଇପାରିବ । ସେହିପରି ସହରକୁ ଟାୟର-୨ ମାନ୍ୟତା ମିଳିବା ମାତ୍ରେ ବ୍ରହ୍ମପୁରକୁ ବିଭିନ୍ନ କ୍ଷେତ୍ରରେ କୋଟି କୋଟି ଟଙ୍କାର ଅନୁଦାନ ପ୍ରଦାନ କରିବାକୁ ବାଟ ଫିଟିବ ବୋଲି କମିଟି ପକ୍ଷରୁ ଦାବି କରାଯାଇଛି । ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲାର ଦେଢ଼ କୋଟି ଲୋକଙ୍କ ଜୀବନରେଖା ହୋଇଥିବା ବେଳେ ବ୍ରହ୍ମପୁର ଓଡ଼ିଶାର ଦ୍ୱିତୀୟ ବୃହତମ ସହର ଭାବେ ପରିଚିତ । ଏହା ଦକ୍ଷିଣ ଓଡ଼ିଶାର ସର୍ବବୃହତ୍ ସହର ଜିଏସ୍‌ଟି ଏବଂ ବାଣିଜ୍ୟ କେନ୍ଦ୍ର, ଯେଉଁଠାରେ ଦୈନିକି ୫୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥାଏ । କିନ୍ତୁ ମାନ୍ୟତା ଅଭାବରୁ ଏହା କେନ୍ଦ୍ରୀୟ ଅନୁଦାନରୁ ବଞ୍ଚିତ ହେଉଥିବା କମିଟିର ସଭାପତି ସଞ୍ଜିବ କୁମାର ପଟ୍ଟନାୟକ ଦାବି କରିଛନ୍ତି । ଯୋଗାଯୋଗ ସଙ୍କଟ ମଧ୍ୟରେ ସହରରେ ବିମାନ ବନ୍ଦର ଏବଂ ସ୍ୱତନ୍ତ୍ର ରେଳ ବିଭାଗ ନଥିବାରୁ ବିନିଯୋଗ ବନ୍ଦ ହୋଇଯାଉଛି । ସେହିପରି ଶିକ୍ଷା ଅନୁଷ୍ଠାନ ସଙ୍କଟ ମଧ୍ୟରେ ଦେଢ଼ କୋଟି ଲୋକ ବସବାସ କରୁଥିବା ଅଞ୍ଚଳରେ ଏଆଇଆଇଏମ୍ଏସ୍, ଆଇଆଇଟି, ଆଇଆଇଏମ୍ ସ୍ତରର ଶିକ୍ଷା ଏବଂ ଚିକିତ୍ସା ପାଇବା ପାଇଁ ଭୁବନେଶ୍ୱର ବା ଅନ୍ୟ ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି । ଆଇଟି ପାର୍କ ଏବଂ ବଡ଼ ଶିଳ୍ପ ନଥିବାରୁ ଆମ ଯୁବପିଢି ଦକ୍ଷିଣ ଓଡ଼ିଶା ଛାଡ଼ି ପଳାୟନ କରୁଥିବା ବେଳେ ଦାଦନ ସଙ୍କଟ ମଧ୍ୟ ଦେଖାଦେଉଥିବା କମିଟି ଦାବି କରିଛି । ଉକ୍ତ ଦାବିପତ୍ର ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନ, ଗଞ୍ଜାମ ଜିଲ୍ଲାପାଳ ଏବଂ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କୁ ପ୍ରଦାନ କରାଯାଇଛି ।




## ସାଇବର ଠକେଇ ଓ ଗଞ୍ଜେଇ ଚାଷ ରୋକିବା ପାଇଁ ପୋଲିସର ପଦକ୍ଷେପ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣି ଥାନା ପୋଲିସ ପକ୍ଷରୁ ଗୋଛାପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ନିଶାମୁକ୍ତ ଭାରତ, ସାଇବର ସଚେତନତା ଓ ଗଞ୍ଜେଇ ଚାଷ ନିଷେଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହା ସହ ଆମ ପୋଲିସ ସମିତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବାଉଁଶୁଣି ଥାନା ଅଧିକାରୀ ମହେନ୍ଦ୍ର ବେହେରା ବୈଠକରେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ, ସାଇବର ଠକେଇରୁ ନିଜକୁ ସୁରକ୍ଷିତ ରଖିବା ଏବଂ ବେଆଇନ୍ ଗଞ୍ଜେଇ ଚାଷର କୁପ୍ରଭାବ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ । ବିଶେଷକରି ସାଇବର ଠକେଇର ଶିକାର ନହେବା ପାଇଁ ଅଜଣା ଲିଙ୍କରେ କ୍ଲିକ୍ ନକରିବା, ଓଟିପି ଓ ବ୍ୟାଙ୍କ ସମ୍ପର୍କିତ ଗୋପନୀୟ ତଥ୍ୟ କାହାକୁ ନଦେବାକୁ ସେ ପରାମର୍ଶ ଦେଇଥିଲେ । ଏଥିସହ ବେଆଇନ୍ ଗଞ୍ଜେଇ ଚାଷ ଦ୍ୱାରା ସମାଜ ଓ ଯୁବପିଢ଼ି ଉପରେ ପଡ଼ୁଥିବା କୁପ୍ରଭାବ ସମ୍ପର୍କରେ ଆଲୋକପାତ କରି ଏଭଳି ଚାଷରୁ ଦୂରେଇ ରହିବାକୁ ପୋଲିସ ପକ୍ଷରୁ ଆହ୍ୱାନ୍ ଦିଆଯାଇଥିଲା । ବୈଠକରେ ସରପଞ୍ଚ, ୱାର୍ଡ ସଭ୍ୟଙ୍କ ସମେତ ବହୁ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ । ଏହି ଅବସରରେ ଅଞ୍ଚଳରେ ନିଶା କାରବାର, ବେଆଇନ୍ ଗଞ୍ଜେଇ ଚାଷ ଓ ସାଇବର ଅପରାଧ ରୋକିବାରେ ପୋଲିସ ସହ ସହଯୋଗ କରିବାକୁ ଉପସ୍ଥିତ ଲୋକମାନଙ୍କୁ ଅନୁରୋଧ କରାଯାଇଥିଲା ।

## ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକରେ ଶୋକ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସହରର ଜଣାଶୁଣା କଂଗ୍ରେସ ନେତା ମିର୍ଜା ମନାନ୍ ବେଗ୍‌ଙ୍କର ୭୭ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି । ଜଣେ ନିଷ୍ଠାପର, ଦୃଢ଼, ଲୋକପ୍ରିୟ ମଣିଷ ଭାବରେ ଜଗତସିଂହପୁର ସହରରେ ତାଙ୍କର ବେଶ୍ ସୁନାମ ରହିଥିଲା । ତାଙ୍କ ଆକସ୍ମିକ ବିୟୋଗ ଖବରପାଇ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ବରିଷ୍ଠ କଂଗ୍ରେସ ନେତା ପ୍ରସନ୍ନ କୁମାର ସାମନ୍ତରାୟ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ପୂର୍ବତନ ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ଯୁବ କଂଗ୍ରେସ ନେତା ଇଂ ଜ୍ଞାନରଞ୍ଜନ ଜେନା, ଆର୍ଶୀବାଦ ତ୍ରିପାଠୀ, ସରୋଜ କୁମାର ମହାପାତ୍ର ପ୍ରମୁଖ ତାଙ୍କ କଲେଜ ଛକ ନିକଟସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

# ୪୦ ବର୍ଷର ଅପେକ୍ଷା, ଡଙ୍ଗାରେ ବନ୍ଧା ଜୀବନ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁରରେ କେହି ଏଠି ଡଙ୍ଗାରେ ଯାଉଛି ହାଟ ପାଇଁ, କେହି ଯାଉଛି ରୋଜଗାର ପାଇଁ, କେହି ଯାଉଛି ପାଠ ପଢ଼ିବା ପାଇଁ ଆଉ କେହି ଜୀବନ ବଞ୍ଚାଇବା ପାଇଁ । ଏହା ହେଉଛି କୋରାପୁଟ ଜିଲ୍ଲାର ଦଶମନ୍ତପୁର ଓ ବୋରିଗୁମ୍ମା ସୀମାନ୍ତ ଅଞ୍ଚଳର ଲୋକଙ୍କ ସତ ଜୀବନ । ମୁରାନ ନଦୀ ଯାହା ଗୋଟିଏ ପଟେ ଦୂରତା କମାଏ, ଆଉ ଅନ୍ୟ ପଟେ ଲୋକଙ୍କ ଜୀବନକୁ ବିପଦରେ ପକାଇଦିଏ । ରାସ୍ତା ଦେଇ ଗଲେ ୧୦୦ରୁ ୨୦୦ କିଲୋମିଟର ବୁଲିବାକୁ ପଡ଼େ । ତେଣୁ ଲୋକଙ୍କ ପାଇଁ ଡଙ୍ଗା ଓ କମାଣ୍ଡର ହିଁ ଭରସା । କମାଣ୍ଡର ଆସିଲେ ଜମିଯାଏ ଲୋକଙ୍କ ଭିଡ଼ । କାହା ହାତରେ ଜିନିଷପତ୍ର... କାହା ସହିତ ପିଲା କାହା ସହିତ ବୃଦ୍ଧ ବାପା ମାଆ କିଏ ବଜାରକୁ ଯାଉଛି କିଏ ଚିକିତ୍ସା ପାଇଁ ଆଉ କିଏ ନିଜ ଘରକୁ ଫେରିବା ପାଇଁ । କିନ୍ତୁ ଏହି ଯାତ୍ରା ପଛରେ ଲୁଚିଛି ବିସ୍ଥାପିତ ଅଞ୍ଚଳବାସୀଙ୍କ ଆଉ ଗୋଟିଏ ଯନ୍ତ୍ରଣା । ଇନ୍ଦ୍ରାବତୀ ଜଳଭଣ୍ଡାର ପାଇଁ ଯେଉଁମାନେ ନିଜ ଭିଟାମାଟି ହରାଇଲେ ଘର ହରାଇଲେ ନିଜ ଗାଁ ହରାଇଲେ ସେମାନଙ୍କ ପାଇଁ ଆଜିବି ଯାତାୟାତର ଏହି ଦୁର୍ଦ୍ଦଶା ଶେଷ ହୋଇନାହିଁ । ଘର ବଦଳିଲା ଜାଗା ବଦଳିଲା କିନ୍ତୁ ଯନ୍ତ୍ରଣା ବଦଳିଲା ନାହିଁ । ଜଣେ ଗୁରୁତର ରୋଗୀଙ୍କୁ ହସ୍ପିଟାଲ୍ ନେବାର ଜରୁରୀ ସମୟରେ ପରିବାରକୁ ପ୍ରଥମେ ଭାବିବାକୁ ପଡ଼େ ଡଙ୍ଗା କିମ୍ବା କମାଣ୍ଡର ମିଳିବ ତ ? ଜଣେ ମାଆ ପିଲାକୁ ସ୍କୁଲ ପଠାଇବା ବେଳେ ପାଠପଢ଼ାଠାରୁ ଅଧିକ ଚିନ୍ତା କରେ ପିଲାଟା ସୁରକ୍ଷିତ ଭାବେ ଫେରିବ ତ ? ଏଠି ରାସ୍ତା ନାହିଁ । ରାସ୍ତା ବଦଳରେ ଅଛି ନଦୀ । ଏହି କଷ୍ଟ ଗୋଟିଏ ଦିନର ନୁହେଁ । ୪୦ ବର୍ଷ ଗୋଟିଏ ପିଢ଼ି ଆସିଲା ଗଲା ପିଲାମାନେ ବଡ଼ ହେଲେ ସେମାନଙ୍କ ପିଲାମାନେ ବି ସ୍କୁଲ ଯିବା ଆରମ୍ଭ କଲେ । କିନ୍ତୁ ନଦୀ ପାର ହେବାର କଷ୍ଟ... ସେମିତି ହିଁ ରହିଗଲା । ଏଠାକାର ଲୋକେ କେବଳ ଚାହୁଁଛନ୍ତି ଗୋଟିଏ ପୋଲ । ୪୦ ବର୍ଷ ଧରି ଅପେକ୍ଷା କରୁଥିବା ଏହି ଲୋକଙ୍କ ପ୍ରଶ୍ନ ଆଜି ବି ସେଇ ଆମ ପୋଲ କେବେ ସରିବ ?

## ବନ୍ୟାରେ ଶତ ପ୍ରତିଶତ ଫସଲ ହାନୀ ଘୋଷଣା ନିମନ୍ତେ ଚାଷୀଙ୍କ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଚଳିତ ବନ୍ୟାରେ ମାର୍ଶାଘାଇ ବ୍ଲକରେ ବ୍ୟାପକ ଫସଲ ହାନି ହେଉଥିବା ଚାଷୀ ଓ ଭାଗଚାଷୀ କୃଷି ଶ୍ରମିକ ଓ ଖଟିଖିଆ ଗରିବ ଜିଲ୍ଲାପାଳଙ୍କୁ ଭେଟି ପରକୁଳା ପଞ୍ଚାୟତରେ ସମସ୍ତ ଫସଲ କ୍ଷତି ହୋଇଥିବା ଘୋଷଣା କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି । ଏହି ପଞ୍ଚାୟତଟି ଲୁଣା ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ନିମ୍ନତମ ଭାଗରେ ଅବସ୍ଥିତ । ଉକ୍ତ ପଞ୍ଚାୟତର ଲୋକମାନେ ପ୍ରାୟତଃ ଚାଷ ଉପରେ ନିର୍ଭର କରନ୍ତି । ଚଳିତ ବନ୍ୟାରେ ଚାଷ ଜମିରେ ଏକ ମାସରୁ ଉର୍ଦ୍ଧ୍ୱ ହେବ ପାଣି ରହିଥିବାରୁ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇଯାଇଛି । ଚାଷୀମାନେ ଧାର ଉଦ୍ଧାର ଓ କରଜ ଋଣ କରି ଚାଷ କରିଥିଲେ । ତେଣୁ ଏହି ପଞ୍ଚାୟତର ସମସ୍ତ ଚାଷ ଜମିକୁ ଶତ ପ୍ରତିଶତ ନଷ୍ଟ ହେଉଥିବା ଘୋଷଣା କରି କ୍ଷୟକ୍ଷତି ପ୍ରଦାନ କରିବା ସହିତ କୃଷି ଋଣ ଚାଡ କରିବା ପାଇଁ ସରୋଜକାନ୍ତ ବାରିକ, ନିରଞ୍ଜନ ପରିଡା, ଶଚିତ୍ର ସାହୁ, ଦିଲ୍ଲୀପ ପ୍ରଧାନ, ବିପିନ ବିହାରୀ ଦାସ ପ୍ରମୁଖ ଦାବି କରିଛନ୍ତି ।

## ସମଗ୍ର ଜୀବ ଜଗତର ମଙ୍ଗଳ କାମନା କରିବାକୁ ସ୍ୱାମୀ ସୁକାନ୍ତ ଦାସ ମହାରାଜଙ୍କ ଆହ୍ୱାନ



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

କଟକ ଜିଲ୍ଲା ନିଶ୍ଚିନ୍ତ କୋଇଲି ବ୍ଲକ ସରପଡା ପଞ୍ଚାୟତ ଖଣ୍ଡସାହି ବାସୁଦେବ ଆଶ୍ରମ ପରିସରରେ ପଞ୍ଚସଖା ସତ୍ୟ ପ୍ରତିଷ୍ଠା ରାସସେବା ସ୍ୱଧର୍ମ ମହାସଭା ଆନୁକୁଲ୍ୟରେ ସ୍ୱାମୀ ଗୁରୁପାଦ ବ୍ରହ୍ମ ଅବଧୂତ ସୁକାନ୍ତ ଦାସ ମହାରାଜଙ୍କ ପବିତ୍ର ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦିବସ ବ୍ୟାପି ଉକ୍ତ ଉତ୍ସବରେ ରାଜ୍ୟସ୍ତରୀୟ ସାଧୁ ସନ୍ଥ ସମ୍ମିଳନୀ, ଜ୍ଞାନ ତତ୍ତ୍ୱ ପ୍ରତିଯୋଗିତା ଓ ପାଲା ପରିବେଷଣ ସହ ହୋମ ଯଜ୍ଞ ପୂଜା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଶିଷ୍ଟ ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାମୀ ଗୁରୁପାଦ ସୁକାନ୍ତ ଦାସ ଯୋଗଦେଇ ସକାମ ଓ ଉନ୍ନୀତ ମନୋଭାବରେ ସମଗ୍ର ଜୀବ ଜଗତର ମଙ୍ଗଳ କାମନା କରିବାକୁ ଆହ୍ୱାନ ଦେଇଥିଲେ । ଉତ୍ସବରେ ବରେଣ୍ୟ ଅତିଥି ଭାବେ ବାୟା ଅବଧୂତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିବେକାନନ୍ଦ ସିଂହ, ବିଶିଷ୍ଟ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ସାରସ୍ୱତ ସଂଗଠକ ଗୌତମ ଚରଣ ଜେନା, ମହାପୁରୁଷ ଅଚ୍ୟୁତାନନ୍ଦ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ । ରାଜ୍ୟସ୍ତରୀୟ ତତ୍ତ୍ୱଜ୍ଞାନ ପ୍ରତିଯୋଗିତାରେ ବିଚାରକ ଭାବେ ଧନେଶ୍ୱର ସାହୁ ଓ ବାବା ତପନ ମହାରାଜ ରହିଥିଲେ ଏବଂ ଏହି କ୍ରମରେ ଅଜିତ କୁମାର ପ୍ରଧାନ ପ୍ରଥମ, ସନ୍ତୋଷ କୁମାର ଦାସ ଦ୍ୱିତୀୟ ଓ ବିଜୟ କୁମାର ଦାସ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ପ୍ରାରମ୍ଭରେ ନାମାଶ୍ରିତ ପ୍ରଭାବତୀ ଭୂୟାଁ ସ୍ୱାଗତ ସଙ୍ଗୀତ ଓ ଶରତ ଚନ୍ଦ୍ର ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଭିରାମ ଶତପଥୀ, ଶୁକଦେବ ସାହୁ, ରାମଚନ୍ଦ୍ର ବିଶ୍ୱାଳ, ଅଜୟ କୁମାର ସାମଲ, ସଞ୍ଜୟ ପରିଡ଼ା, ପଣ୍ଡିତ ଲକ୍ଷ୍ମୀଧର ମିଶ୍ର, ସନ୍ତୋଷ ନାୟକ, ଅନିରୁଦ୍ଧ ଓଝା, ମଧୁ ସାହୁ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ । ସୁନାମଧନ୍ୟ ଗାୟକ ଅଭିରାମ ଶତପଥୀଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା । ଶେଷରେ ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିଥିଲେ ।

# ନବସୃଜନ, ଷ୍ଟାର୍ଟଅପ୍ ସଂସ୍କୃତି ଓ ଯୁବ ପ୍ରତିଭାଙ୍କୁ ମିଳିଲା ପ୍ରୋତ୍ସାହନ

**ବାଲେଶ୍ୱର, ନ୍ୟୁଜ୍**




ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଉଦ୍ୟୋଗୀ ଦିବସ-୨୦୨୬ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ଉଦ୍ୟମ ପ୍ରସ୍ଫୁଟନ ପ୍ରତିଷ୍ଠାନ (ଏଫ୍ଏମ୍ୟୁ-ଟିବିଆଇ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବସୃଜନ, ଷ୍ଟାର୍ଟଅପ୍ ସଂସ୍କୃତି ଓ ଉଦ୍ୟୋଗୀତାକୁ ଏକ ସମ୍ଭାବନାମୟ କର୍ମଜୀବନ ଭାବେ ଗ୍ରହଣ କରିବାର ବାର୍ତ୍ତା ପ୍ରଦାନ କରିଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗୀ, ଶିଳ୍ପ ବିଶେଷଜ୍ଞ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବା ସହ ନୂତନ ପିଢ଼ିକୁ ନବସୃଜନ ଓ ରୋଜଗାର ସୃଷ୍ଟି ଦିଗରେ ପ୍ରେରଣା ଯୋଗାଇଥିଲେ ଏବଂ ବିକଶିତ ଭାରତର ସ୍ୱପ୍ନ ଓ ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ଅନୁରୂପ ଉଦ୍ୟୋଗୀତାର ପରିବେଶ ସୃଷ୍ଟି ପ୍ରତି ଅବଗତ କରାଇଥିଲା । ବ୍ୟବସାୟ ପରିଚାଳନା ବିଭାଗର ପ୍ରଫେସର ତଥା ପିଏମ୍ଆଇଆର୍ ସଂଯୋଜିକା ପ୍ରଫେସର ପଦ୍ମଲିତା ରାଉତରାୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ଚିନ୍ତାଧାରାର ବିକାଶର ଆବଶ୍ୟକତା ଉପରେ ଆଲୋକପାତ କରି ସେମାନଙ୍କୁ ନବସୃଜନଭିତ୍ତିକ ସୁଯୋଗକୁ ଆପଣେଇବାକୁ ଆହ୍ୱାନ୍ କରିଥିଲେ । କର୍ମଜୀବନ ଭାବେ ଉଦ୍ୟୋଗୀତା ଶୀର୍ଷକ ପ୍ରେରଣାଦାୟକ ଅଧିବେଶନରେ ଗୋକ୍ରେନ୍ ଇଣ୍ଡଷ୍ଟ୍ରିଜ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଡକ୍ଟର ରାମାନୁଜ ପଣ୍ଡା ନିଜର ଉଦ୍ୟୋଗୀ ଯାତ୍ରା, ବାସ୍ତବ ଅନୁଭୂତି ଓ ସଫଳତାର କାହାଣୀ ବାଣ୍ଟି ଛାତ୍ରଛାତ୍ରୀଙ୍କୁ ନିଜ ଚିନ୍ତାଧାରାକୁ ସଫଳ ଉଦ୍ୟମରେ ପରିଣତ କରିବା ପାଇଁ ପ୍ରେରିତ କରିଥିଲେ । ଗୋକ୍ରେନ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରକଳ୍ପ ମୁଖ୍ୟ - ଅଭିଷେକ ମଣି ଯୋଗଦେଇ ଷ୍ଟାର୍ଟଅପ୍ ପରିବେଶ ଓ ନବସୃଜନ ଭିତ୍ତିକ ଶିଳ୍ପକ୍ଷେତ୍ରରେ ରହିଥିବା ନୂତନ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ । ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇ ନୋଲେକ୍ସନ୍ ଇନୋଭେସନ୍ ଆଣ୍ଡ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରିୟଦର୍ଶୀ ଷଡ଼ଙ୍ଗୀ ଉଦ୍ୟୋଗୀତା:ଆଜିର ଆହ୍ୱାନ ଶୀର୍ଷକ ବକ୍ତବ୍ୟରେ ଯୁବପିଢ଼ିକୁ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ନୁହେଁ, ବରଂ ସୁଯୋଗ ସୃଷ୍ଟିକାରୀ ହେବାକୁ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ଏଫ୍ଏମ୍ୟୁ-ଟିବିଆଇର ସଂଯୋଜକ ତଥା ଗବେଷଣା ଓ ବିକାଶ ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପରିଡ଼ା ଉଦ୍ୟମ ପ୍ରସ୍ଫୁଟନ, ମାର୍ଗଦର୍ଶନ, ଶିଳ୍ପ ସହଭାଗିତା ଓ ନବସୃଜନଭିତ୍ତିକ ପଦକ୍ଷେପ ମାଧ୍ୟମରେ ଯୁବ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଦିଗରେ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଆନ୍ତଃବିଭାଗୀୟ ନବସୃଜନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା-୨୦୨୬ର ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା । ପ୍ରତିଯୋଗିତାରେ ଶିକ୍ଷା ସ୍ନାତକୋତ୍ତର ବିଭାଗର ପୁରଞ୍ଜୟ ସାହୁ ଓ-ବଜ୍ରା ବହୁମୁଖୀ ଡ୍ରୋନ୍ ପାଇଁ ପ୍ରଥମ, ବାଣିଜ୍ୟ ସ୍ନାତକୋତ୍ତର ବିଭାଗର ସଂଘମିତ୍ରା ମହାନ୍ତି ରିକ୍ଲେମ୍ ପାଇଁ ଦ୍ୱିତୀୟ ଏବଂ ବିଏସ୍‌ସିଟି ବିଭାଗର ହେମରାଣୀ ଚୌଧୁରୀ ସ୍ମାର୍ଟ ଜୈବକ୍ଷୟକ୍ଷମ ଫିଲ୍ମ ପାଇଁ ତୃତୀୟ ପୁରସ୍କାର ହାସଲ କରିଥିଲେ । ଉପସ୍ଥିତ ଅତିଥିମାନେ ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଆରମ୍ଭରେ ଏଫ୍ଏମ୍ୟୁ-ଟିବିଆଇର ମୁଖ୍ୟ ପରିଚାଳନା ଅଧିକାରୀ ସୁନେନ୍ଦୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



## ବାଲ୍ୟ ବିବାହ ରୋକିବା ଓ ଶିଶୁ ସୁରକ୍ଷା ନେଇ ଗୁରୁତ୍ୱ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ପଦ୍ମନପୁର ଗ୍ରାମ ପଞ୍ଚାୟତର ଚରଦା ଗ୍ରାମରେ, ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ ପ୍ରକଳ୍ପ ଅଧୀନରେ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ଏକ ଗ୍ରାମ ସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଡିସିପିୟୁର କର୍ମଚାରୀ, ଗ୍ରାମ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ, ଆଶା, ଅଙ୍ଗନୱାଡ଼ି, ୱାର୍ଡ ସଭ୍ୟ, କିଶୋରୀ ବାଳିକା, ଏସ୍ଏଚ୍‌ଜି ମା'ମାନେ ଉପସ୍ଥିତ ଥିଲେ । ଏହି ବୈଠକକୁ ବିଶ୍ୱ ଯୁବ କେନ୍ଦ୍ରର ପ୍ରକଳ୍ପ ସହାୟିକା ବନିତା ମନ୍ତ୍ରୀ ପରିଚାଳନା କରିଥିଲେ । ବୈଠକରେ ବାଲ୍ୟ ବିବାହକୁ କିପରି ରୋକାଯାଇପାରିବ, ବାଲ୍ୟ ବିବାହର କୁପରିଣାମ ଓ ଆଇନଗତ ଦଣ୍ଡବିଧାନ, ଶିଶୁଙ୍କ ଅଧିକାର, ଶିଶୁ ଚାଲାଣ ନିରୋଧ, ଶିଶୁ ଶ୍ରମିକ ସମସ୍ୟା, ଶିଶୁ ଯୌନ ନିର୍ଯାତନା ସମ୍ପର୍କିତ ଆଇନ୍, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଗଠନ, ଶିଶୁ ସୁରକ୍ଷା ପାଇଁ ଚାଇଲ୍ଡ ହେଲ୍ପଲାଇନ୍ ସେବା, ଶିଶୁମାନଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସହ ଗ୍ରାମବାସୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ କିପରି ସଂଯୋଗ ଲିଙ୍କେଜ କରାଯିବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଗ୍ରାମବାସୀମାନେ ଶିଶୁ ସୁରକ୍ଷା କ୍ଷେତ୍ରରେ ସମାଜର ସକ୍ରିୟ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ବାଲ୍ୟ ବିବାହ, ଶିଶୁ ଶ୍ରମ, ଶିଶୁ ଚାଲାଣ ଓ ଶିଶୁଙ୍କ ପ୍ରତି ହେଉଥିବା ହିଂସା ରୋକିବା ପାଇଁ ସମସ୍ତଙ୍କୁ ସଚେତନ ହୋଇ ଏକାଠି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

## ରାସ୍ତାରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗାଙ୍ଗପଡା ପଞ୍ଚାୟତର ମୁଖ୍ୟ ରାସ୍ତାକୁ ମାଡି ଅନେକ ଲୋକ ଘର ନିର୍ମାଣ କରିଥିବାରୁ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ ଗାଙ୍ଗପଡା ପଞ୍ଚାୟତସ୍ଥ ସୋବଳା ଗ୍ରାମର ରାସ୍ତା ନିର୍ମାଣ ପାଇଁ ପ୍ରାୟ ତିନିକୋଟି ଟଙ୍କା ମଞ୍ଜୁର ହୋଇଛି । ଏହି ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ ତିଆରି କରିବା ପାଇଁ ଅର୍ଥ ଆସିଥିବାବେଳେ ଜବରଦଖଲ ଉଚ୍ଛେଦ ନହେବାରୁ ରାସ୍ତା କାମ ହୋଇପାରୁନାହିଁ । ତୁରନ୍ତ ଏହି ରାସ୍ତାରୁ ଜବରଦଖଲ ଉଚ୍ଛେଦ କରି ରାସ୍ତା ନିର୍ମାଣ କରିବାକୁ ଗ୍ରାମର ଅସୀତ ବନ୍ଧୁ ଧଳ, ଛତିଶ କୁମାର ପରିଡା, ପ୍ରଶାନ୍ତ ପରିଡା, ଅକ୍ଷୟ ସାହୁ, ଧରଣୀ ଧର ସାହୁ ପ୍ରମୁଖ ଦାବି କରିଛନ୍ତି ।

### ଶେଷ ପର୍ଯ୍ୟାୟରେ ଯାଜପୁର ଜିଲ୍ଲା ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା

# ୨ ଲକ୍ଷ ୩୧ ହଜାରରୁ ଉର୍ଦ୍ଧ୍ୱ ନୋଟିସ୍ ଶୁଣାଣି ସମ୍ପୂର୍ଣ୍ଣ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅଧୀନରେ ଯାଜପୁର ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ଓ ଯାଞ୍ଚ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଜିଲ୍ଲା ନିର୍ବାଚନ ପ୍ରଶାସନର ତତ୍ପରତା ଯୋଗୁ ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀରେ ନୋଟିସ୍ ଜାରି ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି । ରିପୋର୍ଟ ଅନୁଯାୟୀ, ଯାଜପୁର ଜିଲ୍ଲାରେ ପ୍ରଶାସନ ପକ୍ଷରୁ ମୋଟ୍ ୨,୩୧,୪୫୨ଟି ନୋଟିସ୍ ସଫଳତାର ସହ ଜାରି କରାଯାଇଥିଲା । ନୋଟିସ୍ ପ୍ରଦାନ କ୍ଷେତ୍ରରେ କୌଣସି ବି ଆବେଦନ ବାକି ରହିନାହିଁ । ଜାରି କରାଯାଇଥିବା ନୋଟିସ୍‌ଗୁଡ଼ିକ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨,୩୦,୬୩୬ ଜଣ ଭୋଟରଙ୍କ ଶୁଣାଣି ସମ୍ପୂର୍ଣ୍ଣ ହୋଇସାରିଛି । ନିର୍ବାଚନ ମଣ୍ଡଳୀୱାରୀ ସ୍ଥିତି ଦେଖିଲେ, ଯାଜପୁର ସଦର (୫୨)ରେ ସର୍ବାଧିକ ୪୧,୪୧୭ଟି ନୋଟିସ୍ ଜାରି ହୋଇ ସମସ୍ତ ୪୧,୪୧୭ଟିର ଶୁଣାଣି ସମ୍ପୂର୍ଣ୍ଣ ହୋଇଛି । ସୁକିନ୍ଦା (୫୪)ରେ ୩୮,୪୨୮ଟି ନୋଟିସ୍‌ରୁ ୩୮,୧୮୪ଟି, ବିଞ୍ଝାରପୁର (୪୮)ରେ ୩୬,୧୫୦ଟି ନୋଟିସ୍‌ରୁ ୩୫,୪୩୧ଟି ଏବଂ ବରୀ (୪୯)ରେ ୩୫,୨୩୭ଟି ନୋଟିସ୍‌ରୁ ୩୫,୧୧୩ଟିର ଶୁଣାଣି ସରିଛି । ସେହିପରି କୋରେଇ (୫୩), ଧର୍ମଶାଳା (୫୧) ଓ ବଡ଼ଚଣା (୫୦)ରେ ଯଥାକ୍ରମେ ୩୧,୦୩୫, ୨୫,୬୫୯ ଏବଂ ୨୩,୫୨୬ ଟି ନୋଟିସ୍‌ର ଶତପ୍ରତିଶତ ଶୁଣାଣି ସମ୍ପୂର୍ଣ୍ଣ ହୋଇଛି । ଯାଞ୍ଚ ଓ ଶୁଣାଣି ସମୟରେ ଆବଶ୍ୟକୀୟ ବୈଧ ପ୍ରମାଣପତ୍ର ଓ ସଠିକ୍ ତଥ୍ୟ ଦାଖଲ କରିବାରେ ଅସମର୍ଥ ହୋଇଥିବା ମୋଟ୍ ୬୦୦ଜଣ ଭୋଟରଙ୍କୁ ଅଯୋଗ୍ୟ ବିବେଚିତ କରାଯାଇ ଭୋଟର ତାଲିକାରୁ ବାଦ୍ ଦେବାକୁ ଚିହ୍ନଟ କରାଯାଇଛି, ଯେଉଁଥିରେ ସୁକିନ୍ଦାରୁ ୧୬୩, ଧର୍ମଶାଳାରୁ ୧୩୬, ବିଞ୍ଝାରପୁରରୁ ୧୩୨, ବଡ଼ଚଣାରୁ ୮୧, ଯାଜପୁରରୁ ୫୪ ଏବଂ କୋରେଇରୁ ୩୪ ଜଣ ଅଛନ୍ତି । ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସ୍ତରରେ ନୋଟିସ୍ ଆଧାରରେ ୨,୨୮,୫୭୫ଟି ନାମ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଁ ସୁପାରିଶ କରାଯାଇଛି । ଏହା ବ୍ୟତୀତ ଅନ୍ୟାନ୍ୟ ସୂତ୍ରରୁ ଆସିଥିବା ୧୨,୦୦,୬୨୮ଟି ଆବେଦନ ମଧ୍ୟ ଚୂଡ଼ାନ୍ତ ପ୍ରକ୍ରିୟାକରଣ ମଧ୍ୟରେ ରହିଛି । ସମସ୍ତ ନୋଟିସ୍, ଦାବି ଓ ଆପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ଫଇସଲା ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପ୍ରକ୍ରିୟା ଶେଷ ହେବାପରେ ଚୂଡ଼ାନ୍ତ ଭୋଟର ତାଲିକା ସେପ୍ଟେମ୍ବର ୨୧ତାରିଖରେ ବିଧିବଦ୍ଧ ଭାବେ ପ୍ରକାଶ ପାଇବା ନିମନ୍ତେ ନିର୍ବାଚନ କମିଶନ ଘୋଷଣା କରିଛନ୍ତି ।

# ଏମ୍‌ଆର୍‌ମାନଙ୍କୁ ଅଧିକ ସମୟ ଦେଉଛନ୍ତି ଡାକ୍ତର:ରୋଗୀ ସେବା ଠପ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ଓପିଡ଼ି ଚାଲିଥିବା ସମୟରେ ଘରୋଇ ମେଡ଼ିସିନ୍ କମ୍ପାନୀର ମେଡ଼ିକାଲ୍ ଏମ୍‌ଆର୍‌ମାନଙ୍କ ଅବାଧ ପ୍ରବେଶକୁ ନେଇ ପ୍ରଶ୍ନ ଉଠିଛି । ଓପିଡ଼ି ସମୟରେ ବିଭିନ୍ନ ବିଭାଗକୁ ଏମ୍‌ଆର୍‌ମାନେ ବୁଲୁଥିବା ଅଭିଯୋଗ ହୋଇଛି । ଏପରିକି ଡାକ୍ତରଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରୁଥିବାରୁ ରୋଗୀମାନେ ଅପେକ୍ଷା କରିବାକୁ ବାଧ ହେଉଥିବା ଅଭିଯୋଗ ଆସିଛି । ଓପିଡ଼ିରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କ ଭିଡ଼ ରହୁଥିବା ବେଳେ ଏମ୍‌ଆର୍‌ମାନେ ଡାକ୍ତରଙ୍କୁ ଭେଟିବା ଯୋଗୁ ରୋଗୀଙ୍କୁ ମିଳୁଥିବା ସମୟ କମିଯାଉଛି । କେତେକ ସ୍ଥାନରେ ରୋଗୀଙ୍କ ତୁଳନାରେ ଏମ୍‌ଆର୍‌ମାନଙ୍କୁ ଡାକ୍ତର ଅଧିକ ସମୟ ଦିଆଯାଉଥିବା ରୋଗୀ ଅଭିଯୋଗ କରିଛନ୍ତି । ଫଳରେ ରୋଗୀସେବା ପ୍ରଭାବିତ ହେବା ସହ ଅନେକ ରୋଗୀ ଦୀର୍ଘ ସମୟ ଧରି ଡାକ୍ତରଙ୍କୁ ଦେଖାଇବା ପାଇଁ ଅପେକ୍ଷା କରୁଛନ୍ତି । ସରକାରୀ ମେଡ଼ିକାଲ୍ ପରିସରରେ ପ୍ରବେଶ ଓ ବିଭିନ୍ନ ବିଭାଗକୁ ଯାତାୟାତ ଉପରେ ନିୟମନଥିବା ସତ୍ତ୍ୱେ ଏମ୍‌ଆର୍‌ମାନେ କିପରି ଓପିଡ଼ି ସମୟରେ ବିଭାଗକୁ ବିଭାଗ ବୁଲୁଛନ୍ତି ତାହାକୁ ନେଇ ବଡ଼ ପ୍ରଶ୍ନ ଉଠିଛି । ଏଥିରେ କେତେକ ସୁରକ୍ଷାକର୍ମୀ ଓ ବିଭାଗୀୟ ଅଧିକାରୀଙ୍କ ପ୍ରଶ୍ରୟ ରହିଥିବା ମଧ୍ୟ ଅଭିଯୋଗ ହେଉଛି । ଏଭଳି ସ୍ଥିତିରେ ଓପିଡ଼ି ସମୟରେ ଏମ୍‌ଆର୍‌ଙ୍କ ପ୍ରବେଶ ଉପରେ କଡ଼ା କଟକଣା ଲଗାଇବା ସହ ରୋଗୀ ସେବାକୁ ପ୍ରାଥମିକତା ଦେବାକୁ ଦାବି ହୋଇଛି । ଏହି ଘଟଣା ସମ୍ପର୍କରେ ମେଡ଼ିକାଲ୍ କର୍ତ୍ତୃପକ୍ଷ ଅବଗତ ଥିଲେ ମଧ୍ୟ କାହିଁକି କୌଣସି ପଦକ୍ଷେପ ନିଆଯାଉନାହିଁ ତାହା ନେଇ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ କିଛି ଏମ୍‌ଆର୍ ରୋଗୀଙ୍କ ସହ ଆଲୋଚନା କରି ନିରାମୟ ଯୋଜନାରେ ମିଳୁଥିବା ଔଷଧର ମାନଦଣ୍ଡ ଠିକ୍ ନଥିବା ଏବଂ ଏଭଳି ଔଷଧରେ ରୋଗ ଭଲ ହେବା ନେଇ ସନ୍ଦେହ ଥିବା ଭଳି କଥା କହୁଥିବା ଦେଖାଯାଉଛି । ଏପରି କଥା ଦ୍ୱାରା ରୋଗୀଙ୍କ ମନରେ ସରକାରୀ ଭାବେ ମାଗଣାରେ ମିଳୁଥିବା ଔଷଧ ପ୍ରତି ଅବିଶ୍ୱାସ ସୃଷ୍ଟି ହେବା ସହ ଘରୋଇ ଔଷଧ କିଣିବା ପାଇଁ ସେମାନେ ପ୍ରଭାବିତ ହେଉଛନ୍ତି । ସରକାରୀ ହସ୍ପିଟାଲ୍‌କୁ ଆସୁଥିବା ରୋଗୀଙ୍କୁ ଆବଶ୍ୟକ ଔଷଧ ମାଗଣାରେ ଯୋଗାଇଦେବା ନିରାମୟ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି । ଏପରିସ୍ଥିତିରେ ଯଦି କୌଣସି ବାହ୍ୟ ବ୍ୟକ୍ତି କିମ୍ବା ଔଷଧ କମ୍ପାନୀର ପ୍ରତିନିଧି ରୋଗୀଙ୍କୁ ସରକାରୀ ଔଷଧର ଗୁଣବତା ନେଇ ଭ୍ରମିତ କରୁଥାନ୍ତି । ତେବେ ଏହାର ଯାଞ୍ଚ ଓ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ରହିଛି । ଏମ୍‌କେସିଜି ମେଡ଼ିକାଲ୍ ଭଳି ବଡ଼ ସରକାରୀ ମେଡ଼ିକାଲ୍‌ରେ ରୋଗୀଙ୍କ ସ୍ୱାର୍ଥ ଓ ଔଷଧ ଗୁଣବତ୍ତା ସର୍ବୋଚ୍ଚ ପ୍ରାଥମିକତା ହେବା ଆବଶ୍ୟକ ରହିଛି । ତେଣୁ ନିରାମୟ ଔଷଧର ଗୁଣବତ୍ତା ନେଇ କୌଣସି ଅଭିଯୋଗ ଥିଲେ ତାହାର ବୈଜ୍ଞାନିକ ପରୀକ୍ଷା କରାଯିବା ସହ ରୋଗୀଙ୍କୁ ଭୁଲ୍ ତଥ୍ୟ ଦେଉଥିବା ବ୍ୟକ୍ତିଙ୍କ ଉପରେ କର୍ତ୍ତୃପକ୍ଷ ପଦକ୍ଷେପ ନେବା ଆବଶ୍ୟକ । ଏହା ସହ ଓପିଡ଼ି ସମୟରେ ଏମ୍‌ଆର୍‌ଙ୍କ ପ୍ରବେଶ ଓ ରୋଗୀଙ୍କ ସହ ସିଧାସଳଖ ଯୋଗାଯୋଗ ଉପରେ ନିୟମ କଡ଼ାକଡ଼ି କରିବାକୁ ମଧ୍ୟ ଦାବି ହୋଇଛି । ରୋଗୀସେବା ସମୟରେ ଏମ୍‌ଆର୍‌ଙ୍କ ପ୍ରବେଶକୁ ନିୟନ୍ତ୍ରଣ କରି ନିୟମ କଡ଼ାକଡ଼ି ଭାବେ ଲାଗୁ କରାଯିବ କି ନାହିଁ, ଏବେ ତାହା ଉପରେ ନଜର । ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ, ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଏମ୍‌କେସିଜି ମେଡ଼ିକାଲ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ମେଡ଼ିକାଲ୍ ପରିସରରେ ଅବାଧ ପ୍ରବେଶକୁ କରୁଥିବା ଘରୋଇ ମେଡ଼ିସିନ୍ କମ୍ପାନୀର ମେଡ଼ିକାଲ୍ ଏମ୍‌ଆର୍ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ବୃଦ୍ଧି ପାଉଥିବା ଲୁଟ୍‌ତରାଜକୁ ରୋକିବା ପାଇଁ ପୋଲିସର ନିଆରା ପ୍ରୟାସ

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**



ରାଇରଙ୍ଗପୁର ଟାଉନ୍ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଇରଙ୍ଗପୁର ସହରର ସୁନାଗହଣା ଦୋକାନୀ ମାନଙ୍କୁ ନେଇ ଏକ ବୈଠକ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ । ରାଇରଙ୍ଗପୁର ଉପଖଣ୍ଡରେ ହେଉଥିବା ବର୍ଦ୍ଧିତ ଚୋରି, ଲୁଟ୍ ଓ ଅପରାଧକୁ ରୋକିବା ପାଇଁ ରାଇରଙ୍ଗପୁର ଟାଉନ୍ ଥାନା ପୋଲିସ ଏକ ସୁନ୍ଦର ପ୍ରୟାସ ଆରମ୍ଭ କରିଛି । ରାଇରଙ୍ଗପୁର ସହରର ସୁନାଗହଣା ଦୋକାନୀ ମାନଙ୍କ ସହିତ ଥାନାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସୁନା ଦୋକାନ ଗୁଡିକର ସୁରକ୍ଷା, ସିସିଟିଭି (CCTV) ଲଗାଇବା, ସନ୍ଦିଗ୍ଧ ବ୍ୟକ୍ତିଙ୍କ ଚିହ୍ନଟ ଏବଂ ଅସାମାଜିକଙ୍କ ପ୍ରତି ସନ୍ଦେହ ହେଲେ ଆବଶ୍ୟକ ସ୍ଥଳେ ପୋଲିସକୁ ତୁରନ୍ତ ସୂଚନା ଦେବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ସୁନାଗହଣା ଦୋକାନ ଭିତରେ ଓ ବାହାରେ ଉନ୍ନତ ମାନର ସିସିଟିଭି କ୍ୟାମେରା ଲଗାଇବା ବୈଠକର ମୁଖ୍ୟ ପ୍ରସଙ୍ଗ ରହିଥିଲା । ଅଜଣା ବ୍ୟକ୍ତି, ହେଲମେଟ୍ ପିନ୍ଧିକି ଦୋକାନରେ ପ୍ରବେଶ କରୁଥିବା ବ୍ୟକ୍ତି କିମ୍ବା ମାସ୍କ ପିନ୍ଧି ଆସୁଥିବା ଗ୍ରାହକଙ୍କ ପ୍ରତି ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା । ବିନା ପରିଚୟ ପତ୍ରରେ କିମ୍ବା ଅଜଣା ଅପରିଚିତ ଲୋକଙ୍କ ଠାରୁ ପୁରୁଣା ସୁନା, ରୁପା ନକିଣିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ ରାଇରଙ୍ଗପୁର ଟାଉନ୍ ଥାନା ଅଧିକାରୀ । ରାତ୍ରି ସମୟରେ ଦୋକାନର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ବେଶୀ ରାତି ନକରି ନିର୍ଦ୍ଦିଷ୍ଟ ଏକ ସମୟରେ ଦୋକାନ ବନ୍ଦ କରିବାକୁ କହିଛନ୍ତି ଥାନା ଅଧିକାରୀ । ଅପ୍ରିତୀକର ପରିସ୍ଥିତିରେ ସୁରକ୍ଷା ପାଇଁ ପୋଲିସର ପରାମର୍ଶ ସହ ସନ୍ଦିଗ୍ଧ ଲୋକ ଦେଖିଲେ ତୁରନ୍ତ ସ୍ଥାନୀୟ ପୋଲିସ ଷ୍ଟେସନ୍‌କୁ ଜଣାଇବା ପାଇଁ ନିବେଦନ କରାଯାଇଛି । ଜରୁରୀକାଳୀନ ସହାୟତା ପାଇଁ ୧୧୨ରେ କଲ୍ କରି ପୋଲିସର ସାହାଯ୍ୟ ନେଇପାରିବେ ବୋଲି କହିଛନ୍ତି । ଉକ୍ତ ବୈଠକରେ ରାଇରଙ୍ଗପୁର ଟାଉନ୍ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କ ସହ ରାଇରଙ୍ଗପୁର ସହରର ସୁନାଗହଣା ଦୋକାନୀ ସଞ୍ଜୟ କୁମାର ପରିଡ଼ା, ମନୋଜ ସୋନୀ, ଲୋକେଶ ସୋନୀ, ରାହୁଲ ସୋନୀ, କେଦାର ନାଥ ପରିଡା, ସନ୍ତୋଷ କର୍ମକାର, କିଶୋର କର୍ମକାର, ରାମେଶ୍ୱର ପରିଡ଼ା, ବୃହସ୍ପତି ପରିଡ଼ା, ଦୀପେଶ ସୋନୀ ପ୍ରମୁଖ ଉପସ୍ଥିତ ଥିଲେ । ରାଇରଙ୍ଗପୁର ସହରର ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ବୈଠକରେ ଉପରୋକ୍ତ ସମ୍ପର୍କିତ ଆଲୋଚନା କରିଥିଲେ । ରାଇରଙ୍ଗପୁର ଟାଉନ୍ ଥାନା ଅଧିକାରୀ । ଚୋରି, ଲୁଟ୍ ଓ ଅପରାଧ ରୋକିବା ପାଇଁ ବ୍ୟାଙ୍କ ଗୁଡ଼ିକରେ ଉନ୍ନତମାନର ସିସିଟିଭି, ସାଇରନ୍ ସିଷ୍ଟମ୍ ଏବଂ ସିକ୍ୟୁରିଟି ମୁତୟନ ପାଇଁ ପରାମର୍ଶ ଦେଇଥିଲେ । କିଭଳି ରାଇରଙ୍ଗପୁର ସହରରେ ଏସବୁ ଅପରାଧ ନିୟନ୍ତ୍ରଣ କରିହେବ ସେ ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

# ବାଂଲାଦେଶ ୬୪ ରନ୍‌ରେ ଅଲ୍‌ଆଉଟ୍




ମେକେ

ବାଂଲାଦେଶ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଆଜିଠାରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହୋଇଛି। ବାଂଲାଦେଶ ପ୍ରଥମ ଇନିଂସରେ ମାତ୍ର ୬୪ ରନ୍ ସଂଗ୍ରହ କରି ଅଲ୍‌ଆଉଟ୍ ହୋଇଛି। ମିଚେଲ ଷ୍ଟାର୍କ ଅଷ୍ଟ୍ରେଲିଆ ପାଇଁ ସର୍ବାଧିକ ଓ୍ୱିକେଟ୍ ନେଇଥିଲେ। ସେ ବାଂଲାଦେଶର ଛଅ ଜଣ ବ୍ୟାଟସମ୍ୟାନଙ୍କୁ ଆଉଟ୍ କରି ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ବାଂଲାଦେଶ ୨୦୨୬ରେ ପ୍ରଥମ ଦଳ ହୋଇଥିଲା ଯାହାକୁ ଗୋଟିଏ ଇନିଂସରେ ୧୦୦ କିମ୍ବା ତା'ଠାରୁ କମ୍ ସ୍କୋରରେ ଅଲଆଉଟ୍ କରାଯାଇଥିଲା। ବାଂଲାଦେଶର ସାତ ଜଣ ବ୍ୟାଟସମ୍ୟାନ ଦୁଇ ଅଙ୍କ ଛୁଇଁ ପାରିନଥିଲେ। ଏହି ଦ୍ୱିତୀୟ ମ୍ୟାଚ୍‌ରେ, ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଷ୍ଟାର୍କ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଶାଦମାନ ଇସଲାମଙ୍କ ଓ୍ୱିକେଟ୍ ନେଇଥିଲେ। ଏହା ପରେ ବ୍ୟାଟସମ୍ୟାନମାନେ ଆସିବା ଏବଂ ଯିବା ଆସିବା କରି ଚାଲିଥିଲେ ଏବଂ ବାଂଲାଦେଶ ୧୨ ରନ୍ ହରାଇବା ପର୍ଯ୍ୟନ୍ତ ଦଳର ଅଧା ଖେଳାଳି ଫେରି ଯାଇଥିଲେ। ତାଙ୍କ ସ୍ପେଲର ଚତୁର୍ଥ ଓଭର ସୁଦ୍ଧା, ଷ୍ଟାର୍କ ପାଞ୍ଚ ଓ୍ୱିକେଟ୍ ହାସଲ କରିଥିଲେ।

# ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନସିପ୍ : ଭାରତ ପାଇଁ ପଦକ ପକ୍କା କଲେ ତ୍ରିସା-ଗାୟତ୍ରୀ

ନୂଆଦିଲ୍ଲୀ

ଭାରତର ତ୍ରିସା ଜୋଲି ଓ ଗାୟତ୍ରୀ ଗୋପିଚାନ୍ଦ ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନସିପ୍ ମହିଳା ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ପକ୍କା କରିଛନ୍ତି। ଭାରତୀୟ ଅଣସିଡ୍ ଯୋଡ଼ି କ୍ୱାର୍ଟର ଫାଇନାଲରେ ଚାଇନାର ଜିଆ ୟି ଫାନ୍ ଓ ଝାଙ୍ଗ୍ ଶୁ ଜିଆନ୍‌ଙ୍କୁ ୧୬-୨୧, ୨୧-୧୫, ୨୧-୧୩ରେ ହରାଇ ଦେଇଛନ୍ତି। ଏହା ହେଉଛି ସେମାନଙ୍କ କ୍ୟାରିୟରର ଅନ୍ୟତମ ବଡ଼ ବିଜୟ।



ସେମିଫାଇନାଲରେ ପ୍ରବେଶ ଦ୍ୱାରା ତ୍ରିସା-ଗାୟତ୍ରୀ ଯୋଡ଼ି ଅତିକମ୍‌ରେ ଏକ ବ୍ରୋଞ୍ଜ ପଦକ ପକ୍କା କରିଛନ୍ତି। ଭାରତ ଗତଥର ୨୦୧୧ରେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନସିପ୍ ମହିଳା ଡବଲ୍ସରେ ଏକ ପଦକ ହାସଲ କରିଥିଲା। ସେତେବେଳେ ଲଣ୍ଡନରେ ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନ ପୋନ୍ନାପ୍ପା ଯୋଡ଼ି ବ୍ରୋଞ୍ଜ୍ ଜିତିଥିଲା।

ସୂଚନାଯୋଗ୍ୟ, ଅତୀତରେ ତ୍ରିସା ଓ ଗାୟତ୍ରୀ ୨୦୨୨ ଓ ୨୦୨୩ ଅଲ୍ ଇଂଲଣ୍ଡ ଆଣ୍ଡ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମାନେ ଆହୁରି ମଧ୍ୟ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଗତବର୍ଷ ସେମାନେ ର୍‍ୟାଙ୍କିଙ୍ଗ୍ ତାଲିକାର ଟପ୍ ୧୦ରେ ପ୍ରବେଶ କରିଥିଲେ। ତେବେ ଚଳିତବର୍ଷ ପ୍ରାରମ୍ଭରେ ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍ ଓ ଉବର କପ୍ ପୂର୍ବରୁ ଟ୍ରେନିଂ ବେଳେ ତ୍ରିସାଙ୍କ ପାଦରେ ଆଘାତ ଲାଗିଥିଲା। ରିହାବିଲିଟେସନ ପରେ ତ୍ରିସା ଓ ଗାୟତ୍ରୀ ଇଣ୍ଡୋନେସିଆ ଓପନ୍ ଏବଂ ୟୁଏସ୍ ଓପନ୍ ଖେଳିଥିଲେ। ଚଳିତମାସ ପ୍ରାରମ୍ଭରେ ସେମାନେ ଫିଲିପିନ୍ ଇଣ୍ଟରନ୍ୟାସନାଲ ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିଥିଲେ।

# ଲର୍ଡସରେ ଗାଙ୍ଗୁଲିଙ୍କ ସେଲିବ୍ରେସନକୁ ପୁଣି ଦୋହରାଇଲେ ଭାରତୀୟ ଖେଳାଳି



ଲଣ୍ଡନ

ଲର୍ଡସ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ସପ୍ତମ ତଥା ଅନ୍ତିମ ମିକ୍ସଡ୍ ଭିନ୍ନକ୍ଷମ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ୧୧୮ ରନରେ ହରାଇ ଭାରତ ବିଜୟ ହାସଲ କରିଛି। ଏହି ବିଜୟ ପରେ ଭାରତୀୟ ମିକ୍ସଡ୍ ଭିନ୍ନକ୍ଷମ ଦଳର ଖେଳାଳି ଓ ଅଫିସିଆଲ୍ସ ଲର୍ଡସ ବାଲକୋନିରେ ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଲୋକପ୍ରିୟ ସାର୍ଟ ଘୂରାଇ ବିଜୟ ଉତ୍ସବକୁ ଦୋହରାଇଥିଲା।

ମ୍ୟାଚ୍‌ରେ ଅର୍ଜୁନ ଗବେରଙ୍କ ୪୪ ବଲରେ ୬୮ ଓ ଅଧିନାୟକ ମାଜିଦ ମାଗ୍ରେଙ୍କ ୧୯ ବଲରେ ଅପରାଜିତ ୬୩ ରନର ଇନିଂସ ଯୋଗୁ ଭାରତ ୨୦ ଓଭରରେ ୪ ଓ୍ୱିକେଟ ହରାଇ ୨୦୬ ରନ କରିଥିଲା। ଜବାବରେ ହିଲାଲ ଅହମଦ ଓ୍ୱାନ (୪/୨୧) ଓ ଜୟେଶ ପରମାର (୩/୧୪)ଙ୍କ ଘାତକ ବୋଲିଂ ବଳରେ ଇଂଲଣ୍ଡ ୮୮ ରନରେ ଅଲଆଉଟ୍ ହୋଇଯାଇଥିଲା।

ଭାରତୀୟ ଭିନ୍ନକ୍ଷମ କ୍ରିକେଟ ପରିଷଦ ପକ୍ଷରୁ ଦଳର ବିଜୟ ଉତ୍ସବର ଭିଡିଓ ସେୟାର କରାଯାଇଛି, ଯେଉଁଥିରେ ଖେଳାଳି ଓ ଅଫିସିଆଲମାନେ ଲର୍ଡସ ବାଲକୋନିରେ ସେମାନଙ୍କ ବ୍ଲେଜର୍ସ କାଢ଼ି ଘୂରାଉଥିବା ଦେଖିବାକୁ ମିଳୁଛି। ଉଲ୍ଲେଖଯୋଗ୍ୟ ଯେ, ସମାନ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷ ୨୦୦୨ ନାଟଓ୍ୱେଷ୍ଟ ଟ୍ରଫି ଫାଇନାଲରେ ଭାରତର ବିଜୟ ପରେ ଗାଙ୍ଗୁଲି ଲର୍ଡସ ବାଲକୋନିରେ ସାର୍ଟ ଘୂରାଇ ବିଜୟ ଉତ୍ସବ ପାଳିଥିଲେ।

# କୁଳଦୀପଙ୍କୁ ପ୍ଲେଇଂ ଇଲେଭେନରୁ ବାଦ ଦେବା ନେଇ ଚର୍ଚ୍ଚା

ନୂଆଦିଲ୍ଲୀ

କୁଳଦୀପ ଯାଦବଙ୍କୁ ନେଇ ଖୁବ ଆଲୋଚନା ହେଉଛି, ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ସେ ଖେଳିବେ କି ନାହିଁ ସେ ବିଷୟରେ ପ୍ରଶ୍ନ ବାକି ରହିଛି। ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୨୩ରେ କଲମ୍ବୋରେ ଆରମ୍ଭ ହେବାକୁ ଯାଉଛି। କିଛି ରିପୋର୍ଟ ଅନୁସାରେ ସରାଂଶ ଜୈନଙ୍କୁ ଦ୍ୱିତୀୟ ଟେଷ୍ଟ ପାଇଁ ପ୍ଲେଇଂ ଇଲେଭେନରେ ସୁଯୋଗ ଦିଆଯାଇପାରେ, ଟିମ ଇଣ୍ଡିଆର ସ୍ପିନ ବୋଲିଂ ପ୍ରଶିକ୍ଷକ ସାଇରାଜ ବାହୁଟୁଲେ କୁଳଦୀପଙ୍କୁ ସମର୍ଥନ କରିଛନ୍ତି, ତାଙ୍କୁ ମ୍ୟାଚ ବିଜେତା ଭାବରେ ବର୍ଣ୍ଣନା କରିଛନ୍ତି।

ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଭାରତୀୟ ପ୍ରଶିକ୍ଷକ କହିଛନ୍ତି, 'ସେ ବହୁତ ଭଲ ବୋଲିଂ କରୁଛନ୍ତି। ଗାଲେର ପରିସ୍ଥିତି ତାଙ୍କୁ ଏକ ଭିନ୍ନ ଭୂମିକାରେ ବୋଲିଂ କରିବାକୁ ବାଧ୍ୟ କରିଥିଲା। ମୋ ପାଇଁ, ସେ ସର୍ବଦା ମ୍ୟାଚ ବିଜେତା ରହିଆସିଛନ୍ତି, ଏବଂ ସେ ନିଶ୍ଚିତ ଭାବରେ ଯୋଜନାର ଏକ ଅଂଶ।'



କୁଳଦୀପ ଯାଦବଙ୍କୁ ପ୍ଲେଇଂ ଇଲେଭେନରୁ ବାଦ ଦେବା ବିଷୟରେ ଅନୁମାନ ଏହି କାରଣରୁ ଆରମ୍ଭ ହୋଇଛି ଯେ ସେ ଗାଲେ ଟେଷ୍ଟରେ କେବଳ ଗୋଟିଏ ଓ୍ୱିକେଟ ନେଇଥିଲେ, ଯେତେବେଳେ ମାନବ ସୁଥର ୧୦ ଓ୍ୱିକେଟ ନେଇଥିଲେ ଏବଂ ରବିନ୍ଦ୍ର ଜାଡେଜା ଚାରିଟି ଓ୍ୱିକେଟ ନେଇଥିଲେ। ତଥାପି, ପ୍ରଶିକ୍ଷକ ସାଇରାଜ ବାହୁଟୁଲେ କହିଛନ୍ତି ଯେ କୁଳଦୀପଙ୍କୁ ସେହି ମ୍ୟାଚରେ ଏକ ଭିନ୍ନ ପ୍ରକାରର ସ୍ପେଲ ବୋଲିଂ କରିବାକୁ ପଡିଥିଲା। ଭାରତ-ଶ୍ରୀଲଙ୍କା ସିରିଜର ବୋଲିଂ ପରିସଂଖ୍ୟାନ ଉପରେ ନଜର ପକାଇଲେ ଜଣାପଡେ ଯେ ଅଫ-ସ୍ପିନ ବୋଲିଂ ଅଧିକ ପ୍ରଭାବଶାଳୀ ପ୍ରମାଣିତ ହେଉଥିଲା।

ପ୍ରଶିକ୍ଷକ ସାଇରାଜ ବାହୁଟୁଲେ ବ୍ୟାଖ୍ୟା କରିଛନ୍ତି ଯେ ବଲ କଠିନତା ହରାଇବା ପରେ ସ୍ପିନ ବୋଲରମାନେ ସାଧାରଣତଃ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଅନ୍ତି, କିନ୍ତୁ ଅନ୍ୟମାନଙ୍କ ତୁଳନାରେ ଫିଙ୍ଗର ସ୍ପିନର କିମ୍ବା ଅଫ-ସ୍ପିନରଙ୍କ ପାଇଁ ବଲ ନିୟନ୍ତ୍ରଣ କରିବା ସହଜ ହୋଇଥାଏ; ନରମ ବଲ ସହିତ ବୋଲିଂ କରିବା ଜଣେ ଲେଗ-ସ୍ପିନରଙ୍କ ପାଇଁ ବିଶେଷ କଷ୍ଟକର।

ତାଙ୍କୁ ପ୍ଲେଇଂ ଏକାଦଶରେ ୩୩ ବର୍ଷୀୟ ସରାଂଶ ଜୈନଙ୍କୁ ସ୍ଥାନ ଦେବା ବିଷୟରେ ଆଲୋଚନା ହେଉଛି, ଯିଏ ଜଣେ ଅଫ-ସ୍ପିନ ବୋଲର। ଯଦି ଦ୍ୱିତୀୟ ଟେଷ୍ଟର ପିଚ ଗାଲେର ପିଚ ସହିତ ସମାନ ହୁଏ, ତେବେ କୁଳଦୀପଙ୍କୁ ପ୍ଲେଇଂ ଏକାଦଶରୁ ବାଦ ଦିଆଯାଇପାରେ। ଏହା ଉଲ୍ଲେଖନୀୟ ଯେ ସରାଂଶ ଜୈନ ଏପର୍ଯ୍ୟନ୍ତ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିନାହାଁନ୍ତି।

ପ୍ରଥମ ଟେଷ୍ଟକୁ ୧୬୫ ରନର ବିଶାଳ ବ୍ୟବଧାନରେ ଜିତି ଭାରତ ସିରିଜରେ ୧-୦ ରେ ଆଗୁଆ ଅଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପରିପ୍ରେକ୍ଷୀରେ ପ୍ରତ୍ୟେକ ଆଗାମୀ ମ୍ୟାଚ ଟିମ ଇଣ୍ଡିଆ ପାଇଁ ଗୁରୁତ୍ୱପୂର୍ଣ୍ଣ। ଯଦି ଟିମ ଇଣ୍ଡିଆ ଫାଇନାଲରେ ପହଞ୍ଚିବାର ଆଶାକୁ ବୃଦ୍ଧି କରିବାକୁ ଚାହେଁ, ତେବେ ତାକୁ ଯେକୌଣସି ମୂଲ୍ୟରେ ଦ୍ୱିତୀୟ ଟେଷ୍ଟ ଜିତିବାକୁ ପଡିବ।

# ସମାଲୋଚନା ପରେ ଗୌତମ ଗମ୍ଭୀରଙ୍କ ସିଧା ଉତ୍ତର

ନୂଆଦିଲ୍ଲୀ

ଭାରତୀୟ ଦଳର ପ୍ରଶିକ୍ଷକ ଗୌତମ ଗମ୍ଭୀର ଶେଷରେ ମୁହଁ ଖୋଲିଛନ୍ତି। ତାଙ୍କୁ ନେଇ କରାଯାଉଥିବା ସମାଲୋଚନାର ସେ ଉଚିତ ଜବାବ ଦେଇଛନ୍ତି।

ଗମ୍ଭୀର ତାଙ୍କ ବିରୋଧରେ କରାଯାଉଥିବା ସମାଲୋଚନା ପ୍ରସଙ୍ଗରେ କହିଛନ୍ତି, 'ଭାରତ ଟେଷ୍ଟ କ୍ରିକେଟରେ ସଂଘର୍ଷ କରୁଛି। ପରାଜୟକୁ ଏକ ବଡ଼ ପତନର ପ୍ରମାଣ ଭାବରେ ନୁହେଁ, ବରଂ ଏକ ପରିବର୍ତ୍ତନଶୀଳ ପର୍ଯ୍ୟାୟର ଅଂଶ ଭାବରେ ଦେଖାଯିବା ଉଚିତ। ଗାଲେରେ ୧୬୫ ରନରେ ଭାରତ ବିଜୟ ହାସଲ କରିଥିଲା। ନିକଟରେ ଭାରତ କଲମ୍ବୋରେ ଶ୍ରୀଲଙ୍କା ବିପକ୍ଷରେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଯାଉଛି। ଯେଉଁଥିରେ ଭାରତ ୧-୦ରେ ଅଗ୍ରଣୀ ରହିଛି। ଦ୍ୱିତୀୟ ଟେଷ୍ଟ ସିରିଜର ଫଳାଫଳ ସ୍ଥିର କରିବ।



ତେଣୁ ସମସ୍ତଙ୍କ ନଜର ଏମିତି ଏକ ଦଳ ଉପରେ ରହିଛି ଯେଉଁ ଦଳରୁ ଅନେକ ବଡ଼ବଡ଼ ଖେଳାଳି ସନ୍ୟାସ ନେଇଛନ୍ତି। ଏହି ଦଳ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିବା ପାଇଁ ଉଦ୍ୟମ ଜାରି ରଖିଛି।'

ଟେଷ୍ଟ ଟିମକୁ ନେଇ ଗମ୍ଭୀର କହିଛନ୍ତି, 'ଆମେ ସଂଘର୍ଷ କରୁନାହୁଁ। ରାଙ୍କିଂ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଆମେ ଏକ ପରିବର୍ତ୍ତନ ପର୍ଯ୍ୟାୟ ଦେଇ ଗତି କରୁଛୁ। ଉଥାନ ପତନ ଏ କ୍ଷେତ୍ରରେ ଅନିବାର୍ଯ୍ୟ।'

# ଓ୍ୱାର୍ଲ୍ଡ କଣ୍ଟିନେଣ୍ଟାଲ ସିଲଭର ଲେଭଲ ଆଥଲେଟିକ୍ସ ମିଟ୍-୨୦୨୬

## ମୟୂରଭଞ୍ଜ କ୍ରୀଡ଼ା ଅଧିକାରୀ ବୈଷୟିକ ଷ୍ଟାଫ ଭାବେ ମନୋନୀତ



ବାରିପଦା, ନ୍ୟୁଜ୍‌ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ. ଶୁଭାଶିଷ ନାୟକଙ୍କୁ ଆଥଲେଟିକ୍ସ ଫେଡେରେସନ ଅଫ ଇଣ୍ଡିଆ ପକ୍ଷରୁ ଓ୍ୱାର୍ଲ୍ଡ କଣ୍ଟିନେଣ୍ଟାଲ ସିଲଭର ଲେଭଲ ଆଥଲେଟିକ୍ସ ମିଟ-୨୦୨୬ ପାଇଁ ବୈଷୟିକ ଷ୍ଟାଫ ଭାବେ ଚୟନ କରାଯାଇଛି। ଏହି ଅନ୍ତର୍ଜାତୀୟ ଆଥଲେଟିକ୍ସ ମିଟ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେଉଛି। ଏକ ପ୍ରତିଷ୍ଠିତ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନରେ ବୈଷୟିକ ଦାୟିତ୍ୱ ନିର୍ବାହ ପାଇଁ ଡ. ନାୟକଙ୍କ ଚୟନ ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବର ବିଷୟ। ସୂଚନାଯୋଗ୍ୟ ଯେ, ଡ. ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିକଟରେ ୭୨ତମ ଓଡ଼ିଶା ରାଜ୍ୟ ଜୁନିଅର ଆଥଲେଟିକ୍ସ ଚାମ୍ପିୟନସିପ-୨୦୨୬ ରାଇରଙ୍ଗପୁର ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ଗୌରବମୟ ସଫଳତା ପାଇଁ ଡ. ନାୟକଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ମିଳିଛି।

# ବିଶ୍ୱକପ୍ ଫାଇନାଲ୍‌ରେ ଝଗଡ଼ା : କାର୍ଯ୍ୟାନୁଷ୍ଠାନ ନେଲା ଫିଫା

ନୂଆଦିଲ୍ଲୀ

ଗତ ମାସରେ ଶେଷ ହୋଇଥିବା ଫିଫା ବିଶ୍ୱକପ୍ ୨୦୨୬ରେ ସ୍ପେନ୍ ଚାମ୍ପିଅନ ହୋଇଥିଲା। ଟାଇଟଲ୍ ମ୍ୟାଚ୍‌ରେ ଦଳ ଆର୍ଜେଣ୍ଟିନାକୁ ଭେଟିଥିଲା। କିନ୍ତୁ ଶେଷ ହ୍ୱିସିଲ୍ ବାଜିବା ମାତ୍ରେ ଆର୍ଜେଣ୍ଟିନା ଏବଂ ସ୍ପେନ୍ ଖେଳାଳିଙ୍କ ମଧ୍ୟରେ ପଡ଼ିଆରେ ଝଗଡ଼ା ଆରମ୍ଭ ହୋଇଥିଲା। ଆର୍ଜେଣ୍ଟିନା ମିଡ୍‌ଫିଲ୍ଡର ଲିଆଣ୍ଡ୍ରୋ ପରେଡେସ୍ ଏବଂ ଅନେକ ସ୍ପେନିସ୍ ଖେଳାଳିଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଗଲା। ଏହି ଝଗଡ଼ାରେ ପ୍ରଥମେ ସ୍ପେନ୍ ଡିଫେଣ୍ଡର ଏରିକ୍ ଗାର୍ସିଆ ସାମିଲ ଥିଲେ। ପରେଡେସ୍ ଗାର୍ସିଆଙ୍କୁ ଲାତ ମାରିଥିଲେ, ଯାହା ଫଳରେ ସେ ତଳେ ପଡ଼ିଗଲେ।



ପରେ ଦୁଇ ଖେଳାଳି ଝଗଡ଼ା କରିଥିଲେ ଏବଂ ପରେଡେସ୍ ଗାର୍ସିଆଙ୍କୁ ବେକରେ ଧରି ପକାଇଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଉଭୟ ଦଳର ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍ ପଡ଼ିଆକୁ ଧାଇଁ ଆସିଥିଲେ। ସ୍ପେନିସ୍ ମିଡ୍‌ଫିଲ୍ଡର ଗାଭି ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପରେଡେସ୍ ମଧ୍ୟ ତାଙ୍କୁ ନିୟୋଜିତ କରିଥିଲେ। ପରେଡେସ୍ ଗାଭିଙ୍କୁ ମଧ୍ୟ ଠେଲି ଦେଇଥିଲେ। ଆର୍ଜେଣ୍ଟିନାର ଅନେକ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ର ଜଣେ ସଦସ୍ୟ ଏହି ଝଗଡ଼ାରେ ସାମିଲ ଥିଲେ। ଫିଫା ତାର ନିଷ୍ପତ୍ତି ଜାରି କରିଛି।

ବିଶ୍ୱକପ୍ ଫାଇନାଲ୍ ପରେ ଉପୁଜିଥିବା ବିବାଦ ଉପରେ ଫିଫା ତାର ନିଷ୍ପତ୍ତି ଜାରି କରିଛି। ଆର୍ଜେଣ୍ଟିନାର ଲିଆଣ୍ଡ୍ରୋ ପରେଡେସ୍‌ଙ୍କୁ ୧୦ଟି ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଛି। ଏହି ପ୍ରତିବନ୍ଧକ କେବଳ ଅନ୍ତର୍ଜାତୀୟ ମ୍ୟାଚ୍ ଅନ୍ତର୍ଭୁକ୍ତ ହେବ। ପାରେଡେସ୍‌ଙ୍କ ପ୍ରତିବନ୍ଧକ ମୂଳତଃ ଆର୍ଜେଣ୍ଟିନା ଜାତୀୟ ଦଳରୁ ଗୋଟିଏ ବର୍ଷର ନିଲମ୍ବନ ସହିତ ସମାନ। ଦଳ ଜୁନ୍ ୨୦୨୭ ପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳିବାକୁ ସ୍ଥିର ହୋଇଛି, ଯଦିଓ ବର୍ତ୍ତମାନର କାର୍ଯ୍ୟସୂଚୀ ଅନୁଯାୟୀ, ସମସ୍ତ ମ୍ୟାଚ୍ ବନ୍ଧୁତ୍ୱପୂର୍ଣ୍ଣ ହେବ।

ଆର୍ଜେଣ୍ଟିନା ଡିଫେଣ୍ଡର ନାହୁଏଲ୍ ମୋଲିନାଙ୍କୁ ସାତଟି ମ୍ୟାଚ୍ ପାଇଁ ନିଷେଧ କରାଯାଇଥିଲା, ଯେତେବେଳେ ଥିଆଗୋ ଆଲମାଡାଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ନିଷେଧ କରାଯାଇଥିଲା। ଫିଫା ପାରେଡେସ୍ ଏବଂ ମୋଲିନାଙ୍କୁ ୯୦,୦୦୦ ଡଲାର ଏବଂ ଆଲମାଡାଙ୍କୁ ୩୦,୦୦୦ ଡଲାର ଜରିମାନା କରିଥିଲା। ସ୍ପେନର ଗାଭିଙ୍କୁ ମଧ୍ୟ ଗୋଟିଏ ମ୍ୟାଚ୍ ପାଇଁ ନିଷେଧ କରାଯାଇଛି। ସେ ସେପ୍ଟେମ୍ବର ୨୬ରେ ଓ୍ୱେମ୍ବଲିରେ ଇଂଲଣ୍ଡ ବିପକ୍ଷରେ ନେସନ୍ସ ଲିଗ୍ ମ୍ୟାଚ୍ ଖେଳିପାରିବେ ନାହିଁ। ଆର୍ଜେଣ୍ଟିନା ପ୍ରଶିକ୍ଷକ ରୋବର୍ଟୋ ଆୟାଲାଙ୍କୁ ମଧ୍ୟ ତିନୋଟି ମ୍ୟାଚ୍ ପାଇଁ ନିଷେଧ ଏବଂ ୩୦,୦୦୦ ଡଲାର ଜରିମାନା କରାଯାଇଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ଜଣ ଛାତ୍ରଛାତ୍ରୀଙ୍କ ଗଣିତ ପ୍ରତିଭା ପରୀକ୍ଷାରେ ସଫଳତା

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ 'ପଠାଣି ସାମନ୍ତ ଗଣିତ ପ୍ରତିଭା' ପରୀକ୍ଷାର ସଦ୍ୟ ପ୍ରକାଶିତ ଫଳାଫଳରେ ସରସତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠ ନଗରର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ପ୍ରଦର୍ଶନ କରିଛନ୍ତି। ଶିକ୍ଷାବର୍ଷ ୨୦୨୩-୨୪ ର ଫଳାଫଳରେ ୬ଷ୍ଠ ଶ୍ରେଣୀ ପାଇଁ ସୁଶ୍ରୀ ଧାନଲଗ୍ନା ପାଣିଗ୍ରାହୀ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରଥମେଶ ବାରିକ ୨ୟ ସ୍ଥାନ, ତେଜସ୍ୱୀ ନାହାକ ଓ ଆୟୁଷ ପଧାନ ୪ର୍ଥ ସ୍ଥାନ, ପ୍ରିୟାଂଶୁ ପ୍ରିୟଦର୍ଶୀ, ରାକେଶ କୁମାର ନାୟକ, ସୁଶ୍ରୀ ଶୀତଲ ନାୟକ ଓ ସୁଶ୍ରୀ ସ୍ନେହା ସୁମନ ତ୍ରିପାଠୀ ୮ମ ସ୍ଥାନ, ଦେବାଂଶୁ ନାୟକ ଓ ସୁଶ୍ରୀ ଅପର୍ଣ୍ଣା ଆର୍ଯ୍ୟା ମହାପାତ୍ର ୯ମ ସ୍ଥାନ ଅଧିକାର କରିଛନ୍ତି। ବ୍ରହ୍ମପୁର ମହାନଗର ନିଗମରେ ମୋଟ ୧୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ନୀଳକଣ୍ଠନଗରରେ ୧୦ଜଣ ପରୀକ୍ଷାର୍ଥୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଠିକ୍ ସେହିପରି ୯ମ ଶ୍ରେଣୀରୁ ଅର୍ପିତା ଆଚାର୍ଯ୍ୟ ସମଗ୍ର ଜିଲ୍ଲାରେ ୧ମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ବ୍ରହ୍ମପୁର ମହାନଗର ନିଗମ ସ୍ତରରେ ୧୪ ଜଣ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ନୀଳକଣ୍ଠନଗରର ୧୦ ଜଣ ଛାତ୍ରଛାତ୍ରୀ ଯଥା ବିଶ୍ୱଜିତ୍ ପାତ୍ର ଓ ଓମ୍‌ର ପ୍ରସାଦ ରଥ ୨ୟ ସ୍ଥାନ, ରୁଦ୍ର ପ୍ରସାଦ ପ୍ରଧାନ, ଶୁଭମ୍ ପାଣିଗ୍ରାହୀ ଓ ପ୍ରିତମ୍ କୁମାର ଜେନା ୩ୟ ସ୍ଥାନ, ପ୍ରିୟରଂଜନ ପଣ୍ଡା ଓ ସୌମ୍ୟରଞ୍ଜନ ପାଣିଗ୍ରାହୀ ୫ମ ସ୍ଥାନ, ଆଶୁତୋଷ ସେଠୀ ଓ ସୁଶ୍ରୀ ଆକାଂକ୍ଷା ଜେନା ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି।

# 'କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି ଉତ୍ପାଦକତା ଓ ଦୀର୍ଘ ସ୍ଥାୟିତ୍ୱ ମାଧ୍ୟମରେ ଶିଳ୍ପକ୍ଷେତ୍ର ରୂପାନ୍ତରଣ' ଶୀର୍ଷକ ଜାତୀୟ ସେମିନାର

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦ (ଓଏସପିସି), ଜାତୀୟ ଉତ୍ପାଦକତା ପରିଷଦ (ଏନପିସି), ଭୁବନେଶ୍ୱର ସହ ମିଳିତ ଭାବରେ 'କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଦ୍ୱାରା ଉତ୍ପାଦକତା ଏବଂ ଦୀର୍ଘ ସ୍ଥାୟିତ୍ୱ ମାଧ୍ୟମରେ ଶିଳ୍ପର ରୂପାନ୍ତର' ଶୀର୍ଷକ ଏକ ଜାତୀୟ ସେମିନାର ଆୟୋଜନ କରିଛି। ନୂଆଦିଲ୍ଲୀସ୍ଥିତ ଜାତୀୟ ଉତ୍ପାଦକତା ପରିଷଦର ମହାନିର୍ଦ୍ଦେଶକ ନୀରଜା ଶେଖର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ତାଙ୍କ ସହ ନୂଆଦିଲ୍ଲୀର ଜାତୀୟ ଉତ୍ପାଦକତା ପରିଷଦର ଉପନିର୍ଦ୍ଦେଶକ ଶିରିଶ ପାଲିଓ୍ୱାଲ ମଧ୍ୟ ଉପସ୍ଥିତ ଥିଲେ।




ଉଦଘାଟନୀ ଅଧିବେଶନରେ ଓଡ଼ିଶା ନଲେଜ୍ କର୍ପୋରେସନ ଲିମିଟେଡ୍ (ଓକେସିଏଲ)ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥାଲ, ବେଙ୍ଗାଲୁରୁର ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ)ର ନିର୍ଦ୍ଦେଶକ (ଅର୍ଥ) ଡକ୍ଟର ବରେଣ୍ୟ ସେନାପତି, ଏବଂ ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବିନାରାୟଣ ଶତପଥୀଙ୍କ ସମେତ ବିଶିଷ୍ଟ ଗଣ୍ୟମାନ୍ୟ ବ୍ୟକ୍ତି ଏବଂ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ରାଧାଶ୍ୟାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ସେମିନାର ଆୟୋଜନ କରାଯାଇଥିଲା। ଓଏସପିସି ଉପାଧ୍ୟକ୍ଷ ତ୍ରିଜୀବ ଚନ୍ଦ୍ର ହୋଟା, ଏନପିସି ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଅଭିଜିତ ନାୟକ, ଓଏସପିସିର ସଚିବ ଦେବବ୍ରତ ପାନିଗ୍ରାହି ମଧ୍ୟ ଉପସ୍ଥିତ ଥିଲେ।

ଏହି ସେମିନାରରେ ଶିଳ୍ପ ପରିବର୍ତ୍ତନ, ଉତ୍ପାଦକତା ବୃଦ୍ଧି ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବର୍ଦ୍ଧିତ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବକ୍ତାମାନେ ଏଆଇଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉପସ୍ଥାପିତ ସୁଯୋଗ ବିଷୟରେ ଆଲୋଚନା କରିଥିଲେ ଏବଂ ଏହାର ବିଚାରଶୀଳ, ଦାୟିତ୍ୱପୂର୍ଣ୍ଣ ଏବଂ ଉଦ୍ଦେଶ୍ୟମୂଳକ ବ୍ୟବହାରର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷଜ୍ଞମାନେ ଦୀର୍ଘକାଳୀନ ବ୍ୟବସାୟ ଏବଂ ଶିଳ୍ପ ଅଭିବୃଦ୍ଧି ହାସଲ କରିବା ପାଇଁ ସଂଗଠନଗୁଡ଼ିକୁ ମାନବ କ୍ଷମତା, ଦୀର୍ଘସ୍ଥାୟୀତ୍ୱ ଏବଂ ଦାୟିତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ ସହିତ ପ୍ରଯୁକ୍ତିବିଦ୍ୟା ନବସୃଜନକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷ ସଂସ୍ଥାର ପ୍ରତିନିଧି, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଏଆଇ, ଉତ୍ପାଦକତା ବୃଦ୍ଧି, ଦୀର୍ଘସ୍ଥାୟିତ୍ୱ ଏବଂ ଭବିଷ୍ୟତର କାର୍ଯ୍ୟ ନେଇ ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୃତ୍ତିଗତ ସଫଳତା ପାଇଁ ବହୁ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା।

# ଅଗ୍ନିପଥ ଯୋଜନା ଅଧୀନରେ ସେନାନିଯୁକ୍ତି ରାଲି

କଟକ, ନ୍ୟୁଜ୍‌ବ୍ୟୁରୋ

ସେନା ନିଯୁକ୍ତି କାର୍ଯ୍ୟାଳୟ କଟକ ପକ୍ଷରୁ ଅଗ୍ନିପଥ ଯୋଜନା ଅଧୀନରେ ସେନା ଭର୍ତ୍ତି ରାଲି ଆସନ୍ତା ସେପ୍ଟେମ୍ବର ୩ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମଠାରେ ଆୟୋଜିତ ହେବ। ଏହି ରାଲିରେ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ଖୋର୍ଦ୍ଧା ଏବଂ ନୟାଗଡ ଜିଲ୍ଲାର ପ୍ରାର୍ଥୀମାନେ ଅଂଶଗ୍ରହଣ କରିବେ। ରାଲିରେ ରେଗୁଲାର କ୍ୟାଡର ବର୍ଗ ସିପାହୀ ଫାର୍ମା, ସୋଲଜର ଟେକ ନର୍ସିଂ ଆସିଷ୍ଟାଣ୍ଟ, ହାବିଲଦାର ଏଜୁକେସନ ଏବଂ ଧର୍ମ ଶିକ୍ଷକ ସହିତ ଓଡିଶା, ପଶ୍ଚିମବଙ୍ଗ ଓ ସିକିମ ରାଜ୍ୟ ପାଇଁ ଅଗ୍ନିବୀର କ୍ଲର୍କ ଷ୍ଟୋର କିପର ଟେକନିକାଲ ନିଯୁକ୍ତି ମଧ୍ୟ ସାମିଲ ରହିବ। ଅନଲାଇନ ସାଧାରଣ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ସେମାନଙ୍କ ଆଡମିଟ କାର୍ଡରେ ଉଲ୍ଲେଖ ଥିବା ତାରିଖ ଅନୁଯାୟୀ ଫିଜିକାଲ ଫିଟନେସ ଟେଷ୍ଟ ଏବଂ ମେଡିକାଲ ପରୀକ୍ଷା ପାଇଁ ଉପସ୍ଥିତ ହେବାକୁ ପଡିବ। ପ୍ରାର୍ଥୀମାନଙ୍କର ଆଡମିଟ କାର୍ଡ ସେମାନଙ୍କର ପଞ୍ଜୀକୃତ ଇମେଲ ଆଇଡିକୁ ପଠାଯାଇସାରିଛି। ଏହା ବ୍ୟତୀତ ପ୍ରାର୍ଥୀମାନେ ଅଫିସିଆଲ ଓ୍ୱେବସାଇଟ www.joinindianarmy.nic.in ରେ ସେମାନଙ୍କ ପ୍ରୋଫାଇଲରେ ଲଗଇନ କରି ମଧ୍ୟ ଆଡମିଟ କାର୍ଡ ଡାଉନଲୋଡ କରିପାରିବେ। ଏଥିସହ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ରାଲି ସମୟରେ ସେମାନଙ୍କର ଅରିଜିନାଲ/ ମୂଳ ଦସ୍ତାବିଜ କୌଣସି ଅଜଣା ବ୍ୟକ୍ତି, ଦଲାଲ କିମ୍ବା ଏଜେଣ୍ଟଙ୍କୁ ହସ୍ତାନ୍ତର କରନ୍ତୁ ନାହିଁ। ଏପରି କୌଣସି ଘଟଣା ସାମ୍ନାକୁ ଆସିଲେ ତୁରନ୍ତ ସ୍ଥାନୀୟ ପୋଲିସ କିମ୍ବା ସେନା ନିଯୁକ୍ତି କାର୍ଯ୍ୟାଳୟ, କଟକର କର୍ମଚାରୀଙ୍କୁ ସୂଚନା ଦିଅନ୍ତୁ ଯୋଗାଯୋଗ କିମ୍ବା ପଚରାଉଚରା ପାଇଁ ପ୍ରାର୍ଥୀମାନେ ସେନା ନିଯୁକ୍ତି କାର୍ଯ୍ୟାଳୟ, କଟକ ସହ ଯୋଗାଯୋଗ କରିପାରିବେ, ଲ୍ୟାଣ୍ଡଲାଇନ – ୦୬୭୧-୨୩୦୫୮୮୦, ମୋବାଇଲ – ୯୪୩୭୧୬୨୨୮୦।



# ରାୟଗଡ଼ାରେ ଉତ୍କଳ ସାମ୍ବାଦିକ ସଂଘର ସପ୍ତମ ବାର୍ଷିକ ଉତ୍ସବ

## ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ସହର ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ଉତ୍କଳ ସାମ୍ବାଦିକ ସଂଘ, ରାୟଗଡ଼ା ଜିଲ୍ଲା ଶାଖା ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ସପ୍ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶାର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ନୂଆଦିଲ୍ଲୀର ପେଷାଦାର ପତ୍ରକାର ମହାସଂଘର ଉପାଧ୍ୟକ୍ଷ ହେମନ୍ତ ତିୱାରୀ ଯୋଗଦେଇ କହିଥିଲେ ଯେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନେ ଦିନରାତି କଠିନ ପରିଶ୍ରମ କରି ସମାଜର ତୃଣମୂଳ ସ୍ତରର ସମସ୍ୟାକୁ ପ୍ରଶାସନ ସମ୍ମୁଖରେ ରଖୁଛନ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ, ସରକାର ଏପର୍ଯ୍ୟନ୍ତ ଗ୍ରାମୀଣ ସାମ୍ବାଦିକତାକୁ ଏକ ସଂଗଠିତ କ୍ଷେତ୍ର ଭାବେ ଗ୍ରହଣ କରିନାହାନ୍ତି କିମ୍ବା ସେମାନଙ୍କ ପାଇଁ କୌଣସି ନିୟମିତ ବେତନ କିମ୍ବା ମାଗଣା ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା କରିନାହାନ୍ତି। ସମଗ୍ର ଦେଶରେ କାର୍ଯ୍ୟରତ ଗ୍ରାମୀଣ ସାମ୍ବାଦିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ କରିବା ସହ ସେମାନଙ୍କ କଲ୍ୟାଣ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟ ସଭାପତି ବିଭୂତି ଭୂଷଣ କର କହିଥିଲେ ଯେ, ଏହି ଉତ୍ସବରେ ରାୟଗଡ଼ା ସମେତ ଆଖପାଖ ୬ଟି ଜିଲ୍ଲାର ସାମ୍ବାଦିକମାନେ ଏକତ୍ରିତ ହୋଇଛନ୍ତି। ସାମ୍ବାଦିକମାନଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରିବା, ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା, ସାମ୍ବାଦିକମାନଙ୍କୁ ସ୍ୱୀକୃତି ପ୍ରଦାନ ଏବଂ ପେନସନ୍ ବ୍ୟବସ୍ଥା ଆଦି ୫ ଗୋଟି ପ୍ରମୁଖ ଦାବି ନେଇ ସଂଘ ୨୦୧୬ ମସିହାରୁ ଲଢ଼େଇ କରିଆସୁଛି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବିରୋଧୀ ଦଳରେ ଥିବା ସମୟରେ ଆମର ଦାବିଗୁଡ଼ିକୁ ସମର୍ଥନ କରିଥିଲେ। ମାତ୍ର ନୂଆ ସରକାର ଗଠନ ହେବାର ଅଢ଼େଇ ମାସ ବିତିଯାଇଥିଲେ ସୁଦ୍ଧା ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଯଦି ସରକାର ତୁରନ୍ତ ଦାବି ପୂରଣ ନକରନ୍ତି, ତେବେ ଆସନ୍ତା ଡିସେମ୍ବର ମାସରେ ଶୀତକାଳୀନ ଅଧିବେଶନ ସମୟରେ ରାଜ୍ୟର ସମସ୍ତ ସାମ୍ବାଦିକ ବିଧାନସଭା ସମ୍ମୁଖରେ ଧାରଣା ଦେବା ସହ ଆବଶ୍ୟକ ପଡ଼ିଲେ ଆମରଣ ଅନଶନ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ମାସ ଦ୍ୱିତୀୟ ସପ୍ତାହରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆନ୍ଦୋଳନର ପରବର୍ତ୍ତୀ ରୂପରେଖ ପ୍ରସ୍ତୁତ କରାଯିବ। ଏହି ସମାରୋହରେ ମୁଖ୍ୟ ବକ୍ତା ଭାବେ ନୂଆଦିଲ୍ଲୀର ପେଷାଦାର ପତ୍ରକାର ମହାସଂଘର ସାଧାରଣ ସମ୍ପାଦକ ସିଦ୍ଧାର୍ଥ କଳହଂସ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ କୋଷାଧ୍ୟକ୍ଷ ରାଜନ ଚୌଧୁରୀ ଏବଂ ରାୟଗଡ଼ା ଜିଲ୍ଲାର ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକିରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସଂଘର ସାଂଗଠନିକ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ସର୍ବସମ୍ମତି କ୍ରମେ ସନ୍ତୋଷ ପାଣିଗ୍ରାହୀ ରାୟଗଡ଼ା ଜିଲ୍ଲା ଶାଖାର ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ପୂର୍ବତନ ଜିଲ୍ଲା ସଭାପତି ସୁରେଶ ଚନ୍ଦ୍ର ଦାଶ ରାଜ୍ୟ ଶାଖାର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇବେ ବୋଲି ରାଜ୍ୟ ଶାଖା ସଭାପତି ବିଭୂତି ଭୂଷଣ କର ସୂଚନା ଦେଇଛନ୍ତି। ବିଦାୟୀ ସଭାପତି ସୁରେଶ ଚନ୍ଦ୍ର ଦାଶ ଏବଂ ଜିଲ୍ଲା ସମ୍ପାଦକ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏହି ସମଗ୍ର କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳିତ ହୋଇଥିଲା।




# ‘ବେଦକଳା’ ମାଧ୍ୟମରେ ମହିଳା କାରିଗରମାନଙ୍କୁ ସଶକ୍ତ କରିଛି ବେଦାନ୍ତ ଆଲୁମିନିୟମ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଆଜିକାଲିର ପାରମ୍ପରିକ କଳାଗୁଡ଼ିକ ଆଧୁନିକ ବଜାରରେ ନୂଆ ରୂପ ପାଉଥିବା ବେଳେ କାରିଗରମାନଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ସାଂସ୍କୃତିକ ଐତିହ୍ୟ ସଂରକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଛି। ଏହି ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାର ଗ୍ରାମୀଣ ମହିଳା କାରିଗରଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସମୁଦାୟ ଜୀବିକା ଭିତ୍ତିକ ପ୍ରକଳ୍ପ ‘ବେଦକଳା’ ଅଧୀନରେ ତିନିଦିନିଆ ମିଡିୟମ-ଡେନ୍ସିଟି ଫାଇବରବୋର୍ଡ (ଏମଡିଏଫ) କ୍ରାଫ୍ଟ ଓ ସ୍କିଲ ଡେଭଲପମେଣ୍ଟ କର୍ମଶାଳା ଆୟୋଜନ କରାଯାଇଥିଲା। ବେଦକଳା ଏକ୍ସପିରିଏନ୍ସ ସେଣ୍ଟରରେ ଫର୍ଷ୍ଟ ସୂତ୍ର ଫାଉଣ୍ଡେସନ, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଏବଂ ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପ ବିଭାଗର ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ୬୦ରୁ ଅଧିକ ମହିଳା କାରିଗରଙ୍କୁ ପାରମ୍ପରିକ ସଉରା କଳାକୁ ପ୍ରେରଣା ନେଇ ଆଧୁନିକ ଲାଇଫଷ୍ଟାଇଲ ଓ ସ୍ମାରକୀ ସାମଗ୍ରୀ ତିଆରି କରିବାର ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଏମଡିଏଫ ଅଳଙ୍କାର, ସାଜସଜ୍ଜାମୂଳକ ଫ୍ରିଜ ମ୍ୟାଗ୍ନେଟ୍ ଓ କି-ରିଙ୍ଗ ଭଳି ସାମଗ୍ରୀ ତିଆରି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଜୀବିକାର ସୁଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀ କାରିଗରମାନଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।



ଓଡ଼ିଶାର କଳା ଓ ହସ୍ତଶିଳ୍ପ ପରମ୍ପରାକୁ ସଂରକ୍ଷଣ କରିବା ସହ ଏହାକୁ ମହିଳାଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗରେ ପରିଣତ କରିବା ଦିଗରେ ପ୍ରକଳ୍ପ ‘ବେଦକଳା’ର ବ୍ୟାପକ ପ୍ରୟାସର ଏକ ଅଂଶ ଭାବେ ଏହି କର୍ମଶାଳାକୁ ପରିକଳ୍ପନା କରାଯାଇଥିଲା। ରାଜ୍ୟ ପୁରସ୍କାରପ୍ରାପ୍ତ ତଥା ଆଦିବାସୀ କଳାର ଅଭିଜ୍ଞ କଳାକାର ଗୁରାଖ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କର୍ମଶାଳାରେ ସଉରା କଳାର ଆଧୁନିକ ପ୍ରୟୋଗ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ତାଲିମ ଦିଆଯାଇଥିଲା। ଏହା ଅଧୀନରେ କାନଫୁଲ, ପେଣ୍ଡାଣ୍ଟ, ବ୍ରେସଲେଟ, ଫ୍ରିଜ ମ୍ୟାଗ୍ନେଟ୍ ଓ କି-ରିଙ୍ଗ ଭଳି ସାମଗ୍ରୀ ତିଆରି କରାଯାଇଥିଲା। ଡିଜାଇନ, ଉତ୍ପାଦ ବିକାଶ ଏବଂ ବଜାର ଉପଯୋଗୀ ହସ୍ତଶିଳ୍ପ ପ୍ରସ୍ତୁତି ଉପରେ କର୍ମଶାଳାରେ ପ୍ରଶିକ୍ଷଣ ମାଧ୍ୟମରେ କାରିଗରମାନେ ନିଜ ଉତ୍ପାଦ ପରିସର ବଢ଼ାଇବା ସହ ନୂଆ ଜୀବିକାର ସୁଯୋଗ ହାସଲ କରିବା ପାଇଁ ଆବଶ୍ୟକ ଦକ୍ଷତା ହାସଲ କରିଥିଲେ। ବର୍ତ୍ତମାନ ପ୍ରକଳ୍ପ ‘ବେଦକଳା’ ଝାରସୁଗୁଡ଼ାର ୧୦୦ରୁ ଅଧିକ କାରିଗରଙ୍କୁ ବାଉଁଶ, ସଉରା ଓ ସବାଇ ଘାସ ହସ୍ତଶିଳ୍ପ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରି ସହଯୋଗ କରୁଛି। ଏଥିସହିତ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ପାଇଁ ବଜାର ସହ ଯୋଡ଼ିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ସିଓଓ ସି. ଚନ୍ଦ୍ର କହିଛନ୍ତି, “ଓଡ଼ିଶାର ସମୃଦ୍ଧ କଳା ପରମ୍ପରା ଏକ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ହେବା ସହ ସମୁଦାୟଭିତ୍ତିକ ଆର୍ଥିକ ପ୍ରଗତି ପାଇଁ ଏକ ବଡ଼ ସୁଯୋଗ ରହିଛି। ପ୍ରକଳ୍ପ ‘ବେଦକଳା’ ମାଧ୍ୟମରେ ଆମେ ଏପରି ଏକ ପରିବେଶ ସୃଷ୍ଟି କରୁଛୁ, ଯେଉଁଠାରେ ମହିଳା କାରିଗରମାନେ ନିଜ ଦକ୍ଷତାକୁ ଆହୁରି ସୁଦୃଢ଼ କରିବା, ଆଧୁନିକ ଡିଜାଇନ୍ ଆପଣାଇବା ଏବଂ ନୂଆ ଜୀବିକାର ସୁଯୋଗ ହାସଲ କରିପାରିବେ। ଆମର ଲକ୍ଷ୍ୟ ହେଉଛି ଏହି ମହିଳାମାନଙ୍କୁ ଆତ୍ମବିଶ୍ୱାସୀ ଉଦ୍ୟୋଗୀ ଭାବେ ଆଗକୁ ବଢ଼ିବାରେ ସକ୍ଷମ କରିବା ଏବଂ ସଉରା ଭଳି ସ୍ୱଦେଶୀ କଳାରୂପକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପ୍ରାସଙ୍ଗିକ, ସମ୍ମାନିତ ଓ ଆର୍ଥିକ ଭାବେ ସ୍ଥାୟୀ ରଖିବା।” କର୍ମଶାଳାରେ ଅଂଶଗ୍ରହଣ କରିଥିବା ପଟ୍ଟାପାଲିର କାରିଗର ଝରଣା ଭୂଷଣ କହିଛନ୍ତି, “ଆମେ ପିଲାଦିନରୁ ଦେଖିଆସୁଥିବା ପାରମ୍ପରିକ କଳାରୂପକୁ କିପରି ଦୈନନ୍ଦିନ ବ୍ୟବହାରର ସାମଗ୍ରୀରେ ସହଜରେ ରୂପାନ୍ତର କରାଯାଇପାରେ, ଏହି ପ୍ରଶିକ୍ଷଣରୁ ଆମେ ତାହା ଶିଖିଲୁ। ଏହି କୌଶଳ ଆମକୁ ନୂଆ ଡିଜାଇନ ସହ ଅଧିକ ଗ୍ରାହକଙ୍କୁ ଆକର୍ଷିତ କରିପାରୁଥିବା ସାମଗ୍ରୀ ତିଆରି କରିବାର ଆତ୍ମବିଶ୍ୱାସ ଦେଇଛି। ଆମେ ଆଶା କରୁଛୁ ଏହି ଦକ୍ଷତା ଆମକୁ ସ୍ଥାୟୀ ଜୀବିକା ଅର୍ଜନରେ ସହାୟକ ହେବା ସହ ପିଢ଼ି ପରେ ପିଢ଼ି ଚାଲିଆସିଥିବା ଏହି କଳାକୁ ସଂରକ୍ଷଣ କରିବାରେ ସହାୟକ ହେବ।” ପ୍ରକଳ୍ପ ‘ବେଦକଳା’ ଭଳି ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ମହିଳାଙ୍କ ନେତୃତ୍ୱାଧୀନ ଜୀବିକାକୁ ପ୍ରୋତ୍ସାହନ ଦେବା ସହ ଓଡ଼ିଶାର ସମୃଦ୍ଧ କଳା ଐତିହ୍ୟକୁ ସଂରକ୍ଷଣ କରୁଛି। ଏହି କାର୍ଯ୍ୟକ୍ରମ କମ୍ପାନୀର ବ୍ୟାପକ ସମୁଦାୟ ବିକାଶ ପ୍ରୟାସର ଏକ ଅଂଶ। ଏହି ପ୍ରୟାସଗୁଡ଼ିକ ମଧ୍ୟରେ ସ୍ଥାୟୀ ଜୀବିକା, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳ ଓ ପରିମଳ, ସମୁଦାୟ ଭିତ୍ତିଭୂମି, ଜୈବବିବିଧତା ସଂରକ୍ଷଣ ଏବଂ ତୃଣମୂଳସ୍ତରର କ୍ରୀଡ଼ା ଓ ସଂସ୍କୃତି ଭଳି କ୍ଷେତ୍ର ସାମିଲ ରହିଛି।

# ଦିଗପହଣ୍ଡିରେ ଆଧ୍ୟାତ୍ମିକ ସମାବେଶ: ସନାତନ ଧର୍ମର ରକ୍ଷା ଓ ହିନ୍ଦୁ ରାଷ୍ଟ୍ର ଗଠନ ନେଇ ବୈଠକ

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଦିଗପହଣ୍ଡି ଅଞ୍ଚଳରେ ଆଜି ଏକ ଭାବପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସନାତନ ଧର୍ମ ପ୍ରଚାର ଓ ଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ନ ପ୍ରାୟ ୧ ଘଣ୍ଟା ସମୟରେ ପୁରୀ ଗୋବର୍ଦ୍ଧନ ପୀଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ କାର୍ଯ୍ୟକ୍ରମ ପ୍ରମୁଖ ପ୍ରେମଚନ୍ଦ୍ର ଝା ଏବଂ ମହେନ୍ଦ୍ରଗିରି ପର୍ଶୁରାମ ଧାମର ପୂଜ୍ୟ ସନ୍ଥ ଲକ୍ଷ୍ମୀ ବାବା ଦିଗପହଣ୍ଡି ସ୍ଥିତ ପ୍ରସିଦ୍ଧ ଚାମୁଣ୍ଡା ମନ୍ଦିର ପରିଦର୍ଶନ କରିବା ସହ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଭକ୍ତ ପ୍ରମୋଦ ପଣ୍ଡାଙ୍କ ବାସଭବନରେ ଏକ ଆଧ୍ୟାତ୍ମିକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ହିନ୍ଦୁ ରାଷ୍ଟ୍ର ଗଠନ, ସନାତନ ସଂସ୍କୃତିର ସୁରକ୍ଷା ଏବଂ ଧାର୍ମିକ ଜାଗରଣ ଲକ୍ଷ୍ୟରେ ଆୟୋଜିତ ଏହି ମିଳିତ ବୈଠକରେ ବହୁ ସଂଖ୍ୟାରେ ସନାତନପ୍ରେମୀ ଓ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ। ବୈଠକରେ ଉପସ୍ଥିତ ପୂଜ୍ୟ ସନ୍ଥ ଓ ବକ୍ତାମାନେ ସନାତନ ଧର୍ମର ମହତ୍ତ୍ୱ ଓ ଆଧ୍ୟାତ୍ମିକ ଚେତନା ସମ୍ପର୍କରେ ମାର୍ଗଦର୍ଶନ କରିବା ସହ ନିଜ ନିଜର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଭକ୍ତଗଣ ଅତ୍ୟନ୍ତ ଭକ୍ତିପୂତ ମନରେ ବାବାଙ୍କ ଅମୃତମୟ ବାଣୀ ଶ୍ରବଣ କରିଥିଲେ। ସଂସ୍କୃତ ଭାଷାର ପୁନରୁଦ୍ଧାର ଓ ଧର୍ମାନ୍ତରଣ ପ୍ରତି ଚିନ୍ତା ପ୍ରକଟ କରାଯାଇଥିଲା। ଏହି ସଭାରେ ସଂସ୍କୃତ ଭାଷାର ବିକାଶ ଓ ପ୍ରସାର ପାଇଁ ଗାଁ ଗାଁରେ ବନ୍ଦ ହୋଇପଡ଼ିଥିବା ସଂସ୍କୃତ ବିଦ୍ୟାଳୟଗୁଡ଼ିକୁ ପୁନଃ ଖୋଲିବା ସହ ସେଗୁଡିକୁ ସକ୍ରିୟ କରିବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରାଯାଇଥିଲା। ଏହାସହିତ ଗ୍ରାମାଞ୍ଚଳରେ ନିରୀହ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କରାଯାଉଥିବା ବେଆଇନ୍ ଧର୍ମାନ୍ତରଣ ପ୍ରକ୍ରିୟା ଉପରେ ଗଭୀର ଚିନ୍ତା ପ୍ରକାଶ ପାଇଥିଲା। ଏହିସବୁ ଗ୍ରାମୀଣ ସମସ୍ୟାର ସମାଧାନ ପାଇଁ ସମାଜରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ପ୍ରତ୍ୟେକ ସନାତନୀ ଭାଇ-ଭଉଣୀ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।



# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଦ୍ୟାଳୟଗୁଡ଼ିକରେ ଚକ୍ଷୁ ପରୀକ୍ଷା ଶିବିର

**ସମ୍ବଲପୁର ନ୍ୟୁଜ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ଏହାର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ‘ପ୍ରକଳ୍ପ ଆରୋଗ୍ୟ’ ଅଧୀନରେ ବିଦ୍ୟାଳୟଗୁଡ଼ିକରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଆଦିତ୍ୟ ଆଲୁମିନିୟମ, ସମ୍ପୃକ୍ତ ବିଦ୍ୟାଳୟ ଏବଂ ତ୍ରିଲୋଚନ ନେତ୍ରାଳୟର ମିଳିତ ସହଯୋଗରେ ଦୁଇଟି ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। କତରବଗା ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟ, ଗୋଲାମାଲ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, କତରବଗାଠାରେ ଏହି ଶିବିରଗୁଡ଼ିକ ଆୟୋଜନ କରାଯାଇଥିଲା। ଦୁଇ ଦିନ ଧରି ଅନୁଷ୍ଠିତ ଏହି ଶିବିରରେ ମୋଟ ୧୮୮ ଜଣ ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ସିଏସଆର୍ ମୁଖ୍ୟ ରବି ନିୱାସଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ସ୍ୱାସ୍ଥ୍ୟର ଯତ୍ନ ନେବା ଏବଂ ଚକ୍ଷୁ ସମ୍ବନ୍ଧୀୟ ସମସ୍ୟାକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଦିତ୍ୟ ଆଲୁମିନିୟମର ଏଭଳି ଜନକଲ୍ୟାଣମୂଳକ ପ୍ରୟାସକୁ ଶିକ୍ଷକ, ଅଭିଭାବକ ଏବଂ ସ୍ଥାନୀୟ ଲୋକମାନେ ଅଭିନନ୍ଦନ ଜଣାଇବା ସହ ପ୍ରଶଂସା କରିଥିଲେ।




# ଏନ୍‌ଟିପିସି ସିଏସ୍‌ଆର ପାଣ୍ଠିରେ ୫୦ ହାଇସ୍କୁଲରେ ସୌର ଶକ୍ତି ବ୍ୟବସ୍ଥା ସ୍ଥାପନ



**ବରଗଡ, ନ୍ୟୁଜ ବ୍ୟୁରୋ**

ଏନ୍‌ଟିପିସିର କର୍ପୋରେଟ୍ ସୋସିଆଲ୍ ରେସ୍ପନ୍ସିବିଲିଟି (ସିଏସ୍‌ଆର) ପାଣ୍ଠିରୁ ବରଗଡ଼ ଜିଲ୍ଲାର ଶିକ୍ଷା କ୍ଷେତ୍ରକୁ ସୌର ଶକ୍ତି ମାଧ୍ୟମରେ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଜିଲ୍ଲାର ୫୦ଟି ହାଇସ୍କୁଲରେ ମୋଟ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୫ କିଲୋୱାଟ୍ କ୍ଷମତାସମ୍ପନ୍ନ ଅଫ୍-ଗ୍ରିଡ୍ ସୋଲାର ସିଷ୍ଟମ୍ ସ୍ଥାପନ କରାଯାଇଛି। ଏହି କ୍ରମରେ ବରଗଡ଼ ସହରସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୌର ଶକ୍ତି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଯୋଗଦାନ କରି ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୂଏ, ଏଡିଏମ୍ ବରଗଡ଼ ମଧୁଛନ୍ଦା ସାହୁ, ଏନ୍‌ଟିପିସିର ଅଧିକାରୀ ମାନେ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ୫ କିଲୋୱାଟ୍ ଅଫ୍-ଗ୍ରିଡ୍ ସୋଲାର ସିଷ୍ଟମ୍ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ବିଦ୍ୟୁତ୍ ଯୋଗାଣରେ ସହାୟତା ମିଳିବ। ବିଶେଷକରି ବିଦ୍ୟୁତ୍ ବିଭ୍ରାଟ ସମୟରେ ଶିକ୍ଷାଦାନ ଓ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପ ଅବ୍ୟାହତ ରଖିବାରେ ଏହା ଉପଯୋଗୀ ହେବ। ଏହା ସହିତ ବିଦ୍ୟୁତ୍ ଖର୍ଚ୍ଚ କମାଇବା ସହ ପରିବେଶ ସୁରକ୍ଷା ଦିଗରେ ମଧ୍ୟ ଏହି ପ୍ରକଳ୍ପ ଏକ ସକାରାତ୍ମକ ପଦକ୍ଷେପ ବୋଲି କୁହାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୌର ଶକ୍ତି ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ମଧ୍ୟ ବୃଦ୍ଧି ପାଇବ। ଏନ୍‌ଟିପିସିର ସିଏସ୍‌ଆର ପାଣ୍ଠିରେ ଜିଲ୍ଲାର ୫୦ଟି ହାଇସ୍କୁଲରେ ଏଭଳି ସୌର ବ୍ୟବସ୍ଥା ସ୍ଥାପନ ହେବାକୁ ଶିକ୍ଷା ଓ ସବୁଜ ଶକ୍ତି କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ଗ୍ରହଣ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ୱଚ୍ଛତା ରକ୍ଷା ...

ଏବଂ ବିଦେଶ ନୀତି ସହିତ ସମାନ ଗୁରୁତ୍ୱ ପାଇଛି। ପ୍ରଧାନମନ୍ତ୍ରୀ ନିଜେ ହାତରେ ଝାଡୁ ଧରି ସଫେଇ କର୍ମୀଙ୍କ ସାମାଜିକ ଉତ୍ଥାନର ପ୍ରତୀକ ସାଜିଲେ ଏବଂ ଦେଶବାସୀଙ୍କୁ ସନ୍ଦେଶ ଦେଲେ ‘ସ୍ୱଚ୍ଛତା କୌଣସି ଛୋଟ କାମ ନୁହେଁ, ସ୍ୱଚ୍ଛତା ହେଉଛି ରାଷ୍ଟ୍ର ନିର୍ମାଣର କାମ’। ଉପସ୍ଥିତ ବିଶେଷଜ୍ଞ ଓ ମେସିନ ନିର୍ମାତାଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଡ୍ରୋନ୍ ଜରିଆରେ ଆମେ ଆମର ସୀମାର ସୁରକ୍ଷା କରୁଛୁ। ରୋବୋଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ନୂଆ ଟେକ୍ନୋଲୋଜି ଉଦ୍ଭାବନ କ୍ଷେତ୍ରରେ ଭାରତ ଆଗକୁ ବଢୁଛି। ତେବେ, ଆମେ ଏହିଭଳି ଟେକ୍ନୋଲୋଜିକୁ ଆମ ସଫେଇ କର୍ମଚାରୀଙ୍କ ସୁରକ୍ଷା ପାଇଁ କାହିଁକି ବ୍ୟବହାର କରିପାରିବା ନାହିଁ। ଭାରତ ସରକାରଙ୍କ ନମସ୍ତେ ଯୋଜନା ଜରିଆରେ ସଫେଇ କ୍ଷେତ୍ରରେ ମେସିନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଆଜି ସମୟ ଆସିଛି, ସଫେଇ କର୍ମୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବିପଦଜନକ ସଫେଇ କାର୍ଯ୍ୟରେ ମେସିନ ବ୍ୟବହାର କରିବା ପାଇଁ। ସେଥିପାଇଁ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସୁଦକ୍ଷ କରିବାକୁ ପଡ଼ିବ। ସେ ପୁଣି କହିଥିଲେ ଯେ, ଗରିମା ଦିବସ ପ୍ରତିବର୍ଷ ଆମକୁ ମନେ ପକାଇବ ଯେଉଁ ହାତ ସ୍ୱଚ୍ଛତା ଦିଏ, ସେହି ହାତର ଗରିମା ରକ୍ଷା କରିବା ମଧ୍ୟ ଆମର ଦାୟିତ୍ୱ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ସଫେଇ କର୍ମୀ ସ୍ୱର୍ଗତ ପ୍ରତାପ ଦଳେଇଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ ଏବଂ କହିଥିଲେ କ୍ଷତି ପୂରଣ ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି, ମୃତ୍ୟୁ ପରେ ସହାୟତା ନୁହେଁ, ମୃତ୍ୟୁ ପୂର୍ବରୁ ସୁରକ୍ଷା। ଦୁର୍ଘଟଣା ପରେ କ୍ଷତିପୂରଣ ନୁହେଁ, ଦୁର୍ଘଟଣା ପୂର୍ବରୁ ପ୍ରତିରୋଧ। ଆମେ ଚାହୁଁଛୁ, ବିପଦପୂର୍ଣ୍ଣ କାର୍ଯ୍ୟରତ ଆମର ଏହି କର୍ମଯୋଗୀ ମାନଙ୍କ ଜୀବନ ସୁରକ୍ଷିତ ରହୁ। ଏହା ହିଁ ହେଉଛି, ମିଶନ ଜିରୋର ଆଭିମୁଖ୍ୟ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଦୁଇ ଜଣ ସଫେଇ କର୍ମୀଙ୍କ ପରିବାରକୁ ବୀମା ରାଶି ପ୍ରଦାନ କରାଯାଇଛି ଏବଂ ସେମାନଙ୍କ ମୃତ୍ୟୁ ସଫେଇ ନୁହେଁ, ଅନ୍ୟ କାରଣରୁ ଘଟିଥିଲା। ଗରିମା ଦିବସ ଉପଲକ୍ଷେ ଆଧୁନିକ ଟେକ୍ନୋଲୋଜିଯୁକ୍ତ ମେସିନ ବ୍ୟବହାର ଓ ସୁରକ୍ଷା ଉପକରଣ ଉପରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ। ସଫେଇ କର୍ମୀଙ୍କୁ ବାସଗୃହ ପାଇଁ ୱାର୍କ ଅର୍ଡର ପ୍ରଦାନ କରିଥିଲେ। କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗର ସଚିବ ସୁଧାଂଶୁ ପନ୍ତ ଏଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ସଫେଇ କର୍ମୀଙ୍କ ସୁରକ୍ଷା, ଆର୍ଥିକ ଉନ୍ନତି ଓ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶରେ ଉଦାହରଣ ସୃଷ୍ଟି କରିଛି। ଓଡ଼ିଶା ସରକାର ଗରିମା ଯୋଜନାକୁ ହୋଲ୍ ଅଫ୍ ଆପ୍ରୋଚ୍ ଭାବେ ନେଇ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ସ୍ୱଚ୍ଛ ସାଥୀମାନଙ୍କ ଯୋଗୁ ଆମେ ସ୍ୱଚ୍ଛ ଅଛୁ। ସହର ସ୍ୱଚ୍ଛ ଅଛି ଓ ରାଜ୍ୟ ଆଗକୁ ବଢ଼ୁଛି। ଜିରୋ ଫାଟାଲିଟି ଆମ ପାଇଁ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଆମ ପାଇଁ ଏକ ସଂକଳ୍ପ। ସଫେଇ କର୍ମୀଙ୍କ ସୁରକ୍ଷା ପାଇଁ ଯାହା ଆବଶ୍ୟକ ଆମେ ତାହା ନିଶ୍ଚୟ କରିବୁ ବୋଲି ସେ କହିଥିଲେ। ଅର୍ବାନ ମ୍ୟାନେଜମେଣ୍ଟ ସେଣ୍ଟର’ର ନିର୍ଦ୍ଦେଶିକା ମନ୍ୱିତା ବରାଡ଼ି ସଫେଇ କର୍ମୀଙ୍କ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ପ୍ରଂଶସା କରି କହିଥିଲେ ଯେ, ଓଡ଼ିଶାରେ ଗରିମା ଯୋଜନାରେ କେବଳ ସଫେଇ କର୍ମୀମାନଙ୍କ ପାଇଁ ଚିନ୍ତା କରାଯାଇନାହିଁ, ଏଥିରେ ସେମାନଙ୍କ ପରିବାର ବର୍ଗଙ୍କ କଲ୍ୟାଣ ପାଇଁ ମଧ୍ୟ ଅନେକ ପ୍ରାବଧାନ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ନିର୍ଦ୍ଦେଶକ, ପୌର ପ୍ରଶାସନ ଅରିନ୍ଦମ ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଭାବିତ ଅଞ୍ଚଳରେ...

ଜୁନ୍ ୧ରୁ ଅଗଷ୍ଟ ୨୨ ପର୍ଯ୍ୟନ୍ତ ରାଜ୍ୟରେ ୧୦୨୮.୪ ମି.ମି. ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ବର୍ଷା ୭୯୭.୦ ମି.ମି. ତୁଳନାରେ ୨୯ ପ୍ରତିଶତ ଅଧିକ। ବର୍ତ୍ତମାନ ଉପଲବ୍ଧ ତଥ୍ୟ ଅନୁଯାୟୀ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି।

## ପାରଦୀପରୁ ...

୨୦୦ ନଟିକାଲ ମାଇଲ ଯିବା ପରେ ଜାହଜ ସହ ଯୋଗାଯୋଗ ହୋଇପାରି ନ ଥିଲା। ଜାହଜରେ ଚାଇନାର ୨୦ ଜଣ ନାଗରିକ, ବାଂଲାଦେଶୀ ୧ ଓ ମିଆଁମାରର ୩ ଜଣ ନାଗରିକ ଥିଲେ। ପାଖାପାଖି ୩୭୦ କିଲୋମିଟର ଯାତ୍ରା କରି ବିଶାଖାପାଟଣା ଅଭିମୁଖେ ଯାଇଛି। ଓଡିଶା ସୀମା ପାର ହୋଇଥିବା ଜଣାପଡୁଛି। ଭୁବନେଶ୍ୱରରୁ କୋଷ୍ଟଗାର୍ଡ ଟିମ୍ ଓ ହେଲିକପ୍ଟର ଘଟଣାସ୍ଥଳକୁ ଯାଇଥିବା ଜଣାପଡିଛି।

## ସ୍ୱତନ୍ତ୍ର ଅଧିବେଶନ...

ଜମି ଓ ପାଣି ପାଇଁ କଂଗ୍ରେସ ତାର ପ୍ରତିବାଦ ଜାରି ରଖିଛି। ତେଣୁ ସମ୍ବିଧାନର ଧାରା ୧୭୪(୧) ଅନୁସାରେ ଦୁଇ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ରାଜ୍ୟପାଳ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବିଧାୟକ ଦଳରେ ତାରାପ୍ରସାଦ ବାହିନୀପତି, ପ୍ରଫୁଲ୍ଲ ପ୍ରଧାନ, ସିଏସ୍ ରାଜନ ଏକ୍କା, ପବିତ୍ର ସାଉଁଟା, ମଙ୍ଗୁ ଖିଲ, କାଡ୍ରାକା ଆପାଲା ସ୍ୱାମୀ, ନୀଳମାଧବ ହିକକା, ସତ୍ୟଜିତ ଗମାଙ୍ଗ ପ୍ରମୁଖ ସାମିଲ ହୋଇ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ।

## ‘ବନ୍ଦେ ମାତରମ୍ ’କୁ ...

ବନ୍ଦେ ମାତରମ୍ ର ଐତିହାସିକ, ଜାତୀୟ ଏବଂ ସାଂସ୍କୃତିକ ଐତିହ୍ୟ ସହିତ କୌଣସି ରାଜନୈତିକ ଆପୋଷ ବୁଝାମଣା ଗ୍ରହଣ କରାଯାଇପାରିବ ନାହିଁ। ଏହାର ସମ୍ପୂର୍ଣ୍ଣ ଛଅଟି ଭିନ୍ନତାର ଐତିହାସିକ ଐତିହ୍ୟକୁ ସଂରକ୍ଷିତ କରାଯିବା ଉଚିତ ବୋଲି ଦଳ କହିଛି।

## ଗୁଜରାଟରେ...

ପାର୍ଟ ଗୁଡ଼ିକ ଦୂରକୁ ଯାଇ ପଡ଼ିଥିଲା ଏବଂ ଘଟଣାସ୍ଥଳରେ ହାହାକାର ମଚିଯାଇଥିଲା। ଦୁର୍ଘଟଣାରେ ଯାନରେ ଥିବା ୪ ଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିଚୟ ମହମ୍ମଦ ଇଲିୟାସ କୁମ୍ଭାର (୩୦ ବର୍ଷ), ନୂର ମହମ୍ମଦ ଇଲିୟାସ କୁମ୍ଭାର (୨୬ ବର୍ଷ), ହୁସେନ ମହମ୍ମଦ (୩ ବର୍ଷ) ଏବଂ ନୂର ଫାତିମା ନୂର ମହମ୍ମଦ (୩ ବର୍ଷ) ବୋଲି ସୂଚନା ଦିଆଯାଇଛି।

## ପଦରାଜ ଉମାକାନ୍ତ ...

ଆନନ୍ଦଦାୟକ କରିପାରିଛି। ଏହା ବ୍ୟତୀତ ଶ୍ରୀ ନାୟକ ଏକାଧିକ ଇ-କଣ୍ଟେଣ୍ଟ ପ୍ରସ୍ତୁତ କରିବା ସହ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ୟୁଟ୍ୟୁବ୍ ଲାଇଭ୍ କ୍ଲାସରେ ଶିକ୍ଷାଦାନ କରିଛନ୍ତି। ତାଙ୍କର ନୂତନ ଶିକ୍ଷାଦାନ ପଦ୍ଧତିଗୁଡ଼ିକ ମଧ୍ୟରେ ପ୍ରକଳ୍ପ ଭିତ୍ତିକ ଶିକ୍ଷା, ଗବେଷଣା ଭିତ୍ତିକ ଶିକ୍ଷା, ହାତପାହାନ୍ତା କାର୍ଯ୍ୟକଳାପ, ନୃତ୍ୟ ମାଧ୍ୟମରେ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା, ଯୋଗ ମାଧ୍ୟମରେ ଶିକ୍ଷା, ଖେଳ ମାଧ୍ୟମରେ ଶିକ୍ଷା ଏବଂ କଳା ମାଧ୍ୟମରେ ବିଜ୍ଞାନ ଶିକ୍ଷା ଅନ୍ତର୍ଭୁକ୍ତ। ଏହି ଆଭିମୁଖ୍ୟ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆନନ୍ଦଦାୟକ, ସକ୍ରିୟ ଏବଂ ଛାତ୍ରକୈନ୍ଦ୍ରିକ କରିପାରିଛି। ଭୌତିକ ବିଜ୍ଞାନ ଓ ଗଣିତର ରିସୋର୍ସ ପର୍ସନ ଭାବେ କାର୍ଯ୍ୟ କରି ସେ ଶିକ୍ଷକମାନଙ୍କର ଶୈକ୍ଷିକ ଦକ୍ଷତା ବୃଦ୍ଧି କରିବା ସହ ବିଜ୍ଞାନ ଓ ଗଣିତ ଶିକ୍ଷାରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିଛନ୍ତି। ତାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଜଣେ ଛାତ୍ର ଅନ୍ତର୍ଜାତୀୟ ସ୍ତରର ବିଜ୍ଞାନ କାର୍ଯ୍ୟକ୍ରମରେ ଏବଂ ୮ ଜଣ ଛାତ୍ର ଜାତୀୟସ୍ତରର ବିଜ୍ଞାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ଗୌରବ ଅର୍ଜନ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ନିଜର ଅତୁଳନୀୟ ଯୋଗଦାନ ପାଇଁ ଶ୍ରୀ ନାୟକ ପୂର୍ବରୁ ଓଡ଼ିଶା ସରକାରଙ୍କ ଦ୍ୱାରା ‘ରାଜ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୩’ ଏବଂ ‘ପ୍ରକୃତି ବନ୍ଧୁ ପୁରସ୍କାର’ରେ ସମ୍ମାନିତ ହୋଇସାରିଛନ୍ତି।

## କ୍ଲୋରଫେନିରାମିନ୍-...

ପିଲାମାନଙ୍କଠାରେ ଏହି ଔଷଧଗୁଡ଼ିକର ବ୍ୟବହାର ବିପଦ ସୃଷ୍ଟି କରେ। ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଆଇନ, ୧୯୪୦ର ଧାରା ୨୬ଏ ଅନୁଯାୟୀ ଜନସ୍ୱାସ୍ଥ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶ ଜାରି କରାଯାଇଛି।

# ବରୀରେ ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ଅତିରିକ୍ତ ଜିଲ୍ଲାପାଳ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ବୈତରଣୀ, କାଣି ଓ ବ୍ରାହ୍ମଣୀ ନଦୀରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ବ୍ୟାପକ ବନ୍ୟା ପରିସ୍ଥିତି ଉପୁଜିଛି। ଦଶରଥପୁର ବ୍ଲକ୍‌ର ତରପଦା ପଞ୍ଚାୟତ ଅନ୍ତର୍ଗତ ପାଟଣା ଗ୍ରାମ ନିକଟରେ ଏବଂ ବିଞ୍ଝାରପୁର ବ୍ଲକ୍‌ର ଜରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନଉବାଙ୍କ ଗ୍ରାମ ନିକଟରେ ନଦୀବନ୍ଧରେ ଦୁଇଟି ପୃଥକ ଘାଇ ସୃଷ୍ଟି ହେବାରୁ ବନ୍ୟାଜଳ ବ୍ୟାପକ ଅଞ୍ଚଳକୁ ପ୍ଲାବିତ କରିଛି। ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୧୦ଟି ବ୍ଲକ୍‌ର ୧୨୩ଟି ଗ୍ରାମପଞ୍ଚାୟତ ଓ ୪୦୫ଟି ଗାଁର ମୋଟ ୪,୩୪,୬୩୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସେଥିମଧ୍ୟରୁ ୯୯,୭୫୭ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବନ୍ୟା ଯୋଗୁଁ ୧୯,୧୧୨ ହେକ୍ଟର ଚାଷଜମି ଏବଂ ୧,୫୮,୭୭୭ଟି ପଶୁସମ୍ପଦ ପ୍ରଭାବିତ ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ରିଲିଫ୍ ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି। ଶନିବାର ଜିଲ୍ଲାପାଳ ଅମ୍ବର କୁମାର କର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ବରିଷ୍ଠ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳରେ ଉପସ୍ଥିତ ରହି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ନିରନ୍ତର ତଦାରଖ କରୁଛନ୍ତି।

# ଅଭିଭାବକ ମହାସଂଘର ସତ୍ୟାଗ୍ରହ ଓ ଆମରଣ ଅନଶନ ସ୍ଥଗିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପିଲାଙ୍କ ପଢା ବହିରେ ମାଳମାଳ ତ୍ରୁଟି ଥିବାରୁ ସେଗୁଡିକୁ ଫେରସ୍ତ କରିବା ସହ ଆରଟିଇରେ ମାଗଣା ଶିକ୍ଷା ଅବଧିକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ କେଜିରୁ ପିଜି ମାଗଣା ଶିକ୍ଷାରେ ବୃତ୍ତିଗତ ଶିକ୍ଷାକୁ ଅନ୍ତର୍ଭୂକ୍ତ କରିବା ଦାବିରେ ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ଚାଲିଥିବା ଶିକ୍ଷା ସତ୍ୟାଗ୍ରହ ଓ ଆମରଣ ଅନଶନ ସ୍ଥଗିତ ହୋଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ଆଲୋଚନା ପରେ ସଂଘ ସଭାପତି ବାସୁଦେବ ଭଟ୍ଟ ଅନଶନ ଭଙ୍ଗ କରିଛନ୍ତି। ବିଧାୟକ ବାବୁ ସିଂଙ୍କ ସହ ବିଜେପିର ୨ ନେତା ପ୍ରିୟଦର୍ଶୀ ମିଶ୍ର ଓ ଜଗନ୍ନାଥ ପ୍ରଧାନଙ୍କ ଉପସ୍ଥିତିରେ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ସମସ୍ତ ୩ ଦଫା ଦାବି ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ତ୍ରୁଟିପୂର୍ଣ୍ଣ ବହି ଫେରାଇବା ସହ ନିର୍ଭୁଲ ପୁସ୍ତକରେ ଖୁବଶୀଘ୍ର ପାଠପଢା କରିବା, ଆରଟିଇରେ ମାଗଣା ଶିକ୍ଷା ଅବଧିକୁ ଅଷ୍ଟମରୁ ଦଶମ ଶ୍ରେଣୀ ଯାଏଁ ବୃଦ୍ଧି କରିବା, ଏବଂ ମାଗଣା ଶିକ୍ଷାରେ ବୃତ୍ତିଗତ ଶିକ୍ଷାକୁ ସାମିଲ ପାଇଁ ସର୍ବଦଳୀୟ ବିଚାର ବିମର୍ଶ କରିବା ପରେ ନିଷ୍ପତି ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟାରେ ନିର୍ବାଚନ କମିଶନଙ୍କ ପୂର୍ବ ପରାମର୍ଶଦାତା ଡ.ଭଗବାନ ପ୍ରକାଶ, ବିଧାୟକ ବାବୁ ସିଂ, ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ଅରୂପ ପଟନାୟକ, ମନୋଜ ଜେନା, ଦେବ ନାୟକ ପ୍ରମୁଖ



ଦୀର୍ଘ ୫ ଦିନ ଧରି ଆମରଣ ଅନଶନରେ ବସିଥିବା ସଂଘର ସଭାପତି ବାସୁଦେବ ଭଟ୍ଟଙ୍କ ଅନଶନ ଭଙ୍ଗ କରିଛନ୍ତି। ଶିକ୍ଷା ସତ୍ୟାଗ୍ରହକୁ ବିଭିନ୍ନ ରାଜନୈତିକ ଓ ସାମାଜିକ ସମର୍ଥନ ମିଳିଛି। ପିସିସି ସଭାପତି ଭକ୍ତଚରଣ ଦାସ, କଂଗ୍ରେସ ରାଜ୍ୟ ପ୍ରଭାରୀ ଲାଲଜୀ ଭାଇ ଦେଶାଇ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି, ମନ୍ମଥ ରାଉତରାୟ ପ୍ରମୁଖ ସତ୍ୟାଗ୍ରହକୁ ସମର୍ଥନ ଜଣାଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ସତ୍ୟବ୍ରତ ପରିଜା, ମହାସଚିବ ଅଶୋକ ପାଇକରାୟ ସାଧାରଣ ସମ୍ପାଦକ ସତ୍ୟଜିତ ଦାସ, ଭୁବନେଶ୍ୱର ସଭାପତି ଅମିତ କୁମାର ଦାସ, ବିମଳ ଜେନା, ଶାସ୍ତ୍ରୀ ବାହାଦୁର ପ୍ରଧାନ ପ୍ରମୁଖ ମନ୍ତ୍ରୀଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ**

ଇ-ଟେଣ୍ଡର ନୋଟିସ ନମ୍ବର: ଏନ୍‌ଆଇଟି/୧୧/୨୬/୨୬, ତାରିଖ: ୧୭.୦୮.୨୦୨୬

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ, ବରିଷ୍ଠ ଡିଭିଜନାଲ ସାମଗ୍ରୀ ପ୍ରବନ୍ଧକ / ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ ବିଳାସପୁର ଡିଭିଜନ ନିମ୍ନଲିଖିତ ସାମଗ୍ରୀ ପାଇଁ ଇ-ଟେଣ୍ଡର ଆମନ୍ତ୍ରିତ କରିଛନ୍ତି।

| କ୍ର. | ଟେଣ୍ଡର ନମ୍ବର | ଟେଣ୍ଡର ଖୋଲିବା ତାରିଖ | ଟେଣ୍ଡର ଖୋଲିବା ସମୟ | ଟେଣ୍ଡର ଫର୍ମ ମୂଲ୍ୟ (₹) | ଟେଣ୍ଡର ଫର୍ମ ମୂଲ୍ୟ (₹) |
|---|---|---|---|---|---|
| | 11265629 | 15.09.2026 | 10:30 | 00 | 170040.00 |

ବିବରଣୀ: ସଂଲଗ୍ନ ନିର୍ଦ୍ଦିଷ୍ଟକରଣ ଅନୁଯାୟୀ ସମସ୍ତ ମାନକ ଆନୁଷଙ୍ଗିକ ସାମଗ୍ରୀ ସହିତ ବାଣିଜ୍ୟିକ ଫ୍ରଣ୍ଟଲାଇନ୍ କର୍ମଚାରୀଙ୍କ ପାଇଁ ବଡି ୱାର୍ଣ୍ଣ କ୍ୟାମେରା (ମଡେଲ୍ ନମ୍ବର ଏକ୍ସସି୧୯, ତିଆରି - ଇଭିଓଏକ୍ସ କିମ୍ବା ନୂତନତମ) ଯୋଗାଣ, ସଂସ୍ଥାପନ ଏବଂ କମିଶନିଂ। ସଂଲଗ୍ନ ବିନିର୍ଦ୍ଦିଷ୍ଟ ଅନୁଯାୟୀ ‘ଟେଣ୍ଡରଧାରୀ ଦୟାକରି ଆମର ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ।’ ଟିପ୍ପଣୀ: ବିବରଣୀ ସମ୍ବନ୍ଧୀୟ କୌଣସି ବିବାଦ କ୍ଷେତ୍ରରେ, ମୂଳ ଇଂରାଜୀ ପାଠ୍ୟକୁ ପ୍ରାମାଣିକ ଭାବରେ ବିବେଚନା କରାଯିବ।

CPR /10/PH/352 ବରିଷ୍ଠ ବିଭାଗୀୟ ସାମଗ୍ରୀ ପ୍ରବନ୍ଧକ / ଦକ୍ଷିଣ ପୂର୍ବ ରେଳବାଇ, ବିଳାସପୁର

South East Central Railway @secrail

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୩ ଅଗଷ୍ଟ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଆଜିଠୁ ଶ୍ରୀକ୍ଷେତ୍ରରେ ଝୁଲଣ ଯାତ୍ରା : କୁଞ୍ଜ ପ୍ରସ୍ତୁତ



**ପୁରୀ, ୨୨/୦୮ ନ୍ୟୁଜ ବ୍ୟୁରୋ**

ଶ୍ରୀକ୍ଷେତ୍ରରେ ରବିବାର ଠାରୁ ପବିତ୍ର ଝୁଲଣ ଯାତ୍ରା ଆରମ୍ଭ ହେବ । ଶ୍ରାବଣ ଶୁକ୍ଳ ଦଶମୀରୁ ଶ୍ରୀମନ୍ଦିର ସମେତ ବିଭିନ୍ନ ମଠବାଡ଼ିରେ ପ୍ରତିପଦା ଯାଏଁ ଏହି ଝୁଲଣ ଯାତ୍ରା ଚାଲିବ । ଗୋପୀମାନଙ୍କ ଗହଣରେ ଶ୍ରୀରାଧାକୃଷ୍ଣଙ୍କ ବିଳାସମୟ ଦୋଳିଖେଳ ହେଉଛି ଝୁଲଣ ଯାତ୍ରା । ଏଥିପାଇଁ ଶ୍ରୀମନ୍ଦିର ସହ ବିଭିନ୍ନ ମଠ, ମନ୍ଦିରରେ ମଧ୍ୟ ପ୍ରସ୍ତୁତି ସରିଛି । ଝୁଲଣ କୁଞ୍ଜ ତଥା ଦୋଳିକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ଝାଲର, ଫୁଲ, ନାଗାଫୁଲ, ଖମ୍ବ ଝାଲର, ବାଙ୍କ ଝାଲର ଲଗାଯାଇଛି । ରାଧାକୃଷ୍ଣଙ୍କ ସହ ରାମସୀତା, ଲକ୍ଷ୍ମୀ ନୃସିଂହ ବିଭିନ୍ନ ଦିବସରେ ଦୋଳି ଖେଳିବେ । ରଙ୍ଗବେରଙ୍ଗ ଆଲୋକ ମାଳାରେ ସଜ୍ଜିତ ଝୁଲଣ କୁଞ୍ଜ ମଧ୍ୟରେ ଜରି ଜମ୍ବୁରା କାମ କରାଯାଇଛି । ଏଥିସହ ସୋଲରେ ପ୍ରସ୍ତୁତ ଫୁଲ ଓ କଦମ୍ବ ମାଳ କୁଞ୍ଜର ଶୋଭାକୁ ଆହୁରି ବଢ଼ାଇଛି । ସୋଲରେ ପ୍ରସ୍ତୁତ ବିଭିନ୍ନ ପକ୍ଷୀ କୁଞ୍ଜ ପରିବେଶକୁ ଅଧିକ ଆକର୍ଷଣୀୟ କରିଛନ୍ତି । ଶ୍ରୀମନ୍ଦିରରେ ଶ୍ରୀଜୀଉମାନେ ଝୁଲଣ କୁଞ୍ଜରେ ବିଜେ ହେବା ପରେ ସେବକ ତଥା ପ୍ରସିଦ୍ଧ ଗାୟକଙ୍କ ଦ୍ୱାରା ପାରମ୍ପରିକ ଚମ୍ପୁ, ଛାନ୍ଦ ଓ ପୁରାତନ ଝୁଲଣର ରାସ ଗୀତ ପରିବେଷିତ ହୋଇଥାଏ ।

ରବିବାର ଠାରୁ ଶ୍ରୀକ୍ଷେତ୍ରରେ ଝୁଲଣ ମହୋତ୍ସବର ଶୁଭାରମ୍ଭ ହେବାକୁ ଥିବାବେଳେ ଠାକୁରଙ୍କ ଏହା ହେଉଛି ବର୍ଷାକାଳୀନ ରାହାସ ଉତ୍ସବ । ଏହି ଉତ୍ସବ ଅବସରରେ ସୁସଜ୍ଜିତ ଝୁଲଣ କୁଞ୍ଜରେ ଦେବାଦେବୀ ବିଜେ ହୋଇଥାଆନ୍ତି । କୁଞ୍ଜକାନନର ପଶୁପକ୍ଷୀଙ୍କ କଳରବ ମଧ୍ୟରେ ଠାକୁର ଝୁଲିଥାଆନ୍ତି । ଦ୍ୱାପର ଯୁଗରେ ଆଧାରିତ ଶ୍ରୀକୃଷ୍ଣଙ୍କ ଲୀଳା ଓ ପ୍ରକୃତିର ରଙ୍ଗ ରୂପ ପ୍ରସ୍ତୁତି ହେଉଛି । ପାରମ୍ପରିକ କାରିଗରମାନଙ୍କ ସାଜ ସଜ୍ଜାରେ ଝଲସିଛି କୁଞ୍ଜ । କୁଞ୍ଜରେ ଶୁଆ ସାରି, ବଣି ପାରା, ଗୁଣ୍ଡୁଚି ମୂଷା, ଗାଇ, ମାଙ୍କଡ଼ ଆଦି ମୂର୍ତ୍ତି ଖଞ୍ଜାଯାଇଛି । ଉତ୍ତର ପାର୍ଶ୍ୱ ମଠ, ରାଧାବଲ୍ଲଭ ମଠ, ଜଗନ୍ନାଥ ବଲ୍ଲଭ ମଠ, ବଡ଼ ଓଡ଼ିଆ ମଠ, ଜିଅର ସ୍ୱାମୀ ମଠ ସମେତ ପୁରୀର ବିଭିନ୍ନ ମଠ ମନ୍ଦିରରେ ଏହି ଝୁଲଣ ଯାତ୍ରା ପାଳନ ହେବ । ସାତ ଦିନ ବ୍ୟାପି ଶ୍ରୀକ୍ଷେତ୍ରେ ଏହି ଝୁଲଣ ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ଚଳଚଞ୍ଚଳ ହୋଇଛି ଶ୍ରୀକ୍ଷେତ୍ର । ଭକ୍ତ ଓ ପୁରୀ ସହରବାସୀ ଏହି ଝୁଲଣ ଯାତ୍ରାକୁ ଦେଖିବା ସହ ଝୁଲଣ କୁଞ୍ଜରେ ଠାକୁରଙ୍କ ଦର୍ଶନ ପାଇଁ ବେଶ୍ ବ୍ୟାକୁଳତାର ସହ ଅପେକ୍ଷା କରିଛନ୍ତି ।



ଭୁବନେଶ୍ୱର : ବିଜେଡିର ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ରଙ୍କ ପିତା ସ୍ୱର୍ଗତ ଡ. ବିଶ୍ୱମୋହନ ମିଶ୍ରଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ବିରୋଧି ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ଶିଳ୍ପ ଜଗତର ବରିଷ୍ଠ ବ୍ୟକ୍ତିତ୍ୱ ଡଃ.ତପନ ଚାନ୍ଦଙ୍କୁ "ଏକ୍ସିଲେନ୍ସ ଆୱାର୍ଡ"

**ଭୁବନେଶ୍ୱର ୨୨।୮ ନ୍ୟୁଜ ବ୍ୟୁରୋ**

ଏଣ୍ଟରପ୍ରାଇଜେସ୍ ବିଭାଗ ଓଡ଼ିଶା କର୍ପୋରେଟ ଫାଉଣ୍ଡେସନ ଏବଂ ବ୍ରିଜ ଭାରତର ମିଳିତ ଆୟୋଜନରେ ଭୁବନେଶ୍ୱରରେ ଜାତୀୟ ସିଏସ୍ଆର ସମ୍ମିଳନୀ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିଳ୍ପ ଜଗତର ବରିଷ୍ଠ ବ୍ୟକ୍ତିତ୍ୱ ଡଃ ତପନ ଚାନ୍ଦଙ୍କୁ ଶିଳ୍ପ ଜଗତ ଓ ସିଏସ୍ଆର ଆନ୍ଦୋଳନ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରିଥିଲେ । ରାଜ୍ୟପାଳ ସ୍ଥାନୀୟ ଅଞ୍ଚଳର ବିକାଶମୂଳକ ଆବଶ୍ୟକତା ପୂରଣରେ ସିଏସ୍ଆର ଏବଂ ସରକାରୀ ଉଦ୍ୟୋଗଗୁଡିକର ସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଭଳି ସ୍ଥାନୀୟ ଆବଶ୍ୟକତା ପୂରଣରେ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ସେ ସମ୍ମିଳନୀରେ ଉପସ୍ଥିତ ସାଂସଦମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ଭାରତ କମିଶନର କମ୍ ସଚିବ ସାଜିଦ ଆଲାମ, ନାଲ୍‌କୋ ସିଏମଡି ବିପି ସିଂହ, ଆଇଆଇଡିଏର ଅଧ୍ୟକ୍ଷ ବିକେ ମହାନ୍ତିଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାର ପିଏସୟୁ ଶିଳ୍ପ ଜଗତ ସିଏସଆଇ ପ୍ରମୁଖ ବେସରକାରୀ ଉଦ୍ୟୋଗ ପେସାଦାର ପ୍ରକଳ୍ପ ପ୍ରସ୍ତାବକ ଛାତ୍ରଛାତ୍ରୀ ଓ ଗବେଷକମାନେ ଯୋଗଦେଇଥିଲେ ।

ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ରବି ବେହେରା ମଧ୍ୟ ସମ୍ମିଳନୀରେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଅଧିବେଶନ ପରେ ତିନୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ସିଏସଆର ସମ୍ପର୍କିତ ଆଇନ୍, ନିୟମ, ନିର୍ଦ୍ଦେଶିକା ଧାରଣା ଓ ପ୍ରଣାଳୀ ସହିତ ଭାରତର ସିଏସଆର ଇକୋସିଷ୍ଟମକୁ ସୁଦୃଢ଼ କରିବାର ଉପାୟ ଉପରେ ଆଲୋଚନା ହୋଇଥିଲା । ଅଧିବେଶନକୁ ପରିଚାଳନା କରି ଡଃ ତପନ ଚାନ୍ଦ କହିଥିଲେ ଯେ ସିଏସଆର ଭାରତ ପାଇଁ କୌଣସି ନୂଆ ଧାରଣା ନୁହେଁ । ଟ୍ରିପଲ ବଟମ୍ ଲାଇନ୍ ପ୍ଲାନେଟ ପିପୁଲ ଓ ପ୍ରଫିଟ୍ ଭଳି ଧାରଣାର ମୂଳ ଭାରତୀୟ ସଂସ୍କୃତିରେ ରହିଛି । ପରିସ୍ଥିତି ଓ ଆବଶ୍ୟକତା ଅନୁଯାୟୀ ସିଏସଆରର ବିଭିନ୍ନ ମଡେଲ ରହିଛି । ଏହି ଅଧିବେଶନରେ ବିଭିନ୍ନ ରାଷ୍ଟ୍ରାୟତ ଉଦ୍ୟୋଗ ଓ ଶିଳ୍ପ ବିଶେଷଜ୍ଞମାନେ ଯୋଗ ଦେଇଥିଲେ ।



# 'ବିଚାରପତି ଭଗବାନ ନୁହଁନ୍ତି, ପ୍ରତ୍ୟେକ ରାୟ ସଠିକ୍ ହୋଇନପାରେ'

**ନୂଆଦିଲ୍ଲୀ, ୨୨।୮**

ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୟ କାରୋଲ୍ ଶନିବାର ଅବସର ଗ୍ରହଣ କରିଛନ୍ତି । ସେ ତାଙ୍କ ବିଦାୟୀ ଭାଷଣରେ ନ୍ୟାୟ ବ୍ୟବସ୍ଥା ଓ ଜଜ୍‌ଙ୍କ ଭୂମିକାକୁ ନେଇ ଏକ ମହତ୍ୱପୂର୍ଣ୍ଣ କଥା କହିଛନ୍ତି । ସେ କହିଛନ୍ତି ଯେ ଜଜ୍‌ମାନେ ଭଗବାନ ନୁହଁନ୍ତି ଏବଂ ସେମାନଙ୍କର ପ୍ରତ୍ୟେକ ରାୟ ସବୁବେଳେ ସଠିକ୍ ହୋଇନପାରେ । ବିଦାୟୀ ଭାଷଣରେ ଜଷ୍ଟିସ କରୋଲ କହିଛନ୍ତି ଯେ ଜଣେ ବିଚାରପତିଙ୍କ ପାଇଁ କେବଳ ଆଇନର ଜ୍ଞାନ ଯଥେଷ୍ଟ ନୁହେଁ । ନ୍ୟାୟ ଦେବା ପାଇଁ ଜଣେ ବିଚାରପତିଙ୍କ ମଧ୍ୟରେ ବିନମ୍ରତା ଓ ମାନବିକତା ରହିବା ମଧ୍ୟ ଅତ୍ୟନ୍ତ ଜରୁରୀ । ଜଷ୍ଟିସ ସଞ୍ଜୟ କରୋଲ କହିଛନ୍ତି ଯେ କୋର୍ଟରେ ଆସୁଥିବା ପ୍ରତ୍ୟେକ ଯାଚିକା ପଛରେ ଜଣେ ମଣିଷ ଏବଂ ତାଙ୍କର ଏକ ସଂଘର୍ଷର କାହାଣୀ ରହିଥାଏ । କେବଳ ଯାଚିକାରେ ଲେଖାଯାଇଥିବା ତଥ୍ୟ ଦେଖିଲେ ସେହି ବ୍ୟକ୍ତି କ'ଣ କଷ୍ଟ ଭୋଗିଛନ୍ତି, ସେ କ'ଣ ହରାଇଛନ୍ତି କିମ୍ବା କୋର୍ଟରୁ କ'ଣ ଆଶା କରୁଛନ୍ତି, ତାହା ସବୁବେଳେ ଜଣାପଡ଼େ ନାହିଁ । ତେଣୁ ଜଣେ ଜଜ୍‌ଙ୍କୁ କେବଳ ମାମଲାର କାଗଜପତ୍ର ନୁହେଁ, ବରଂ ସେହି ମାମଲା ପଛରେ ଥିବା ବାସ୍ତବ ମଣିଷକୁ ମଧ୍ୟ ଦେଖିବା ଆବଶ୍ୟକ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଓକିଲଙ୍କ ନୀରବତାରେ ମଧ୍ୟ ଏକ ପ୍ରକାର ଭାଷା ରହିଥାଏ । ନ୍ୟାୟିକ ପ୍ରକ୍ରିୟାରେ କେବଳ ଦିଆଯାଇଥିବା ଯୁକ୍ତି କିମ୍ବା ଶବ୍ଦ ହିଁ ସବୁକିଛି ନୁହେଁ । ଶବ୍ଦ ଓ ଶବ୍ଦ ମଧ୍ୟରେ ଥିବା ନୀରବତାରେ ଲୋକମାନେ କ'ଣ କହିବାକୁ ଚାହୁଁଛନ୍ତି ତାକୁ ବି ବୁଝିବା ଜରୁରୀ । ଜଷ୍ଟିସ୍ କରୋଲ ୬ ଫେବୃଆରୀ ୨୦୨୩ ରେ ସୁପ୍ରିମକୋର୍ଟକୁ ପ୍ରମୋଟ ହୋଇଥିଲେ । ତାଙ୍କ କାର୍ଯ୍ୟକାଳର ଶେଷ ଦିନରେ, ଖଣ୍ଡପୀଠରେ ସିଜେଆଇ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ କରୋଲ, ଜୟମାଲ୍ୟ ବାଗଚି ଏବଂ ଭି. ମୋହନା ସାମିଲ ଥିଲେ । ତାଙ୍କ ବିଦାୟୀ ଭାଷଣରେ ଜଷ୍ଟିସ କରୋଲ ଆଇନ ବୃତ୍ତିରେ ତାଙ୍କର ପ୍ରାୟ ଚାରି ଦଶନ୍ଧିର ଯାତ୍ରାକୁ ମନେ ପକାଇ କହିଥିଲେ ଯେ କୋର୍ଟରୁମ୍ ତାଙ୍କ ପାଇଁ କେବେବି କେବଳ କାର୍ଯ୍ୟସ୍ଥଳ ନଥିଲା, ବରଂ ନିଜଠାରୁ ବଡ଼ ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ' ଥିଲା । ମୁଁ କହିବି ନାହିଁ ଯେ ଏହି ଯାତ୍ରା କେବଳ ମୋର ଥିଲା । ଏହି କୋର୍ଟରୁମ୍ ମୋତେ କେବେ ଛାଡି ନଥିଲା, ଏହା ମୋର ସାଥି ଦେଇଛି । ଜଷ୍ଟିସ୍ କରୋଲ କହିଛନ୍ତି, ସେ ୪୦ ବର୍ଷ କୋର୍ଟ ରୁମ୍‌ରେ ବିତାଇଛନ୍ତି । ପ୍ରଥମେ ଓକିଲାତି ଏବଂ ପରେ ୧୯ ବର୍ଷ ବିଚାରପତି ଭାବରେ କାର୍ଯ୍ୟ କଲି । ନିଜ ଅତୀତକୁ ମନେ ପକାଇ ଜଷ୍ଟିସ କରୋଲ ୧୯୯୬ ମସିହାରେ ସୁପ୍ରିମକୋର୍ଟର କୋର୍ଟରୁମ୍ ନମ୍ବର-୧ କୁ ପ୍ରଥମ ଥର ଯିବାର ଅନୁଭୂତି କ'ଣ ଥିଲା ତାହା କହିଛନ୍ତି । ସେ କହିଛନ୍ତି ସେତେବେଳେ ତାଙ୍କୁ ଲାଗିଥିଲା ଯେ ଜଜ୍‌ମାନଙ୍କ ବେଞ୍ଚ ଭୂମିଠାରୁ ପ୍ରାୟ ୬ ଫୁଟ୍ ଉଚ୍ଚରେ ରହିଛି । ତଳେ ଠିଆ ହୋଇ ଦେଖିଲେ ବେଞ୍ଚର ଉଚ୍ଚତା କ୍ଷମତା ଓ ଅଧିକାରର ପ୍ରତୀକ ପରି ଲାଗିପାରେ । କିନ୍ତୁ ସେହି ବେଞ୍ଚ ଉପରେ ବସି ନ୍ୟାୟ ଦେବା ପରେ ଏହାର ଅର୍ଥ ସମ୍ପୂର୍ଣ୍ଣ ଭିନ୍ନ ବୋଲି ସେ ଅନୁଭବ କରିଥିଲେ । ତାଙ୍କ ମତରେ, ବେଞ୍ଚର ଉଚ୍ଚତା କେବଳ କ୍ଷମତାର ପ୍ରତୀକ ନୁହେଁ, ବରଂ ଗରିମା, ସଚ୍ଚୋଟତା ଓ ଦାୟିତ୍ୱବୋଧ ସହିତ ନ୍ୟାୟ ଦେବାର ଏକ ବଡ଼ ଦାୟିତ୍ୱର ପ୍ରତୀକ । ଜଷ୍ଟିସ କରୋଲ କହିଥିଲେ ଯେ ସୁପ୍ରିମକୋର୍ଟର ପ୍ରକୃତ ଗୁରୁତ୍ୱ ସାଧାରଣ ନାଗରିକଙ୍କ ବିଶ୍ୱାସରେ ରହିଛି ଯିଏ ତାଙ୍କ ଦ୍ୱାରକୁ ଆସି ବିଶ୍ୱାସ କରନ୍ତି ଯେ କେହି ତାଙ୍କ କଥା ଶୁଣିବେ । କିନ୍ତୁ ଆମକୁ ସେମାନଙ୍କୁ ମଧ୍ୟ ମନେ ରଖିବାକୁ ପଡିବ ଯେଉଁମାନେ କେବେବି ଏହି ଦ୍ୱାରରେ ପହଞ୍ଚି ପାରନ୍ତି ନାହିଁ, ସେ କହିଥିଲେ, କାରଣ ନ୍ୟାୟ ବହୁତ ଦୂର, ଅତ୍ୟଧିକ ମହଙ୍ଗା ଏବଂ ଅତ୍ୟଧିକ ଭୟଙ୍କର । ସାମ୍ବିଧାନିକ ମୂଲ୍ୟବୋଧ ଏବଂ ନ୍ୟାୟର ଅର୍ଥ ଉପରେ ବକ୍ତବ୍ୟ ରଖି ଜଷ୍ଟିସ କରୋଲ କହିଥିଲେ ଯେ ଆଇନ, ଯଥାର୍ଥ ପ୍ରକ୍ରିୟା ଏବଂ ସାମ୍ବିଧାନିକ ବୈଧତା ଭଳି ଧାରଣାଗୁଡ଼ିକୁ ବୁଝିବାର ସହଜ ଉପାୟ ହେଉଛି 'ଧର୍ମ'ର ବିଚାରରେ ହେଉ । ଏହାକୁ ଏକ ରୀତିନୀତି କିମ୍ବା ପ୍ରଥା ଭାବରେ ବୁଝିହେବ ନାହିଁ, ବଂର କର୍ତ୍ତବ୍ୟ ଭାବରେ ବୁଝିବା ଦରକାର । ସେ କହିଥିଲେ ଯେ ଜଣେ ବିଚାରପତିଙ୍କର ନ୍ୟାୟକୁ ସମ୍ମାନ କରିବା ଦରକାର । କୋର୍ଟ ସମ୍ମୁଖରେ ଠିଆ ହୋଇଥିବା ବ୍ୟକ୍ତି - ଯେତେ ଛୋଟ କିମ୍ବା ଅସହାୟ ହେଉ - ତାଙ୍କ କଥା ଶୁଣାଯିବା ଏବଂ ଧ୍ୟାନ ଦେବା ଉଚିତ । ବାର୍ ସଦସ୍ୟମାନଙ୍କୁ ସମ୍ବୋଧିତ କରି ଜଷ୍ଟିସ କରୋଲ କହିଥିଲେ ଯେ ନ୍ୟାୟର ନୀତି କୋର୍ଟ ରୁମ୍ ଏବଂ ବିଚାରପତିଙ୍କ ପୋଷାକଠାରୁ ବହୁ ଦୂରରେ ବ୍ୟାପିଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ପସନ୍ଦ, ଆଚରଣ ଏବଂ ନିଜ କ୍ଷମତା ବ୍ୟବହାର କ୍ଷେତ୍ରରେ ନିଜର ବିଚାରପତି ହେବା ଆବଶ୍ୟକ । ଜଷ୍ଟିସ ସଞ୍ଜୟ କରୋଲଙ୍କ ଏହି ବିଦାୟୀ ବାର୍ତ୍ତା ପୁଣିଥରେ ମନେ ପକାଇ ଦେଇଛି ଯେ ନ୍ୟାୟ କେବଳ ଆଇନର ଧାରା କିମ୍ବା ଯୁକ୍ତି ମଧ୍ୟରେ ସୀମିତ ନୁହେଁ । ଏଥିରେ ମାନବିକତା, ସମ୍ବେଦନଶୀଳତା, ବିନମ୍ରତା ଏବଂ ଅକୁହା କଥାକୁ ବୁଝିବାର କ୍ଷମତା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ।





## ଏଫଏଚଆରଏଆଇର ବାର୍ଷିକ ସମ୍ମିଳନୀ

# ହୋଟେଲ ଶିଳ୍ପ ସ୍ଥାନୀୟ ଉତ୍ପାଦ କିଣିବାକୁ ଆହ୍ୱାନ ଦେଲେ ଉପମୁଖ୍ୟମନ୍ତ୍ରୀ

**ବାରାଣାସୀ / ଭୁବନେଶ୍ୱର, ୨୨।୮ ନ୍ୟୁଜ ବ୍ୟୁରୋ**

ବାରାଣାସୀଠାରେ ଆୟୋଜିତ ଏଫଏଚଆରଏଆଇର ୫୬ତମ ବାର୍ଷିକ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଛନ୍ତି । 'ଅନନ୍ତ କାଶୀ: ଆଧ୍ୟାତ୍ମିକତା, ସଂସ୍କୃତି, ବ୍ୟଞ୍ଜନ ଏବଂ କଳା ମାଧ୍ୟମରେ ପର୍ଯ୍ୟଟନର ଭବିଷ୍ୟତ' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶାର ଦୃଷ୍ଟିକୋଣରୁ ପର୍ଯ୍ୟଟନ, ହୋଟେଲ ଶିଳ୍ପ, ଗ୍ରାମୀଣ ଅର୍ଥନୀତି ଏବଂ ବିକାଶ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ । ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, କାଶୀର ବାବା ବିଶ୍ୱନାଥ ଏବଂ ପୁରୀର ମହାପ୍ରଭୁ ଶ୍ରୀଜଗନ୍ନାଥ 'ହରି' ଓ 'ହର'ଙ୍କ ଏକତାକୁ ଦର୍ଶାନ୍ତି । ଏହା ପର୍ଯ୍ୟଟକଙ୍କୁ କେବଳ ଭ୍ରମଣ ଅନୁଭୂତି ନୁହେଁ, ବରଂ ଭାରତୀୟ ସଂସ୍କୃତିର ଏକ ଗଭୀର ଅନୁଭୂତି ପ୍ରଦାନ କରିଥାଏ । ଓଡ଼ିଶାରେ ସବୁ ପ୍ରକାର ପର୍ଯ୍ୟଟନର ସମ୍ଭାବନା ରହିଛି । ଆପଣଙ୍କର ପ୍ରତ୍ୟେକ ହୋଟେଲ ରହଣି ସ୍ଥାନୀୟ ଚାଷୀ, ହସ୍ତଶିଳ୍ପ, ପରିବହନ ଏବଂ ଶକ୍ତି କ୍ଷେତ୍ରକୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ସାହାଯ୍ୟ କରିଥାଏ । ସ୍ଥାନୀୟ ଚାଷୀ ଓ ବ୍ୟବସାୟୀଙ୍କୁ ରୋଜଗାର ଦେବା ପାଇଁ ହୋଟେଲ ଶିଳ୍ପ ସ୍ଥାନୀୟ ଉତ୍ପାଦ କିଣିବା ସହ ପରିବେଶ ଅନୁକୂଳ ସ୍ୱଚ୍ଛ ଶକ୍ତି ବ୍ୟବହାର କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆହ୍ୱାନ ଦେଇଛନ୍ତି । ସରକାର, ହୋଟେଲ ଶିଳ୍ପ ଏବଂ ସ୍ଥାନୀୟ ଲୋକଙ୍କ ସହ ମିଳିମିଶି କାମ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଓଡ଼ିଶାକୁ ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଆଦି ରାଜ୍ୟ ସହିତ ଯୋଡ଼ି ପର୍ଯ୍ୟଟନ ସର୍କିଟ ଗଢ଼ିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରସ୍ତାବ ମଧ୍ୟ ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, 'ଭ୍ରମଣରେ ଆସି ସାଥୀରେ ପର୍ଯ୍ୟଟନର ନିଜର ସୁନ୍ଦର ସ୍ମୃତି ଓ ଅନୁଭୂତି ନିଅନ୍ତୁ' । ସ୍ଥାନୀୟ ଐତିହ୍ୟ ଓ ଲୋକଙ୍କ ବିକାଶକୁ ଧ୍ୟାନରେ ରଖି ପର୍ଯ୍ୟଟନର ଅଭିବୃଦ୍ଧି କରିବାକୁ ଅଂଶଗ୍ରହଣକାରୀଙ୍କୁ ଅନୁରୋଧ କରିଛନ୍ତି । ଉଦ୍‌ଘାଟନୀ ଅଧିବେଶନରେ ଦେଶର ପ୍ରମୁଖ ପର୍ଯ୍ୟଟନ ସଂସ୍ଥାର ପ୍ରତିନିଧି, ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏସନ ସଦସ୍ୟ ଓ ଅଧିକାରୀମାନେ ଯୋଗଦେଇଥିଲେ ।



**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୨/୦୮/୨୦୨୬
୪,୧୭,୦୭୨/- ଟଙ୍କା
ସୁନା:- ୦୦ ଗ୍ରାମ୍ ୨୫୦ମିଲିଗ୍ରାମ
ରୂପା:-୦୮ ଗ୍ରାମ୍ ୨୦୦ମିଲିଗ୍ରାମ୍

# ବିଜୁ ଛାତ୍ର ଏବଂ ଯୁବ ଜନତା ଦଳର ଜିଲ୍ଲା ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ

**ଭୁବନେଶ୍ୱର, ୨୨।୮ ନ୍ୟୁଜ ବ୍ୟୁରୋ**

ବିଜେଡି ପକ୍ଷରୁ ସଂଗଠନକୁ ମଜବୁତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ବିଜୁ ଛାତ୍ର ଜନତା ଦଳ, ବିଜୁ ଯୁବ ଜନତା ଦଳ ଓ ବିଜୁ ମହିଳା ଜନତା ଦଳର ବିଭିନ୍ନ ଜିଲ୍ଲା ପାଇଁ ନୂତନ ଜିଲ୍ଲା ସଭାପତି ଓ କାର୍ଯ୍ୟକାରୀ ସଭାପତିମାନଙ୍କୁ ନିଯୁକ୍ତି ଦିଆଯାଇଛି । ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନିଯୁକ୍ତି ଦେଇଛନ୍ତି । ବିଜୁ ଛାତ୍ର ଜନତା ଦଳର ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ହରେକୃଷ୍ଣ ପ୍ରଧାନ, କଟକ ମହାନଗର ଶିବଶଙ୍କର ସିଂ, କେନ୍ଦ୍ରାପଡା ଜିଲ୍ଲା ସଭାପତି ସାହିବ ସାହିଲ ରାଉତ ଏବଂ କାର୍ଯ୍ୟକାରୀ ସଭାପତି ପ୍ରଭେଶ ଅଖତର, ଜଗତସିଂହପୁର ଜିଲ୍ଲା ସଭାପତି ରାଜେଶ କୁମାର ମିଶ୍ର ଏବଂ କାର୍ଯ୍ୟକାରୀ ସଭାପତି ଅବନୀକାନ୍ତ ଦାଶ, ମୟୂରଭଞ୍ଜ ଆଭାସ ଦେ, ଖୋର୍ଦ୍ଧା ଅମିତ କୁମାର ଦାଶ, ଯାଜପୁର ଜଗଦାନନ୍ଦ ରାଉତ ଏବଂ ପୁରୀ ରାଜେଶ ରଥଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ବିଜୁ ଯୁବ ଜନତା ଦଳର ବିଭିନ୍ନ ଜିଲ୍ଲାର ଜିଲ୍ଲା ସଭାପତି ଓ କାର୍ଯ୍ୟକାରୀ ସଭାପତିଙ୍କୁ ବିଜେଡି ପକ୍ଷରୁ ନିଯୁକ୍ତ କରାଯାଇଛି । ବାଲେଶ୍ୱର ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଭାବେ ତାପସ ପ୍ରାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଭରତ ଭୂଷଣ ଦାସ, କଟକ ମହାନଗର ସୌମ୍ୟ ଦର୍ଶନ ବେହେରା, କେନ୍ଦ୍ରାପଡା ରାଜେଶ ଦାସ, ଜଗତସିଂହପୁର ସମିତ କୁମାର ଲେଙ୍କା, ମୟୂରଭଞ୍ଜ ଜିଲ୍ଲା ସଭାପତି ଅରୁଣ ବରାଡ, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ନାୟକ, ଯାଜପୁର ଆଶିଷ ରଞ୍ଜନ ଚୌଧୁରୀଙ୍କୁ ନିଯୁକ୍ତ କରାଯାଇଛି । ସେହିପରି ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାପତି ଓ କାର୍ଯ୍ୟକାରୀ ସଭାପତି ମନୋନୀତ କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ସଭାପତି ଶର୍ବାଣୀ ଦାସ, ବାଲେଶ୍ୱର ଜିଲ୍ଲା ସଭାପତି ଶୁଭଲକ୍ଷ୍ମୀ ମାଝୀ, କାର୍ଯ୍ୟକାରୀ ସଭାପତି ମୀନା ମହାନ୍ତି, ମୟୂରଭଞ୍ଜ-୨ ଜିଲ୍ଲା ସଭାପତି କମଳା ମହାନ୍ତି, କାର୍ଯ୍ୟକାରୀ ସଭାପତି ମମିତା ଚୌଧୁରୀ, ଗଞ୍ଜାମ ଜିଲ୍ଲା ସଭାପତି ସଂଘମିତ୍ରା ଦଳେଇ, କାର୍ଯ୍ୟକାରୀ ସଭାପତି ଅନିମା ପରିଡା, ଶ୍ୱେତାପ୍ରଜ୍ଞା ପଟ୍ଟନାୟକ, କଟକ ମହାନଗର ଜିଲ୍ଲା ସଭାପତି ଏ.ଶ୍ରୀଧାବି, କାର୍ଯ୍ୟକାରୀ ସଭାପତି ମିତାଲି ଭଞ୍ଜଙ୍କୁ ନିଯୁକ୍ତ କରାଯାଇଛି ।





ଛବିବାସରୀୟ କଳିକା
୭ କୋଟି ବର୍ଷ ତଳେ ବର୍ଷକ ଥିଲା ୩୭୨ ଦିନ
୨୦୨୬ରେ ବେଲଗାମ ଦରଦାମ୍


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
'ଉତ୍କଳ ଦୀପିକା' ପ୍ରକାଶନ ସ୍ଥାନ ସ୍ମାରକୀପୀଠ ଘୋଷଣା
IFFCO
ସ୍ୱାଧୀନତା ଦିବସର
15 AUGUST INDEPENDENCE DAY
ଇଣ୍ଡିଆନ୍ ଫାରମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିଃ, ପାରାଦୀପ ୟୁନିଟ୍

## ଓଡ଼ିଆ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ପର୍ଯ୍ୟାୟ କ୍ୟାମ୍ପସକୁ ଭୁଲିଗଲେ

# ୨ ବର୍ଷ ହେଲା ହୋଇପାରିଲାନି ଜମି ଅଧିଗ୍ରହଣ : ପ୍ରକଳ୍ପ ଠପ୍

**ଭୁବନେଶ୍ୱର, ୨୨/୦୮ ନ୍ୟୁଜ ବ୍ୟୁରୋ**

ଭାଷା ଗୋଟିଏ ଜାତିର ଅସ୍ମିତାର ପରିଚୟ । ଭାଷା ବ୍ୟବହାର ବଢ଼ିଲେ ଏହା ସମୃଦ୍ଧ ହୋଇଥାଏ । ଏମିତି କିଛି କହି ରାଜ୍ୟ ସରକାର ୨୦୨୪ ଜାନୁଆରୀ ୨୪ରେ ରାଜ୍ୟବାସୀଙ୍କୁ ସମର୍ପିତ କଲେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ ସୌଧ । ହେଲେ ଦେଇଥିବା ପ୍ରତିଶ୍ରୁତିକୁ ଭୁଲିଗଲେ ରାଜ୍ୟ ସରକାର । ଆଉ ୬ ଏକର ଜମିରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ କ୍ୟାମ୍ପସ ନିର୍ମାଣ କାର୍ଯ୍ୟକୁ ଭୁଲିଗଲେ । ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଜମି ଅଧିଗ୍ରହଣ ନହୋଇପାରିବାରୁ ଏହା ସଂପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି । ୨୦୧୮ ଅକ୍ଟୋବର ୯ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପାଇଁ ଶିଳାନ୍ୟାସ ହୋଇଥିଲା । ୨୦୨୩ ସେପ୍ଟେମ୍ବର ୫ରେ ସାକ୍ଷୀଗୋପାଳ ସ୍ଥିତ ପାନ୍ଥନିବାସରେ ଅସ୍ଥାୟୀ କ୍ୟାମ୍ପସରେ ପାଠପଢ଼ା ଆରମ୍ଭ କରାଗଲା । ଏହାରି ଭିତରେ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଜାରି ରହିଥିଲା । ୧୦.୩୫ ଏକର ଜମିରେ ପ୍ରଥମ ପର୍ଯ୍ୟାୟ ନିର୍ମାଣ ଶେଷ ହୋଇଥିଲା । ଏଥିରେ ମୋଟ ୭୩.୦୯ କୋଟି ଟଙ୍କା ବ୍ୟୟ ହୋଇଥିଲା । ଏହି କ୍ୟାମ୍ପସରେ ପ୍ରଶାସନିକ କୋଠା, ସ୍କୁଲ୍ ଅଫ୍ ଲର୍ଣ୍ଣିଂ ସେଣ୍ଟର, ଲାଇବ୍ରେରୀ, କମ୍ପ୍ୟୁଟର ଲ୍ୟାବ୍, ଛାତ୍ରାବାସ ସହ ସ୍କଲାର ହଷ୍ଟେଲ ମଧ୍ୟ ନିର୍ମାଣ ହୋଇଛି । କ୍ୟାଫେଟେରିଆ, ରାଧାକୁଣ୍ଡ, ଲ୍ୟାଣ୍ଡସ୍କେପିଂ, ଇଣ୍ଟରନାଲ୍ ରୋଡ୍ ଆଦି ରହିଛି । ଏହାକୁ ୨୦୨୪ ଜାନୁଆରୀ ୨୪ରେ ଲୋକାର୍ପଣ କରାଯାଇଥିଲା । ସେହି ବର୍ଷ ଫେବ୍ରୁୟାରୀ ମାସରୁ ନୂଆ କୋଠାରେ ପାଠପଢ଼ା ମଧ୍ୟ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟ କ୍ୟାମ୍ପସ ନିର୍ମାଣ ଲୋକାର୍ପଣ ସମୟରେ କୁହାଯାଇଥିଲା, ୬ ମାସ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ କ୍ୟାମ୍ପସର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଏଥିପାଇଁ ଡିଜାଇନ୍ ସହ ୫୦ କୋଟି ବ୍ୟୟ ବରାଦ ହୋଇଛି ଏବଂ ଟେଣ୍ଡର ସରିଛି । ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହେବା ପରେ କାମ ଆରମ୍ଭ ହେବ । ପ୍ରାୟ ସାଢ଼େ ୬ ଏକର ଜମିରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ ହେବ । ଏହି କ୍ୟାମ୍ପସ୍‌ରେ ଆଉ ଏକ ସ୍କୁଲ୍ ଅଫ୍ ଲର୍ଣ୍ଣିଂ ସେଣ୍ଟର, ହଷ୍ଟେଲ୍, କୁଳପତିଙ୍କ ବାସଭବନ, ଷ୍ଟାଫ୍ କ୍ୱାଟର୍ସ ଏବଂ କର୍ତ୍ତୃପକ୍ଷଙ୍କ ଆବଶ୍ୟକତା ଅନୁଯାୟୀ ଅନ୍ୟ କୋଠା ସବୁ ନିର୍ମାଣ ହେବ ବୋଲି ସୂଚନା ଦିଆଯାଇଥିଲା । ହେଲେ ନିର୍ମାଣ କାର୍ଯ୍ୟ ପାଇଁ ନିକଟରେ ଜମି ଅଧିଗ୍ରହଣ ପାଇଁ ଯେଉଁ ଯୋଜନା କରାଯାଇଥିଲା, ତାହା ବିଫଳ ହେଲା । ଫଳରେ ଏହି ପ୍ରକଳ୍ପ କାର୍ଯ୍ୟ ଏବେ ବନ୍ଦ ରହିଛି । କେବେ ଜମି ଅଧିଗ୍ରହଣ ହେବ ଏଠାରେ ପ୍ରକଳ୍ପ ଆରମ୍ଭ ହେବ ତାକୁ ନେଇ ଅନିଶ୍ଚିତତା ଦେଖିବାକୁ ମିଳିଛି । ବିଶ୍ୱବିଦ୍ୟାଳୟରେ ଖେଳ ପଡ଼ିଆ ଟିଏ ମଧ୍ୟ ନାହିଁ । ସରକାର ଏକ ଭାଷା ଭିତ୍ତିକ ବିଶ୍ୱବିଦ୍ୟାଳୟ ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଇନ, ୨୦୧୭ ଅଧୀନରେ ପୁରୀର ସତ୍ୟବାଦୀ ଠାରେ 'ଓଡ଼ିଆ ବିଶ୍ୱବିଦ୍ୟାଳୟ' ପ୍ରତିଷ୍ଠା କଲେ । ପଞ୍ଚସଖାଙ୍କ ବକୁଳ ବନ ପ୍ରାଙ୍ଗଣରେ ଏହାକୁ ପ୍ରତିଷ୍ଠା କରାଯାଇଛି । ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅଧ୍ୟୟନ ଓ ପ୍ରଚାର ପ୍ରସାର ହେବ । ବିଶ୍ୱବିଦ୍ୟାଳୟର ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଏଠାରେ ୧୩୦ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଓବିସିସିର ଜଣେ ଅଧିକାରୀ କହିଛନ୍ତି, ଜମି ଅଧିଗ୍ରହଣ ହୋଇପାରିଲା ନାହିଁ । ସେଥିରେ ସମସ୍ୟା ରହିଲା । ସେଥିଲାଗି ଏହି ପ୍ରକଳ୍ପ ବନ୍ଦ ହୋଇଯାଇଛି । ହୋଇଥିବା କିଛି ଟେଣ୍ଡରକୁ ମଧ୍ୟ ବାତିଲ କରାଯାଇଛି ।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com